

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

ଷଷ୍ଠ ପୁଷ୍ପ ❊ ଷଷ୍ଠ ପାଖୁଡ଼ା ❊ ଏକତ୍ରିଂଶତମ ସଂଖ୍ୟା (୩୧) ❊

ସମ୍ପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସମ୍ପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରକ ଓ ଅକ୍ଷରସଜ୍ଜା : ରସବ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧ ।

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❊ ଭକ୍ତି ପ୍ରେମାଞ୍ଜଳି : ପ୍ରତିଖଣ୍ଡ - ଏକବିଂଶ ମୁଦ୍ରାଞ୍ଜଳି ❊

✽ କେଶବାଦ : ଚତୁଶ୍ଚତ୍ୱାରିଂଶଦ୍ ✽ ଅଙ୍ଗଭେଟ ମାସ ✽ ରକ୍ଷାବନ୍ଧନ ପୂର୍ଣ୍ଣିମା ✽

# ପ୍ରବେଶ ପରିଚିତି

✽ ଷଷ୍ଠ ପୁଷ୍ପ ✽

ଷଷ୍ଠ ପାଖୁଡ଼ା

ଏକତ୍ରିଂଶତିତମ ସଂଖ୍ୟା (୩୧)

✣ ବୈଦିକ ପ୍ରାର୍ଥନା ✣

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ଚତୁର୍ଥ ମହକ, ଆବିର୍ଭାବ ମାସ, ଅପ୍ରେଲ-୨୦୧୫


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ବନ୍ଦନା : ଶ୍ରୀପଦ ପାଦୁକା ସ୍ତୁତି | ୧ |
| **ସିଂହଦ୍ୱାର** | |
| ଅଷ୍ଟପଦୀ ଚଉତିଶା | ୨ |
| **ମୁଖଶାଳା** | |
| ସମ୍ପାଦକୀୟ | ୩ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : ଶାନ୍ତି | ୫ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୭ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୮ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୫ |
| ବାଲ୍ୟକାରୁ ଧର୍ମଧନ ସଞ୍ଚିବି : | ୧୭ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୧୯ |
| ଜିଜ୍ଞାସା : ଜିଜ୍ଞାସୁ : | ୨୨ |
| **[illegible]** | |
| ସମ୍ଭବାମି ଯୁଗେ ଯୁଗେ | ୨୫ |
| କଲ୍ୟାଣ ଦେଲି ତୋତେ | ୨୮ |
| କେଶବ କୈବଲ୍ୟ କଣିକା | ୨୯ |
| **[illegible]** | |
| ଚରମର ସଂକେତ | ୩୧ |
| ପୂର୍ବସଂଖ୍ୟାରେ ପ୍ରକାଶିତ 'କବିତା'ର ବ୍ୟାଖ୍ୟା | ୩୪ |
| ପୂର୍ବସଂଖ୍ୟାରେ ପ୍ରକାଶିତ ଗଳ୍ପାଂଶରମୀମାଂସା ଖଣ୍ଡ | ୩୫ |
| ଉତ୍ସବ ପରିଚିତି | ୩୭ |
| ଆଶ୍ରମ ସନ୍ଦେଶ | ୪୫ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।

୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।

୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।

୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।

୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।


୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସମ୍ପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।<br>
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।<br>
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।<br>
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



ବନ୍ଦେ ଦେବଗୁରୁଂ ସୁକାନ୍ତିତନୟଂ ବନ୍ଦେ ଯଦୁନନ୍ଦନମ୍
ବନ୍ଦେଽଜ୍ଞାନହରଂ ସୁଶୋଭନବପୁଂ ବନ୍ଦେ ଜଗଦ୍‌କାରଣମ୍ ।
ବନ୍ଦେ ଗୈରିକ ଦୁକୁଳଂ ପରିହିତଂ ବନ୍ଦେ ଜଗଦ୍ ପାଳକମ୍
ବନ୍ଦେ ଭକ୍ତଗଣାଶ୍ରୟଂ ଚ ବରଦଂ ବନ୍ଦେ ପରମାତ୍ମନମ୍ ॥

## ମଙ୍ଗଳାଚରଣ

## ବନ୍ଦନା

### ଶ୍ରୀପଦ ପାଦୁକା ସ୍ତୁତି

ଶ୍ରୀପଦ ପାଦୁକା ବେନି ନୟନର ଜ୍ୟୋତି ।
ଶ୍ରୀପଦ ପାଦୁକା ବେନି ଅଗତିର ଗତି ॥
ଶ୍ରୀପଦ ପାଦୁକା ବେନି ରଙ୍କର ରତନ
ଶ୍ରୀପଦ ପାଦୁକା ବେନି ଜୀବନ ସ୍ପନ୍ଦନ ॥
ଶ୍ରୀପଦ ପାଦୁକା ଦ୍ୱୟ ଜୀବର ସାରଥି ।
ଶ୍ରୀପଦ ପାଦୁକା ଦ୍ୱୟ ସର୍ବକାଳ ସାଥି ॥
ଶ୍ରୀପଦ ପାଦୁକା ଦ୍ୱୟ ଯୋଗୀ ତପୋବନ ।
ଶ୍ରୀପଦ ପାଦୁକା ଦ୍ୱୟ ଲଲାଟ ଚନ୍ଦନ ॥
ଶ୍ରୀପଦ ପାଦୁକା ବେନି ସର୍ବଶକ୍ତିମୟ ।
ଶ୍ରୀପଦ ପାଦୁକା ଠାରେ ସ୍ଥିର କରଲୟ ॥

⁂

ଶ୍ରୀପଦ ପାଦୁକା ନିତ୍ୟ ଆନନ୍ଦ ନିଳୟ ।
ଶ୍ରୀପଦ ପାଦୁକା ସ୍ୱୟଂ ବୀଜମନ୍ତ୍ର ମୟ ॥
ଶ୍ରୀପଦ ପାଦୁକା ଠାରେ ସ୍ଥିର କଲେ ଲୟ ।
ଶ୍ରୀପଦ ପାଦୁକା କାଟେ ସର୍ବ ଭବଭୟ ॥
ଶ୍ରୀପଦ ପାଦୁକା ପାଦେ ଦିଅହୋ ଅଞ୍ଜଳି ।
ଶ୍ରୀପଦ ପାଦୁକା ବେନି ରଖିବେ ତୋ ଅଳି ॥
ଶ୍ରୀପଦ ପାଦୁକା ଠାରେ ଯାହାର ଶରଧା ।
ତା'ଙ୍କୁ ନଲାଗଇ କେବେ ଭବବନ୍ଧ ବାଧା ॥
ଶ୍ରୀପଦ ପାଦୁକା ବେନି ଭାବର ଭଣ୍ଡାର ।
ଶ୍ରୀପଦ ପାଦୁକା ଦ୍ୱୟ ନବଭକ୍ତି ଦ୍ୱାର ॥



ଶ୍ରୀପଦ ପାଦୁକା ଭାବ ଅକର୍ତ୍ତା ଶିଖାଏ ।
ଶ୍ରୀପଦ ପାଦୁକା ମନୁ ପଦବୀ ଭୁଲାଏ ॥
ଶ୍ରୀପଦ ପାଦୁକା ବେନି ପ୍ରକୃତି ପୁରୁଷ ।
ଶ୍ରୀପଦ ପାଦୁକା ରଚେ ନିତ୍ୟସତ୍ୟ ରାସ ॥
ଶ୍ରୀପଦ ପାଦୁକା ବେନି ଦୁର୍ବଳର ବଳ ।
ଶ୍ରୀପଦ ପାଦୁକା ଠାରେ ସର୍ବ ଶକ୍ତିଠୁଳ ।
ଶ୍ରୀପଦ ପାଦୁକା ପାଦେ ବାଢ଼ ହୋ ପ୍ରଣତି ।
ଶ୍ରୀପଦ ପାଦୁକା ଧାୟି ଦେଖ ଦିବ୍ୟଜ୍ୟୋତି ॥
ଶ୍ରୀପଦ ପାଦୁକା ହୃଦେ କର ଆଲିଙ୍ଗନ ।
ଶ୍ରୀପଦ ପାଦୁକା ବେନି କରଗୋ ଚୁମ୍ବନ ॥

⁂

ଶ୍ରୀପଦ ପାଦୁକା ବେନି ଭକ୍ତଭାବେ ବଶ ।
ଶ୍ରୀପଦ ପାଦୁକା ବାଣ୍ଛେ ଯୁଗର ନିର୍ଯ୍ୟାସ ॥
ଶ୍ରୀପଦ ପାଦୁକା ମାତା ପିତା ବନ୍ଧୁ ଭ୍ରାତା ।
ଶ୍ରୀପଦ ପାଦୁକା କଳି କଳୁଷର ତ୍ରାତା ॥
ଶ୍ରୀପଦ ପାଦୁକା ନିତ୍ୟ ରାଧା ନିତ୍ୟକୃଷ୍ଣ ।
ନିତ୍ୟରାସ ପାଇଁ ସଦା ହୁଅହୋ ସତୃଷ୍ଣ ॥
ଶ୍ରୀପଦ ପାଦୁକା ପାଦେ ଦାସର ମିନତି ।
ଶ୍ରୀପଦ ପାଦୁକା ଦିଅ ଶରଣର ଗତି ॥
ଶ୍ରୀପଦ ପାଦୁକା ପାଦେ ଅଂଜଳି ପ୍ରଣାମ ।
ଶ୍ରୀପଦ ପାଦୁକା ବିଜେ କର ହୃଦଧାମ ॥

⁂

ଶ୍ରୀପଦ ପାଦୁକା ସାକ୍ଷାତ୍ ଗୁରୁସ୍ୱାମୀ ମୋର ।
ଶ୍ରୀପଦ ପାଦୁକା ଭବ ବନ୍ଧନୁ ଉଦ୍ଧର ॥




## ଅଷ୍ଟପଦୀ ଚଉତିଶା

କଳିରୁ ଅନନ୍ତ ପଥ ଅତି ଅଜଣା
ପଥ ଭୁଲିଲେ ପଥିକ ହୋଇବୁ ବଣା...ରେ ମନ,
ହୋଇବୁ ବଣା ॥୦॥

ଜନମ ପରେ ଜନମ କେତେ ତୁ ନେଲୁ
ବିଭୁ ପାଦପଦ୍ମ ଥରେ ଚିନ୍ତା ନକଲୁ
ବୁଡ଼ିଗଲୁ ମାୟାଜଳେ ହୋଇ ଅଜଣା ॥୧॥

ଦଶମାସ ଜରାୟୁରେ ଟେକିଁ ରହିଲୁ
ବ୍ରହ୍ମପଦ ତଳେ କେତେ ଶପଥ କଲୁ
ଗରଭୁ ଆସି ଗରବେ ନକଲୁ ଗଣା ॥୨॥

ପିୟୁଷ ତେଜି ବାଉଳା ରକତ ପିଇ
କାମିନୀ କାଞ୍ଚନ ବିଷେ ଗଳୁରେ ଶୋଇ
କିଏ ସେ କେଉଁଠି ଅଛି ନଗଲା ଜଣା ॥୩॥

ଦିନବୁଡ଼ି ସଂଜ ଆସି ଉଭା ହେଲାଣି
କାଳ ଛଞ୍ଚାଣ ପର ତା' ମେଲି ଦେଲାଣି
ଟେକି ନେବ ଗୋପନରେ ନଥିବ ଜାଣ ॥୪॥

ସରିବ ସୁଖ ସଂସାର ଜନମ ତୋର
ଆପଣା ବୋଲୁ ଯାହାକୁ ହୋଇବେ ପର
ସରିଯିବ ମିଛଖେଳ ଘର କରଣା ॥୫॥

ଦେଖରେ ବାଉଳା ଥରେ ନୟନ ଖୋଲି
କରୁଣା ସାଗର ପ୍ରଭୁ 'ଚରମ' ମେଲି
ତୋ'ରି ପାଇଁ ଧରିଛନ୍ତି ତାରଣ ବାନା ॥୬॥

କେଶବ ତୁ ଶବ ନୋହୁଁ କେଶବସୁତ
ସେ ତୋହର ତୁ ତାହାର ବ୍ରହ୍ମଭକତ
ତା' ଚରଣ ରେଣୁ ପାଇ ହୁଅତୁ ଗଣା ॥୭॥

ସେ ତୋହର ପ୍ରଭୁ ତୁହି ତାହାରି ଦାସ
ତା'ର ପାଦପୀଠେ ତୋର ନିତ୍ୟନିବାସ
ତା'ର ଶୁଭନାମ ଜପ ତୋ'ର ଭରଣା ॥୮॥

# ମୁଖଶାଳା

## ସଂପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

ଭକ୍ତ ବାଞ୍ଛା କଳ୍ପତରୁ ଭଗବାନ ଶ୍ରୀଶ୍ରୀଶ୍ରୀ ଠାକୁର କୌଣସି ନିର୍ଦ୍ଦିଷ୍ଟ ରୂପରେ ବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧା ହୋଇ ନଥା'ନ୍ତି । ତାଙ୍କୁ ଭକ୍ତ ଯେଉଁ ରୂପରେ / ଯେଉଁ ସ୍ଥାନରେ ଚାହେଁ, ସେହି ରୂପରେ ବା / ଓ ସେହି ସ୍ଥାନରେ ଦେଖିପାରେ । ତୁଳସୀଦାସ ଜଗନ୍ନାଥଙ୍କ ମନରେ ଶ୍ରୀରାମଚନ୍ଦ୍ରଙ୍କୁ ଏବଂ ଶ୍ରୀଚୈତନ୍ୟ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଦେଖିଥିଲେ । ଠାକୁରେ ସବୁଜୀବ, ସବୁ ବସ୍ତୁ ମଧ୍ୟରେ ପୂରି ରହିଛନ୍ତି । ଭକ୍ତ ବତ୍ସଳ ଠାକୁରେ ସତରେ କେଉଁଠି ବିରାଜି ନାହାନ୍ତି । ପ୍ରଭୁଙ୍କର ଶ୍ରୀବିଗ୍ରହ, ଶ୍ରୀପାଦୁକା, ସନ୍ଦେଶପଥ ଏବଂ ଅର୍ଘ୍ୟଫଳରେ ମଧ୍ୟ ଠାକୁରେ ବିରାଜମାନ କରିଅଛନ୍ତି । ଭକ୍ତ ଚାହିଁଲେ, ଏସବୁ ମଧ୍ୟରୁ ବି ପ୍ରଭୁଙ୍କୁ ପାଇ ପାରିବ । ଏହି ଉପଲବ୍ଧି ଏବଂ ଅନୁଭୂତି ପାଇଁ ଲୋଡ଼ା କେବଳ ଭକ୍ତି । ତ୍ୟାଗରୁ ଭକ୍ତି ଜାତ ହୁଏ । ମନ ସଂଯମ କରି ଇନ୍ଦ୍ରିୟ ନିଗ୍ରହ ଓ ପ୍ରତ୍ୟାହାର ସ୍ତର ଅତିକ୍ରମ କଲେ ଯାଇ ତ୍ୟାଗ ସମ୍ଭବ ହୁଏ । ତ୍ୟାଗର ଫଳ ପାଚିଗଲେ ଆପେ ଆପେ ଭକ୍ତି ଜାତ ହୁଏ । ଅନ୍ତଃକରଣରେ ଭକ୍ତିଭାବ ଠୁଳ ହେଲେ, ଜୀବ ଭକ୍ତ ହୋଇଯାଏ । ଭକ୍ତର ବନ୍ଧୁ/ସଖା ହୋଇ ଯାଆନ୍ତି ଠାକୁରେ । ଠାକୁରେ କରୁଣା କରି ଭକ୍ତର ବାଞ୍ଛାକଳ୍ପତରୁ ହୋଇଯାଆନ୍ତି । ତେଣିକି ଭକ୍ତ ଯାହା ବାଞ୍ଛା କରେ, ତାହା ତତ୍କ୍ଷଣାତ୍ ଫଳବତୀ ହୁଏ । ଭକ୍ତ କ'ଣ ଏ ସ୍ତରରେ କୌଣସି ଭୌତିକ/ବୈଷୟିକ/ସାଂସାରିକ/ସ୍ୱାର୍ଥସମ୍ପନ୍ନ ବାଞ୍ଛା କରିପାରେ ? ନିଜ ପାଇଁ, ନିଜ ପରିବାର ପାଇଁ, ନିଜର ଭୋଗ ପାଇଁ ବା ନିଜର ପ୍ରାପ୍ତି ପାଇଁ ଏପରି ଅବସ୍ଥାରେ ପହଞ୍ଚିବା ପରେ ଭକ୍ତ କୌଣସି ବାଞ୍ଛା ମନକୋଣରେ ପୋଷଣ କରିପାରେ ନାହିଁ । ଯାହା କରେ ତାହା ପରାର୍ଥ ପାଇଁ, ପରମାର୍ଥ ପାଇଁ, ବିଶ୍ୱକଲ୍ୟାଣ ପାଇଁ, ଜଗତର ମଙ୍ଗଳ ପାଇଁ । ଭୋଗ ପାଇଁ ନୁହେଁ, ତ୍ୟାଗ ପାଇଁ । ଚରମ ତ୍ୟାଗ ପାଇଁ । ସେ ତ୍ୟାଗର ପଟାନ୍ତର ନାହିଁ । ତାହା ଅତୁଳନୀୟ ।

'ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ । ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ।।' (ଗୀତା-୪/୨୩) ଆସକ୍ତି ଶୂନ୍ୟ, ରାଗଦ୍ୱେଷାଦି ବିମୁକ୍ତ, ଆତ୍ମଜ୍ଞାନରେ ପ୍ରତିଷ୍ଠିତ ଚିତ୍ତ ଏବଂ ଯଜ୍ଞାର୍ଥ ଅର୍ଥାତ୍ ଠାକୁରଙ୍କର ଆରାଧନାର୍ଥ କର୍ମ ଆଚରଣକାରୀ ଭକ୍ତର ସମଗ୍ରକର୍ମ (କର୍ମଫଳ ସହିତ) ନଷ୍ଟ ହୋଇଯାଏ, ଏପରିକି ଏପ୍ରକାର ଅବସ୍ଥାରେ କ୍ରିୟମାଣ କର୍ମର କୌଣସି ସଂସ୍କାର ମଧ୍ୟ ରହେ ନାହିଁ । ସେହି କାରଣରୁ ଏହି କର୍ମର ବନ୍ଧନରେ ଜୀବ ବାନ୍ଧି ହୋଇ ରହେ ନାହିଁ । ପ୍ରେମମୟ ଠାକୁରଙ୍କର ଆରାଧନା ନିମିତ୍ତ କର୍ମକୁ ହିଁ ଯଜ୍ଞ କୁହାଯାଏ । ନିଷ୍କାମ ଭାବରେ ବିଶ୍ୱକଲ୍ୟାଣ ଓ ଜଗତର ମଙ୍ଗଳ ଏବଂ ଲୋକ ହିତକର କର୍ମ ଠାକୁରଙ୍କୁ ଅର୍ପଣ କରି କରାଗଲେ, ତାହା ଯଥାର୍ଥ ଯଜ୍ଞରେ ପରିଣତ ହୁଏ । ଠାକୁରଙ୍କୁ ଅର୍ପଣ କରି ସକଳ କୃତ ଶୁଭକର୍ମ ବାସ୍ତବ ଅର୍ଥରେ ହିଁ ଯଜ୍ଞ । 'କର୍ମ' ଶବ୍ଦର ଅର୍ଥ ଅତ୍ୟନ୍ତ ବ୍ୟାପକ ଓ ସୁଦୂର ପ୍ରସାରୀ । କର୍ମ ସମସ୍ତେ କରନ୍ତି, ସମସ୍ତେ କରୁଛନ୍ତି । ନିଷ୍କର୍ମା ହୋଇ କିଏ ରହିଛି ? ପ୍ରଭୁଙ୍କର ନାମ ଗୁଣଗାନ କରିବା ମଧ୍ୟ କର୍ମ । ଚିନ୍ତା କରିବା ମଧ୍ୟ କର୍ମ । ନିଃଶ୍ୱାସ ତ୍ୟାଗ କରିବା ମଧ୍ୟ କର୍ମ । ତେଣୁ ମୃତ୍ୟୁ ପର୍ଯ୍ୟନ୍ତ କର୍ମତ୍ୟାଗ କରିବାର ଉପାୟ ମଧ୍ୟ ନାହିଁ । ତେଣୁ, ଆମ ସମସ୍ତଙ୍କୁ କର୍ମ ଅବଶ୍ୟ କରିବାକୁ ପଡ଼ିବ । କିନ୍ତୁ, ଫଳ ଠାକୁରଙ୍କ ପାଦପଦ୍ମରେ ଅର୍ପଣ ମଧ୍ୟ କରିବାକୁ ପଡ଼ିବ । ଏ ପ୍ରକାର ସମର୍ପଣ ଭାବ ନିବିଡ଼ ନ ହେଲେ, ଭୋଗ ରୂପକ ରାକ୍ଷସ ନିଶ୍ଚିତ ଭାବରେ ଆମ ବେକ ମୋଡ଼ି ଅବଶ୍ୟ ମାରିବ । ଆମେ ପ୍ରତିଦିନ ସକାଳେ ଓ ସଞ୍ଜରେ ପ୍ରଭୁଙ୍କୁ ପ୍ରାର୍ଥନା ବୋଲି କହୁଁ - ''ସେହି ପଥେ ମୋତେ ନେଇ ଯାଅ ପ୍ରଭୁ, ଯେଉଁଠି କଲ୍ୟାଣ ହେବ । ସେହି ବୁଦ୍ଧି ମୋତେ ଦେଉଥାଅ ପ୍ରଭୁ, ଯହିଁରେ ମଙ୍ଗଳ ହେବ ।'' ଏହି ପ୍ରାର୍ଥନା ଆମେ କେବଳ ମୁହଁରେ ବୋଲୁଥାଇଁ, ଅନ୍ତରର ଭାବ ଆମର ସତରେ କ'ଣ ଏଭଳି ? ଆମେ ସତରେ କ'ଣ ଆମର ମଙ୍ଗଳ ଚାହୁଁଛୁ ନା ପ୍ରଭୁଙ୍କର କଲ୍ୟାଣ ଚାହୁଁଛୁ ? ଆମେ ଚାହୁଁ-ଆମର ଯେତେ ଅମଙ୍ଗଳ ବା ଅକଲ୍ୟାଣ ହେଉ ପଛକେ, ଆମକୁ

ଗୁଡ଼ାଏ ଧନସମ୍ପତ୍ତି ମିଳିଯାଉ, ଆମର ଦେହ ପା' ସବୁବେଳେ ସୁସ୍ଥ ରହୁ, ଆମ ପୁଅ ବଡ଼ ଚାକିରୀଟିଏ ପାଇଯାଉ, ଗୁଡ଼ାଏ ଟଙ୍କା ଚାକିରୀରୁ ଉପୁରୀରୁ ମାସକୁ ମାସ ଘରକୁ ବୋହି ଆଣୁ । ଆମ ଝିଅ ଭଲ ଘର, ଭଲ ବର ପାଇ ରାଜରାଣୀ ହୋଇ ରହିଥାଉ । ଆମର କିଛି ଦୁଃଖ କଷ୍ଟ, ଅଭାବ ଅସୁବିଧା ନରହୁ । ଆମକୁ ଉଚ୍ଚ ଉଚ୍ଚ ଆସନ ମିଳୁ । ବଡ଼ବଡ଼ ପଦପଦବୀ ମିଳିଯାଉ । ସମସ୍ତେ ଆମ ପାଦତଳେ ମୁଣ୍ଡ ଲଗାଇ ପ୍ରଣାମ କରି ପାଦଧୂଳି ନିଅନ୍ତୁ । ସବୁ ସୁଖ ଯାକ ଆମକୁ ପ୍ରାପ୍ତ ହେଉ । ଆମକୁ ଛାଡ଼ି ଆଉ ଏ ଜଗତରେ ଯେତକ ରହିଲେ, ସମସ୍ତେ ଦୁଃଖ ଯାତନାରେ ସଡ଼ି ଯାଆନ୍ତୁ । ଆମକୁ ଦେଖି ଅନ୍ୟ ସମସ୍ତେ ଶଙ୍କିତ ହୋଇ ଯାଆନ୍ତୁ । ଏହା ହିଁ ତ ଆମ ଅନ୍ତଃକରଣର ଗୋପନ ଭାଷା ନା ନୁହେଁ ?

''ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍ ସୁଖମ୍ । ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ।'' ଅର୍ଥାତ୍ ମୋହ ନିବୃତ୍ତି ଦ୍ୱାରା ବୁଦ୍ଧିର ସ୍ଥିରତା ଓ ବ୍ରହ୍ମରେ ସ୍ଥିତି କିପରି ଲାଭ କରାଯାଏ, ତାହା ଏଠାରେ ଭଗବାନ ଶ୍ରୀକୃଷ୍ଣ କହୁଅଛନ୍ତି । ବାହ୍ୟ ଇନ୍ଦ୍ରିୟ ବିଷୟରେ ଅନାସକ୍ତ ଚିତ୍ତ ବ୍ୟକ୍ତି ବ୍ରହ୍ମରେ ସମାହିତ ଅନ୍ତଃକରଣରେ ଉପଶମାତ୍ମକ ଯେଉଁ ସାତ୍ତ୍ୱିକଗୁଣାନ୍ୱିତ ସୁଖ, ତାହା ଲାଭ କରନ୍ତି । ତତ୍ପରେ ସେହି ବ୍ରହ୍ମଯୋଗଯୁକ୍ତାତ୍ମା ବ୍ରହ୍ମରେ ସମାଧିଯୋଗ ଦ୍ୱାରା ଆନନ୍ଦର ଭାଗୀ ହୁଅନ୍ତି ଓ ଅଖଣ୍ଡ ଶାନ୍ତି ଲାଭ କରନ୍ତି । ଅନାସକ୍ତାତ୍ମା ଏବଂ ବ୍ରହ୍ମଯୋଗଯୁକ୍ତାତ୍ମା ହିଁ ପ୍ରକୃତ ସନ୍ୟାସୀ । ଭଗବାନ ଠାକୁରଙ୍କ ଠାରେ ଯାହାର ମନପ୍ରାଣ ଅନ୍ତରାତ୍ମାଗତ ହୋଇଛି, ସେ ହିଁ ପ୍ରକୃତ ସନ୍ୟାସୀ । ପ୍ରକୃତ ସାଧୁ ସ୍ତ୍ରୀଲୋକମାନଙ୍କୁ ଐହିକ ଚକ୍ଷୁରେ ଦେଖନ୍ତି ନାହିଁ । ସାଂସାରିକ ଜୀବନରେ ସ୍ତ୍ରୀଲୋକ ତାଙ୍କ ନିକଟକୁ ଆସିଲେ, ତା'ଙ୍କୁ ମାତୃବତ୍ ଦେଖନ୍ତି । ସେ ରୂପର ପ୍ରଶଂସା କରନ୍ତି ନାହିଁ, ଗୁଣର ପ୍ରଶଂସା କରନ୍ତି । ଯେ କାମ-କାଞ୍ଚନ ତ୍ୟାଗୀ, ସେହି ପ୍ରକୃତ ଯୋଗୀ, ପ୍ରକୃତ ସାଧୁ । ସେ ସର୍ବଦା ଈଶ୍ୱର ଚିନ୍ତା କରନ୍ତି । ଠାକୁରଙ୍କ ପ୍ରସଙ୍ଗ ବ୍ୟତୀତ ଅନ୍ୟ ପ୍ରସଙ୍ଗରେ ସେ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ । ଏପରି ସାଧୁ ଆତ୍ମା, ସର୍ବଭୂତରେ ଠାକୁରେ ଅଛନ୍ତି ଓ ସର୍ବଜୀବରେ ଠାକୁରେ ବିରାଜମାନ କରିଅଛନ୍ତି ଜାଣି ସମସ୍ତଙ୍କୁ ସମାନଭାବରେ ଭଲ ପାଆନ୍ତି, ପ୍ରେମକରନ୍ତି, ଆଦର କରନ୍ତି । ତାଙ୍କର ପ୍ରେମ ଭୋଗରେ ନୁହେଁ, ତ୍ୟାଗର ଭିତ୍ତିଭୂମିରେ ପ୍ରତିଷ୍ଠିତ । ସେ ସ୍ୱାର୍ଥପର ନୁହଁନ୍ତି, ନିଃସ୍ୱାର୍ଥପର । ଏପରି ସଦାତ୍ମାଙ୍କର ମନ ଠାକୁରଙ୍କ ପାଖରେ ବାରଅଣା ଓ ଅନ୍ୟାନ୍ୟ କାର୍ଯ୍ୟରେ ଚାରିଅଣା । ଠାକୁରଙ୍କ ବିଷୟରେ ସେ ସର୍ବଦା ଅତ୍ୟନ୍ତ ସଚେତନ ।

''ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ କୁଶଳେ ନାନୁଷଜ୍ଜତେ । ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନ ସଂଶୟଃ ।।'' ସତ୍ତ୍ୱଗୁଣଯୁକ୍ତ, ମେଧାବୀ ଓ ଛିନ୍ନ ସଂଶୟ ପୂର୍ବୋକ୍ତ ସାତ୍ତ୍ୱିକ ତ୍ୟାଗୀପୁରୁଷ ଦୁଃଖକର କର୍ମରେ ମଧ୍ୟ ଦ୍ୱେଷ କରନ୍ତି ନାହିଁ । ତଦ୍ରୂପ ସୁଖକର କର୍ମରେ ମଧ୍ୟ ଆସକ୍ତ ହୁଅନ୍ତି ନାହିଁ । ଅର୍ଥାତ୍ ରାଗଦ୍ୱେଷରୁ ବିମୁକ୍ତ ରହି କେବଳ କର୍ତ୍ତବ୍ୟ ବୋଧରେ କର୍ମ କରିଥାଆନ୍ତି । ଯେହେତୁ ଦେହାଭିମାନୀ ବ୍ୟକ୍ତି ପକ୍ଷରେ ନିଃଶେଷରେ ସର୍ବବିଧ କର୍ମତ୍ୟାଗ ସମ୍ଭବ ନୁହେଁ, ଅତଏବ ଯେ କର୍ମକରି ମଧ୍ୟ କର୍ମଫଳର ବାସନା ତ୍ୟାଗ କରିଅଛନ୍ତି, ସେ ହିଁ ପ୍ରକୃତ ତ୍ୟାଗି ବୋଲି କଥିତ । ଯେଉଁମାନେ କର୍ମଫଳ ତ୍ୟାଗକରନ୍ତି ନାହିଁ, ସେହି ସନ୍ୟାସୀ ବ୍ୟକ୍ତିଗଣ ନିଜ ନିଜ କର୍ମାନୁସାରେ ମୃତ୍ୟୁପରେ ଅନିଷ୍ଟ (ନାରକିତ୍ୱ), ଇଷ୍ଟ (ଦେବତ୍ୱ) ବା ଇଷ୍ଟାନିଷ୍ଟ ମିଶ୍ର (ମାନବଜନ୍ମ)- ଏହି ତିନିପ୍ରକାର ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକାର ଫଳ ଅବଶ୍ୟ ଲାଭ କରନ୍ତି । କିନ୍ତୁ ସନ୍ୟାସୀମାନଙ୍କର ଅର୍ଥାତ୍, ଯେଉଁମାନେ କର୍ମଫଳ ତ୍ୟାଗକରି କର୍ମ କରନ୍ତି ବା ଯେଉଁମାନେ ସାତ୍ତ୍ୱିକ କର୍ମାନୁଷ୍ଠାନର ଫଳସ୍ୱରୂପ ଦେହାତ୍ମବୁଦ୍ଧି ରହିତ ହୋଇ ଜ୍ଞାନ ଲାଭ କରିଅଛନ୍ତି, ସେମାନଙ୍କର କେବେ ମଧ୍ୟ ଏହିପରି କର୍ମଫଳ ଭୋଗ କରିବାକୁ ପଡ଼େ ନାହିଁ, ସେମାନେ ଚିରମୁକ୍ତ ହୋଇ 'ଚରମପ୍ରାପ୍ତି' ଲାଭ କରନ୍ତି । ତେଣୁ ତ୍ୟାଗର ମହତ୍ତ୍ୱ ଉପରେ ଠାକୁରେ ସର୍ବଦା ଗୁରୁତ୍ୱ ଆରୋପ କରିଅଛନ୍ତି । ତ୍ୟାଗ ଉପରେ ଭକ୍ତି ପ୍ରତିଷ୍ଠିତ ହୁଏ । ଭକ୍ତି ସହିତ ମୁକ୍ତି ଏକାକାର ଅଟେ । ତେଣୁ ମୁକ୍ତି ଇଚ୍ଛୁକ ମୁମୁକ୍ଷୁମାନେ ସର୍ବଦା ଓ ସର୍ବଥା ତ୍ୟାଗପଥର ଯାତ୍ରୀ ହେବା ବାଞ୍ଛନୀୟ । ତ୍ୟାଗ ମାଧ୍ୟମରେ ହିଁ ଠାକୁରଙ୍କୁ ନିର୍ଭୁଲ ଭାବରେ ଉପଲବ୍ଧି କରିବା ସମ୍ଭବ ବୋଲି ଆମେ ଦୃଢ଼ତାର ସହିତ ବିଶ୍ୱାସ କରୁ ।

ଅଳମତି ବିସ୍ତେରଣ । ଓମିତି ନମସ୍କାରାନ୍ତେ -

ଶ୍ରୀ କେଶବ ସମର୍ପଣମସ୍ତୁ ।।

କେଶବଦାସ,

ସଂପାଦକ, ''ଚରମ''

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## 'ଶାନ୍ତି'

''ଓଁ ଦ୍ୟୌଃ ଶାନ୍ତିଃ, ଅନ୍ତରୀକ୍ଷଃ ଶାନ୍ତିଃ, ବନସ୍ପତୟେ ଶାନ୍ତିଃ, ଔଷଧୟ ଶାନ୍ତିଃ, ପୃଥିବୀ ଶାନ୍ତିଃ, ଆପଃ ଶାନ୍ତିଃ, ଶାନ୍ତିରେବ ଶାନ୍ତିଃ।'' ଏହି ବେଦୋକ୍ତ ମନ୍ତ୍ରରେ କେବଳ ଶାନ୍ତି କାମନା ଓ ଶାନ୍ତି ପାଇଁ ପ୍ରାର୍ଥନା କରାଯାଇ ବିଶ୍ୱ କଲ୍ୟାଣ ଓ ଜଗତର ମଙ୍ଗଳ ବାଞ୍ଛା ହିଁ କରାଯାଇଅଛି । ଏହା ବିଶ୍ୱ ପ୍ରେମର ସର୍ବଶ୍ରେଷ୍ଠ ନମୁନା ।

ଶାନ୍ତି ସମସ୍ତେ କାମନା କରନ୍ତି । କେବଳ କାମନା କରିଦେଲେ ଯେ କାମ୍ୟ ବସ୍ତୁ ଲାଭ କରାଯାଏ, ତାହା ନୁହେଁ । ସେଥିପାଇଁ ନିଷ୍ଠାର ସହିତ ଉଦ୍ୟମ ମଧ୍ୟ କରାଯାଏ । ଉଦ୍ୟମ ବିନା ପ୍ରାପ୍ତି ନାହିଁ । ପୁଣି ଉଦ୍ୟମ ଆନ୍ତରିକତାର ସହିତ କରିବାକୁ ହୁଏ । ତା' ନ ହେଲେ ଫଳପ୍ରାପ୍ତି ସମ୍ଭବ ହୋଇ ନପାରେ । ବେଦ ଅପୌରୁଷେୟ ବୋଲି କଥିତ ବୈଦିକ ଯୁଗରେ ଓ ତତ୍‌ପରବର୍ତ୍ତୀ ସମୟରେ ମୁନିଋଷିମାନେ ହୃଦୟର ଦିବ୍ୟଭାବାସ୍ଥାରୁ ବୈଦିକ ମନ୍ତ୍ର ମାଧ୍ୟମରେ ମାନବ ସମାଜର ସାମୂହିକ କଲ୍ୟାଣ ଓ ମଙ୍ଗଳ ନିମନ୍ତେ ବିଶ୍ୱପିତାଙ୍କୁ ପ୍ରାର୍ଥନା କରୁଥିଲେ । ସେମାନଙ୍କର ଭଗବଦ୍ ପ୍ରେମ ଥିଲା ପ୍ରଗାଢ଼, ବିଶ୍ୱପ୍ରେମ ଥିଲା ନିବିଡ଼ । ମାନବିକ ସମ୍ବେଦନ ଶୀଳତାରେ ସେମାନଙ୍କର ଅନ୍ତର ଶୁଚିସ୍ନାତ ଥିଲା । ସେମାନଙ୍କର ପ୍ରେମ ତ୍ୟାଗର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଥିଲା । ସେମାନେ ଥିଲେ ପ୍ରକୃତ ଅର୍ଥରେ ନିଃସ୍ୱାର୍ଥପର । ସ୍ୱାର୍ଥ ନୁହେଁ, ପରାର୍ଥ ପାଇଁ, ଭୋଗ ନୁହେଁ, ତ୍ୟାଗ ପାଇଁ ସେମାନେ ଜୀବନ ଧାରଣ କରି ପୃଥିବୀକୁ ପବିତ୍ର କରିପାରିଥିଲେ । ତେଣୁ ଶାନ୍ତି ପାଇଁ ସେମାନଙ୍କର ବେଦୋକ୍ତ ପ୍ରାର୍ଥନା ଫଳବତୀ ହୋଇ ପାରିଥିଲା । ସେହି ମହାନ୍ ଆତ୍ମାମାନଙ୍କର ତ୍ୟାଗର ଫଳ ଏ ଜଗତ ଭୋଗ କରି ଶାନ୍ତିରେ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସାମ୍ପ୍ରତିକ ସମାଜ ଓ ସାମାଜିକ ବ୍ୟବସ୍ଥା ବହୁ ପରିବର୍ତ୍ତନ ମଧ୍ୟଦେଇ ଗତି କରି ଆସିଛି । ଏବର ସାମାଜିକ ବିଧି ବ୍ୟବସ୍ଥାରେ ଓ ସାମାଜିକ ଜୀବନରେ ଶାନ୍ତି କେବଳ ଏକ ଆଭିଧାନିକ ଶବ୍ଦରେ ହିଁ ପର୍ଯ୍ୟବସିତ ହୋଇ ରହିଯାଇଛି । ଶାନ୍ତି ଆମେ ସମସ୍ତେ କାମନା କରୁଛୁ, ମାତ୍ର ପ୍ରକୃତ ଶାନ୍ତି ଆମ ମଧ୍ୟରୁ କେତେ ଜଣ ପାଇ ପାରିଛନ୍ତି ? ସ୍ୱାର୍ଥପରତା ଓ ବ୍ୟକ୍ତିକୈନ୍ଦ୍ରିକତାର ଅନ୍ଧଗଳିରେ ଆମେ ଉର୍ଦ୍ଧ୍ୱଶ୍ୱାସ ହୋଇ ଧାଇଁଛୁ, ପଥବଣା ହୋଇଯାଇଛୁ । ତେଣୁ ଶାନ୍ତିଠାରୁ ଆମେ ବହୁତ ଦୂରରେ, ଶାନ୍ତି ଆମର ଅପହଞ୍ଚରେ ରହିଯାଇଛି । ଆଜି ଶାନ୍ତି ବୋଲି ଯାହାକୁ ଆମେ ଆଲିଙ୍ଗନ କରୁଛୁ, ତାହା କେବଳ ଅଶାନ୍ତିର ଅଗ୍ନିଚକ୍ର ନୁହେଁ ତ ଆଉ କ'ଣ ? ବ୍ୟକ୍ତିଗତ ଜୀବନରେ ଶାନ୍ତି ଯେଉଁଠି ସୁଦୂର ପରାହତ, ସେଠାରେ ଦାମ୍ପତ୍ୟ ଜୀବନରେ, ପାରିବାରିକ ଜୀବନରେ, ସାମାଜିକ ଜୀବନରେ ଶାନ୍ତି ପାଇଁ ଅନ୍ୱେଷଣ ସଂପୂର୍ଣ୍ଣ ଅଯଥାର୍ଥ ଓ ଅଯୌକ୍ତିକ । ବିଶ୍ୱଶାନ୍ତି ସଂପର୍କରେ ନ କହିବା ହିଁ ଭଲ ।

ଶାନ୍ତି ଏକ ମାନସିକ ଅବସ୍ଥା । ଏହା ଏକ ଅନିର୍ବଚନୀୟ ଭାବ । ଏହା ଏକ ଦିବ୍ୟ ଅନୁଭୂତି ଏବଂ ମଧୁର ଅଭିବ୍ୟକ୍ତି । ଅନ୍ତଃକରଣରୁ ଉଦ୍‌ଭବ ହୋଇଥିବା ଏକ ପ୍ରେମାନନ୍ଦ ସୂକ୍ଷ୍ମଭାବ । ମାନବିକ ସମ୍ବେଦନଶୀଳତାର ପ୍ରାଣପ୍ରାଚୁର୍ଯ୍ୟରେ, ବିଶୁଦ୍ଧ ଚିନ୍ତନର ଏକ ଦିବ୍ୟ ଉଲ୍ଲାସରେ, ବିଶ୍ୱପ୍ରାଣ ଅବସ୍ଥାରେ, ନିଃସ୍ୱାର୍ଥ ଭାବନାରେ, ଶୁଦ୍ଧ ଆଚରଣରେ, ବ୍ୟକ୍ତିଗତ ନିସ୍ତବ୍ଧତା, ନିଶ୍ଚଳତା, ନୀରବତା, ସ୍ଥିରତା, ଉଦାସୀନତା, ବିସ୍ତୃତ ଉଦାରତା ଆଦିରେ ଶାନ୍ତି ରୂପକ ମଧୁର ଫଳର ନିଦାନବୀଜ ଯେ ନିହିତ ଏହା ଅସ୍ୱୀକାର କରାଯାଇ ପାରେନା । ଶତ୍ରୁତାର ବିନାଶ କରି ମିତ୍ରତାର ମିଳନଭୂମି ପ୍ରସ୍ତୁତି, କାମନାର ବିନାଶ କରି ନିଷ୍କାମତାର ତପୋବନ ପ୍ରତିଷ୍ଠା, ବିପର୍ଯ୍ୟୟର ଦୂରୀକରଣ କରି ଅଭ୍ୟୁଦୟର ପୀଠ ନିର୍ମାଣରେ ହିଁ ଶାନ୍ତିର ବୀଜ ରୋପଣ କରାଯାଇପାରେ, ନତୁବା ନାହିଁ । ଉପନିଷଦ୍‌ର ବାଣୀ : 'ଆନନ୍ଦେନ ଚ ଜାୟନ୍ତେ । ଆନନ୍ଦେନ ବିଲୀୟନ୍ତେ ।।' ଅର୍ଥାତ୍ ଆନନ୍ଦରୁ ହିଁ ଜୀବର ସୃଷ୍ଟି, ପୁଣି ଆନନ୍ଦରେ ହିଁ ତାର ବିଲୟ ।

ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!! ପ୍ରତ୍ୟେକ କର୍ମାନୁଷ୍ଠାନ ଶେଷରେ ତିନିଥର 'ଶାନ୍ତି' ଉଚ୍ଚାରଣର ତାତ୍ତ୍ୱିକ ତାତ୍ପର୍ଯ୍ୟ ରହିଛି । ପ୍ରତ୍ୟେକ ଜୀବ ପିଣ୍ଡରେ ତିନିଗୋଟି ସ୍ତରରେ ତିନୋଟି ଶରୀର ବିଦ୍ୟମାନ । ଗୋଟିଏ ପଞ୍ଚଭୂତର ସ୍ଥୂଳ ଶରୀର । ଅନ୍ୟ ଗୋଟିଏ ମନ, ଇନ୍ଦ୍ରିୟ ଓ ସଂସ୍କାର ଗଠିତ ସୂକ୍ଷ୍ମ ଶରୀର ଏବଂ ଶେଷଟି ହେଉଛି

ଆତ୍ମା ବା କାରଣ ଶରୀର । ପ୍ରଥମ ଶାନ୍ତି ଉଚ୍ଚାରଣରେ ସ୍ଥୂଳ ଶରୀରର ଦୈହିକ ଶାନ୍ତି ପାଇଁ, ଦ୍ୱିତୀୟରେ ସୂକ୍ଷ୍ମ ଶରୀରର ମାନସିକ ଶାନ୍ତି ପାଇଁ ଏବଂ ତୃତୀୟତଃ କାରଣ ଶରୀରର ଆତ୍ମିକ ଶାନ୍ତି ପାଇଁ ପ୍ରାର୍ଥନା କରାଯାଏ । ଏହିପରି ଭାବରେ ଶାନ୍ତିର୍ବଚନ ମନ୍ତ୍ରର ତାତ୍ତ୍ୱିକ ଅର୍ଥ ଭଲରୂପେ ବୁଝି ଆମେ ପ୍ରତ୍ୟେକ ନିଜ ନିଜର ଶାରୀରିକ, ମାନସିକ ଓ ଆତ୍ମିକ ଶାନ୍ତି ପ୍ରତିଷ୍ଠାରେ ସୁନିପୁଣ ହୋଇ ପାରିଲେ, ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ ଆଦି ଆମ୍ଭମାନଙ୍କ ଜୀବନ ବଳୟର ପ୍ରତି ସ୍ତରରେ ଅଖଣ୍ଡ ଶାନ୍ତି ପ୍ରତିଷ୍ଠିତ ହୋଇ ପାରିବ । ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ମଧ୍ୟ ଆମ ହାତ ପହଞ୍ଚରେ ପହଞ୍ଚି ଯାଇପାରିବ ।

ସାଷ୍ଟାଙ୍ଗ ପ୍ରଣାମ ଅଭ୍ୟାସ ଦ୍ୱାରା ସହଜ ଉପାୟରେ ଅଷ୍ଟାଙ୍ଗ ଯୋଗାଭ୍ୟାସ ସାଧନ ବଳରେ ସଂଶୟାତ୍ମକ୍ ମନକୁ ନିରୋଧ କରି ପ୍ରତ୍ୟାହାର ସ୍ତରରେ ପ୍ରବୃତ୍ତି ମାର୍ଗକୁ ପରିତ୍ୟାଗ ପୂର୍ବକ ନିବୃତ୍ତି ମାର୍ଗରେ ପରଚାଳିତ ହୋଇ ସହିଷ୍ଣୁତା, ଧୈର୍ଯ୍ୟ, ପ୍ରେମ, ଦୟା, କ୍ଷମା, ନିସ୍ୱାର୍ଥପରତା, ସମଦୃଷ୍ଟି, ସମବିଚାର ଆଦି ଚରିତ୍ରଗତ ଆଚରଣରେ ଫୁଟାଇ ପାରିଲେ, ପୂର୍ବୋକ୍ତ ତ୍ରିସ୍ତରୀୟ ଶାନ୍ତି ଲାଭ ସମ୍ଭବ । ଏହା ବ୍ୟତୀତ ଅନ୍ୟସହଜ ସରଳ ସୁଗମ ପଥ ଆଉ ନାହିଁ । ତନ୍ନତନ୍ନ କରି ପରୀକ୍ଷା କରି ଦେଖିଲେ ବୋଧ ହୁଏ ଯେ, ଶାନ୍ତି କେବଳ ବ୍ୟକ୍ତିଗତ ନୁହେଁ । ଏହା ସର୍ବଦୌ ସମଷ୍ଟିଗତ । ମୁଁ ନିଜେ ଶାନ୍ତିରେ ବଞ୍ଚିବାକୁ ଚାହେଁ, ମାତ୍ର ଅନ୍ୟର ଶାନ୍ତି ପାଇଁ ମୋର କିଛି କର୍ତ୍ତବ୍ୟ ନାହିଁ, ଅନ୍ୟର ଶାନ୍ତି ଭଙ୍ଗ କରି ମୁଁ ନିଜର ଶାନ୍ତି ପ୍ରତିଷ୍ଠା କରିବାକୁ ଇଚ୍ଛୁକ । ଏହା ସଂପୂର୍ଣ୍ଣ ଭ୍ରମାତ୍ମକ ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି । ନିଜେ ପ୍ରକୃତରେ ଶାନ୍ତି ପାଇବା ପାଇଁ ଅନ୍ୟ ସମସ୍ତଙ୍କର ଶାନ୍ତି ପ୍ରତି ମଧ୍ୟ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହିଁ ହେବ । ପ୍ରେମମୟ ଠାକୁରଙ୍କର ଚଳଣିରୁ ଅନ୍ତତଃ ଆମେ ପ୍ରତ୍ୟେକ ଏତିକି ଶିକ୍ଷା କରିବା ପ୍ରଥମ ଓ ପ୍ରଧାନ ସାଧନା ହେଉ । ଏତିକି ସାଧନ କରିପାରିଲେ, ଆମ ପାଇଁ ଶାନ୍ତିର ସୁବିସ୍ତୃତ ପଥ ଖୋଲିଯିବ ।

'ସର୍ବେ ଭବନ୍ତୁ ସୁଖିନଃ' ବୋଲନ୍ତୁ କି 'ଲୋକାଃ ସମସ୍ତା ସୁଖିନୋ ଭବନ୍ତୁ' ବୋଲନ୍ତୁ ପ୍ରତ୍ୟେକଟି ବେଦମନ୍ତ୍ରରେ ସାମଗ୍ରିକ ଭାବରେ ବିଶ୍ୱଶାନ୍ତିର ମହାନବାର୍ତ୍ତା ପ୍ରଖ୍ୟାପିତ ହୋଇଅଛି । ବୈଦିକଯୁଗରୁ ମୁନିଋଷିମାନେ ବେଦ, ବେଦାନ୍ତ, ଉପନିଷଦାଦିର ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ବିଶ୍ୱପ୍ରେମରେ ନିଃସ୍ୱାର୍ଥପର ଭାବରେ ନିମଗ୍ନ ହୋଇ ବିଶ୍ୱ ଶାନ୍ତି ହିଁ କାମନା କରିଯାଇଅଛନ୍ତି । ଅଥର୍ବବେଦରେ ଏକ ମର୍ମସ୍ପର୍ଶୀ ମନ୍ତ୍ରବାକ୍ୟରେ ସୁନ୍ଦର ଭାବରେ ଉଲ୍ଲେଖ ଅଛି - ସମସ୍ତେ ସମସ୍ତଙ୍କର ମିତ୍ର ହୁଅନ୍ତୁ, କାହାରି ସହିତ ଅନ୍ୟ କାହାରି ଶତ୍ରୁତା ନ ରହୁ । ଆମେ ଆମର ଅପରିଚିତମାନଙ୍କ ଠାରୁ ନିର୍ଭୟରେ ରହୁ, ଦିନରେ ବା ରାତିରେ ଆମର ଭୟ ନ ରହୁ, ଆମ ସମସ୍ତଙ୍କ ହୃଦୟରେ ସର୍ବବ୍ୟାପୀ ଏକତ୍ୱ ଭାବର ଉଦ୍ରେକ ହେଉ ଏବଂ ସମଗ୍ର ପୃଥିବୀରେ ଅଖଣ୍ଡ ଶାନ୍ତି ପ୍ରତିଷ୍ଠିତ ହେଉ ।'

ଶାନ୍ତି ଆମ ସମସ୍ତଙ୍କ ପାଇଁ ଜୀବନ ଦେବତା ଠାକୁରଙ୍କର ସବୁଠାରୁ ମୂଲ୍ୟବାନ ଉପହାର । ସେ ଆମ ପ୍ରତ୍ୟେକଙ୍କ ଭିତରେ ଶାନ୍ତିର ଉତ୍ସ ଗୋପନରେ ସାଇତି ରଖିଦେଇଛନ୍ତି । ସେହି ଅନ୍ତରସ୍ଥ ଶାନ୍ତି ହିଁ ପ୍ରକୃତ ଆନନ୍ଦ ପ୍ରଦାନ କରି ଆମକୁ ତାଙ୍କର (ଠାକୁରଙ୍କର) ନିକଟବର୍ତ୍ତୀ କରିପାରେ । ଏତାଦୃଶ ପ୍ରକୃତ ଶାନ୍ତି ସେତେବେଳେ ମିଳେ, ଯେତେବେଳେ ଆମେ ସୁଖଦୁଃଖ, ନିନ୍ଦା ପ୍ରଶଂସା, ଲାଭକ୍ଷତି ଇତ୍ୟାଦି ସବୁ କ୍ଷେତ୍ରରେ ସମଭାବାପନ୍ନ ହୋଇପାରିବା । ଠାକୁରେ ଅୟମାରମ୍ଭରୁ ଶାନ୍ତିର ମହାନତା ଉଦ୍‌ଘୋଷଣା କରି ଆସିଛନ୍ତି । ଆମେ ଏ ଯାବତ୍ ଏହି ତତ୍ତ୍ୱ ବୁଝି ନପାରି ବାରମ୍ବାର ତାଙ୍କ ପାଦପଦ୍ମରେ 'ଆ-ଶା' ପାଇଁ ପ୍ରାର୍ଥନା କରୁଛୁ । ସେ କିନ୍ତୁ ସ୍ଥିର ଅବିଚଳିତ ଭାବରେ ଆମକୁ 'ନି-ରା-ଶ) ବିତରଣ କରୁଛନ୍ତି । ମୂଢ଼ ଜଡ଼ ଆମେ, ଅଜ୍ଞାନତାବଶତଃ ତାଙ୍କ ପ୍ରଦତ୍ତ କରୁଣା ଓ କଲ୍ୟାଣକୁ ଆମେ ଧାରଣା କରିପାରୁନାହୁଁ । ସୁମିଷ୍ଟ ରସଗୋଲାକୁ ଛାଡ଼ି ଶୁଖିଲା ଗୁଲୁଗୁଲା ପାଇଁ ହାତ ପାତି ଅଳି କରୁଛୁ । ସତରେ କି ନିର୍ବୋଧ ଆମେ । ଦୁଇ ହାତରେ ମୁଠାଇ ଧରିଛୁ ବିଷୟାବିଷ ! ସେ କରୁଣାସାଗର ଆମକୁ ଯେଉଁ ନିତ୍ୟଶାନ୍ତି ଦେଉଛନ୍ତି ତାହା ଧରିବାକୁ ଆଉ ଆମର ହାତ ଅଛି ନା ହାତରେ ଧାରଣ କରିବାର ସ୍ଥାନ ଅଛି ?? ତେଣୁ ଯାହାସବୁ ଆମର ହୋଇଅଛି, ତାକୁ ତ୍ୟାଗ କରିବା ତାଙ୍କର ପବିତ୍ର ପଦ୍ମପାଦ ପୀଠରେ ।

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

ତତ୍କାଳୀନ ଓଡ଼ିଶାର ବିପୁଳ ଜନସମୁଦାୟର ପ୍ରିୟତମ ତ୍ରାଣକର୍ତ୍ତା ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ସ୍ୱୀୟ ଆତ୍ମିକ ବୈଶିଷ୍ଟ୍ୟରେ ଜାତିବର୍ଣ୍ଣହୀନ ଧାର୍ମିକ ସମାଜର କେବଳ ତ୍ରାଣକର୍ତ୍ତା କିମ୍ବା କେନ୍ଦ୍ରବିନ୍ଦୁ ନଥିଲେ, ତାଙ୍କର ନିର୍ଲିପ୍ତ ବ୍ୟକ୍ତିତ୍ୱ ପ୍ରାୟ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲା । ମହାପୁରୁଷଙ୍କର ରଚନାରେ ବହୁ ଭାବରେ ଭଜନ ଉପାସନାର ସ୍ୱାତନ୍ତ୍ର୍ୟ ଓ ନୂତନ ରହସ୍ୟ ଉଦ୍‌ଘାଟିତ ହୋଇପାରିଛି । ଏହା ତାଙ୍କୁ ତତ୍କାଳୀନ ଅନ୍ୟ ସମସ୍ତ ସାଧକ/ପ୍ରଚାରକଙ୍କଠାରୁ ସ୍ୱତନ୍ତ୍ର ଓ ପୃଥକ ରଖିପାରିଛି । ଏତାଦୃଶ ଭାବଧାରା ସମ୍ବଳିତ ଏକ ସୁନିର୍ବାଚିତ କବିତା ଅଚ୍ୟୁତଙ୍କ ରଚନାରୁ 'ଚରମ'ର ଷଷ୍ଠପୃଷ୍ଠର ଷଷ୍ଠ ପାଖୁଡ଼ାରେ ପାଠକ/ପାଠିକାମାନଙ୍କର ପ୍ରାତ୍ୟର୍ଥେ ପରିବେଷିତ ହୋଇଅଛି ।

## ଅଚ୍ୟୁତଙ୍କ ଲେଖନୀରୁ

### [illegible]

ବାଇ ମନରେ ବସି ଅବନା ବନ ।
ଅବନା ବନିଲେ ଅମାପ ମାପିବୁ
ବିଦ୍ୟା ଯେ ତୋହର ହୋଇବ ଧନ୍ୟ ॥୦॥
ଅମାସ୍ୟା ନିଶିରେ ଷୋଳକଳା ଚନ୍ଦ୍ର
ସର୍ବଦା ନିଶିରେ ଚନ୍ଦ୍ର ଦର୍ଶନ ।
ଅହର୍ନିଶ ଯହିଁ ପ୍ରଦୀପ ଜଳଇ
ଦୀପ ତେଜେ ଅଣଚାଶ ପବନ ॥୧॥
ଅଣାକାର ଘରେ ନାମ ସଂକୀର୍ତ୍ତନ
ଶବଦରେ ନାହିଁ ହରି ଭଜନ ।
ଶହେ ଛୁଆ ଘେନି ହରିଣୀ ଶୋଇଛି
ବ୍ୟାଘ୍ର ଆଣି ତା'କୁ ଦିଏ ଭୋଜନ ॥୨॥
ନିର୍ଝର କନ୍ଦରେ ପହଁରୁଛି ହଂସ
ଅଥଳ ଜଳେ ହରିଣୀ ଆସନ ।
ଚାରିମେଘ ଘୋଟି କଲେ ଜଳବୃଷ୍ଟି
ମରୁଡ଼ିରେ କୃଷି ହେଲା ଦହନ ॥୩॥
ଶୂନ୍ୟରେ ଶୂନ୍ୟରେ ଦେଉଳ ହୋଇଛି
ଦେଉଳ ଗୋଟିକ ଜଳେ ନିର୍ମାଣ ।
ଯେମନ୍ତ ଦେଉଳ ବିନ୍ଧାଣୀ ଗଢ଼ିଛି
ଅମ୍ଭୁହାଁ ଦେଉଳେ ଦିଅଁ ଦର୍ଶନ ॥୪॥
ନିର୍ଧନର ଘର ବୋହିନେଲେ ଚୋର
ବାଟରେ ବସି କରନ୍ତି ରୋଦନ ।
ଧରାଗଲେ ଚୋର ହୋଇବୁ ଅମର
କହଇ ଅଚ୍ୟୁତ ମୂଢ଼ ଅଜ୍ଞାନ ॥୫॥



# ପୁରାଣ ପୁଷ୍କର

## ଗଳ୍ପାଂଶ

ପୁରାଣ ସ୍ମୃତି ମଧ୍ୟରେ ପ୍ରଧାନ ଏବଂ ଶ୍ରୁତି ପରି ପ୍ରତ୍ୟକ୍ଷ ପ୍ରମାଣ ମଧ୍ୟ । ଏହା ଭାରତୀୟ ବୀରଯୁଗର କ୍ଷାତ୍ର ପରମ୍ପରାର କେବଳ ଚଳିଷ୍ଣୁ ବାହକ ନୁହେଁ, ମାନବିକ ଧର୍ମ ଓ ସଭ୍ୟତାର ଦର୍ଶନର ପ୍ରବକ୍ତା ମଧ୍ୟ । ପୁରାଣ ଶ୍ରୁତି ପରି ଅପୌରୁଷେୟ ନୁହେଁ । ଏହା ମଣିଷର ସୀମାବଦ୍ଧ ପରିବର୍ତ୍ତନଶୀଳ ମତି ଓ ବୁଦ୍ଧିର ସୃଷ୍ଟି । ପୁରାଣ ପ୍ରାକ୍ ବିଜ୍ଞାନଯୁଗର ବିଜ୍ଞାନ ଜ୍ଞାନକୋଷ, ପ୍ରଜ୍ଞା ପରିମାପକ ଓ ପରିବର୍ଦ୍ଧନ । ହିନ୍ଦୁଧର୍ମର ପ୍ରମାଣ ପୁରାଣର ପୃଷ୍ଠାରେ ପୃଷ୍ଠାରେ ଲୁକ୍କାୟିତ । ପୁରାଣରେ ଭାରତବର୍ଷର ଇତିହାସ ଯେପରି ରହିଛି, ହିନ୍ଦୁଧର୍ମର ଅଭିବ୍ୟକ୍ତି ମଧ୍ୟ ସେହିପରି ରହିଛି ।

ବିପ୍ର ନୀଳାମ୍ବର ଦାସ (କପିଳେନ୍ଦ୍ର ଦେବଙ୍କ ସମସାମୟିକ) ସପ୍ତଦଶ ଶତାବ୍ଦୀର ପୁରାଣକାର ମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କ ରଚିତ ପଦ୍ମପୁରାଣ (କ୍ରିୟାଯୋଗସାର)ରେ କୃଷ୍ଣଲୀଳା ପ୍ରଖ୍ୟାପିତ ହୋଇଅଛି । ତାଙ୍କର ବକ୍ତବ୍ୟ ନିରଳସ ଏବଂ ବାକ୍ ବୈଚିତ୍ର୍ୟ ବିହୀନ । ଭାଷାରେ ବୈଦଗ୍ଧଭାବ ମଧ୍ୟ ନାହିଁ ତାହା ସରଳ ପ୍ରତ୍ୟକ୍ଷ ଅଥଚ ଭାବ କବିତ୍ୱପୂର୍ଣ୍ଣ । ତାଙ୍କରି କୃତିରୁ 'ଚରମ'ର ଏହି ପାଖୁଡ଼ାରେ -

## ପଦ୍ମପୁରାଣରୁ ଉଦ୍ଧୃତ:

## ଚକ୍ରିକ ଶବର ଚରିତ

ଚକ୍ରିକ ନାମରେ ଜଣେ ଶବର ଥିଲା । ସେ ହିଂସ୍ର କିମ୍ବା ଦାମ୍ଭିକ ନଥିଲା । ତା'ଠାରେ ଦୟାଗୁଣ ପରିପୂର୍ଣ୍ଣ ଥିଲା । ସେ ପିତୃଭକ୍ତ ଥିଲା ଏବଂ ଅତିଥି ଅଭ୍ୟାଗତଙ୍କୁ ମଧୁର ବଚନ କହି ସନ୍ତୁଷ୍ଟ କରୁଥିଲା । ସେ କେବେ ସାଧୁସନ୍ଥଙ୍କର ଦର୍ଶନ ଲାଭ କରି ନଥିଲା କିମ୍ବା ମୁକ୍ତିମୋକ୍ଷ ମାର୍ଗ କ'ଣ ତାହା ମଧ୍ୟ ଜାଣି ନଥିଲା । ତଥାପି ଅହିଂସା, ନିରହଂକାର, ଦୟା, ପିତୃଭକ୍ତି ଏବଂ ଅତିଥିଙ୍କ ପ୍ରତି ମଧୁର ବ୍ୟବହାର ଆଦି ସୁଗୁଣ ହେତୁ ଯଥାକାଳରେ ତା' ହୃଦୟରେ ହରିଭକ୍ତି ଭାବ ଜନ୍ମହେଲା । ତେଣୁ ସେ ନିରନ୍ତର ହରିଙ୍କର ଶୁଭ ନାମ ହୃଦୟରେ ଜପିବାକୁ ଲାଗିଲା-

ବୋଲେ କେଶବ ଗୋବିନ୍ଦ ହରି ବାସୁଦେବ । ଜନାର୍ଦ୍ଦନ ଗୋପୀନାଥ କୃଷ୍ଣ ପଦ୍ମଲାଭ ।।  
ଗୋପାଳ ମଧୁସୂଦନ ଅଚ୍ୟୁତ ମୁରାରି । ଜଗତ ଈଶ୍ୱର ନାରାୟଣ ଦଇତ୍ୟାରି ।।

ଏହିପରି ଭାବରେ ନିରନ୍ତର ହରିଙ୍କର ପବିତ୍ର ନାମ ଭକ୍ତି ଭାବରେ ଜପ କରି କରି ସେ ଚକ୍ରିକ ଶବର ଅରଣ୍ୟ ମଧ୍ୟରେ ସୁପକ୍ୱ ଫଳ ସଂଗ୍ରହ ନିମନ୍ତେ ବୁଲୁଥାଏ । ଅରଣ୍ୟରୁ ସେ ଯେଉଁ ଫଳ ପାଏ, ତାକୁ ନିଜେ କାମୁଡ଼ି ରଖେ, ମିଠା ଲାଗିଲେ ସେହି ଫଳକୁ ସେ ହରିଙ୍କୁ ତତ୍‌କ୍ଷଣାତ୍ ସମର୍ପଣ କରିଦିଏ, ମାତ୍ର ଖଟା ଲାଗିଲେ ନିଜେ ସେହି ଫଳକୁ ଖାଏ । ସବୁଦିନ ସେ ବଣ ମଧ୍ୟରେ ଏହି ଆଚରଣକୁ ଅବଲମ୍ବନ କରୁଥାଏ ।

''ତୁଣ୍ଡକୁ ସୁସ୍ୱାଦୁ ହେଲେ ହରିଙ୍କି ଦିଅଇ । ଅସ୍ୱାଦୁ ଲାଗିଲେ ତା'କୁ ଆପଣେ ଯେ ଖାଇ ।।''

ସ୍ୱଭାବରେ ସେ ଚଣ୍ଡାଳ ଅଟେ ଜଗତ ଚକ୍ଷୁରେ ହୀନଜନ । ତେଣୁ ତା'ର ଭଲ ମନ୍ଦ ବା ଉଚ୍ଛିଷ୍ଟ ଜ୍ଞାନ ନଥାଏ । ଦିନେ ହରିଙ୍କର ନାମ ଜପିଜପି ବଣ ମଧ୍ୟରେ ଫଳ ଅନ୍ୱେଷଣ କରୁଁ କରୁଁ ସେ ଗୋଟିଏ ସ୍ଥାନରେ ଅଳ୍ପ ପାଚିଲା ଫଳ ପାଇଲା । ତାହା ଦେଖି ସେ ଶବର ମନ ମଧ୍ୟରେ ବିଚାର କଲା, ଏଗୁଡ଼ିକ ଯଦି ମିଠା ଫଳ ହୋଇଥିବ, ତେବେ ତାହା ମୁଁ ହରିଙ୍କୁ ସମର୍ପଣ କରିଦେବି । ଯଦି ଖଟା ହୋଇଥିବ, ତେବେ ମୋତେ ଭୋକ ଲାଗୁଛି, ସବୁ ଫଳତକ ନିଜେ ଆହାର କରିବି । ଏପରି ସଂକଳ୍ପ କରି ସେ ଶବର ଫଳଟିଏ ଧରି କାମୁଡ଼ି ଚାଖିଲା ତାହା ତା'କୁ ମିଠା ଲାଗିଲା ନାହିଁ, ମାତ୍ର ସେ ସେହି ଖଣ୍ଡିତ ଫଳାଂଶକୁ ଗଳା ମଧ୍ୟରୁ ନେବାକ୍ଷଣି ତାଙ୍କୁ ସୁମିଷ୍ଟ ସୁସ୍ୱାଦୁ ଲାଗିଲା । ଶବର ବଡ଼ ଚିନ୍ତାରେ ପଡ଼ିଲା । ଏ ଫଳ ତ ମିଠା ଲାଗିଲାଣି । ଏହାକୁ କିପରି ଆହାର କରିବି ? ଏହା ତ ହରିଙ୍କର ଦ୍ରବ୍ୟ ଅଟେ । ଜିହ୍ୱାରେ ଏହା ଖଟା ଲାଗିଲା । ଗଳା ମଧ୍ୟରେ ମିଠା ଲାଗିଲାଣି । ପୂର୍ବରୁ ସଂକଳ୍ପ ସତ୍ୟ କରିଛି ଏହା ମିଠା ଲାଗିଲେ ହରିଙ୍କୁ ଦେବି ବୋଲି । ଏହା ଚିନ୍ତା କରି ସେ ଗଳାରେ ଲାଗିଥିବା ଫଳର ଅଂଶକୁ ବାନ୍ତି କରିବା ପାଇଁ ଚେଷ୍ଟା କଲା । ମାତ୍ର ତା'ର ଚେଷ୍ଟା ସଫଳ ହେଲା ନାହିଁ । କଣ୍ଠ ମଧ୍ୟରୁ ଫଳ ଅଂଶ ଟିକକ ବାହାରିଲା ନାହିଁ । ଚକ୍ରିକ ଶବର ମହା ସମସ୍ୟାରେ ପଡ଼ିଲା । ତେଣୁ, ସେ ଶବର ଗୋଟିଏ ହାତରେ ଗଳା ଚିପି ଧରିଲା, ଯେପରି ଫଳ ଟିକକ ଉଦର ମଧ୍ୟକୁ ଯାଇ ନ ପାରିବ ଏବଂ ଅନ୍ୟ ହାତରେ ତୂଣୀରରୁ ତୀକ୍ଷ୍ଣ ଶରଟିଏ ବାହାର କରି ଗଳା କାଟି ଦେଲା । ତା'ପରେ ସେ ଫଳର ଅଂଶଟିକୁ ଗଳାରୁ ବାହାର କରି ହରିଙ୍କୁ ଭକ୍ତି ସହକାରେ ପବିତ୍ର ହରିନାମ ଜପ କରୁଁ କରୁଁ ସମର୍ପଣ କଲା ।

ଶ୍ରୀହରି ସେବକ ଚକ୍ରିକ ଶବରର ସର୍ବାଙ୍ଗ ରକ୍ତରେ ଜରଜର ହୋଇଗଲା । ସେ ମୂର୍ଚ୍ଛିତ ହୋଇ ଭୂତଳରେ ପଡ଼ିଗଲା । ପରେ ପରେ ତା'ର ପ୍ରାଣବାୟୁ ଉଡ଼ିଗଲା । ଜଡ଼ପିଣ୍ଡ ପରି ଚକ୍ରିକ ଶବର ଭୂମିରେ ଶୋଇ ରହିଲା । ସେବକ ଚକ୍ରିକର ଭକ୍ତିଭାବରେ ପରମ ସନ୍ତୋଷ ଲାଭ କରି ସ୍ୱୟଂ ଶ୍ରୀହରି ନିଜ ରୂପଧରି ସେଠାରେ ଉପସ୍ଥିତ ହେଲେ । ଦୟାସାଗର କୃପାସିନ୍ଧୁ ନାରାୟଣ ଚକ୍ରିକ ଶବର ମରି ପଡ଼ିଥିବାର ଦେଖିଲେ । ସେ ବାମହାତରେ ନିଜ ଗଳାକୁ ଓ ଦକ୍ଷିଣ ହାତରେ ତୀକ୍ଷ୍ଣ ଶରକୁ ଧରିଥିଲା । ସର୍ବାଙ୍ଗ ଶୀରର ରକ୍ତାକ୍ତ ହୋଇଥିଲା । ଶ୍ରୀହରି ଏହାଦେଖି ଦୟାଭାବରେ ବିଚଳିତ ହୋଇ ଭାବିଲେ - ଧନ୍ୟ ଏହି ଶବର । ପୃଥିବୀରେ ଜନ୍ମି ଏ ଧରାପୃଷ୍ଠକୁ ମଧ୍ୟ ଧନ୍ୟ କରିଛି । ମୋଠାରେ ଭକ୍ତିଭାବ ରଖି ଏ ଶବର ନିଜ ଜୀବନକୁ ଅକାତରରେ ମୋତେ ଦାନ ଦେଲା । ଏବେ ମୁଁ କିପରି ଏହାର ସେବାଋଣ ଶୁଝିପାରିବି ? ଏହାକୁ ବ୍ରହ୍ମା, ଶିବ, ଇନ୍ଦ୍ର ପଦ ଦାନ କଲେ ମଧ୍ୟ ଏହାର ଋଣ ଶୁଝିବା ହେବ ନାହିଁ । ଏହିପରି ଭାବ ଶ୍ରୀହରି ପରମ ସନ୍ତୋଷରେ ନିଜ ହାତରେ ଚକ୍ରିକ ଶବରର ମୃତଦେହ ସ୍ପର୍ଶ କରି ତା'ର ଶିର ଆଉଁସି ଦେଲେ । ଶ୍ରୀହରିଙ୍କର ଶ୍ରୀହସ୍ତ ସ୍ପର୍ଶ ଲାଭ କରିବାରୁ ଚକ୍ରିକ ଶବରର ଜନ୍ମ ଜନ୍ମାନ୍ତରର ସର୍ବପାପ ନିମିଷକ ମଧ୍ୟରେ ଧ୍ୱଂସ ହୋଇଗଲା । ସେ ଶବର ଦିବ୍ୟ ପରାକ୍ରମରେ ଉଠି ଶ୍ରୀହରିଙ୍କର ପଦ୍ମପାଦ ଦର୍ଶନ କଲା । ପୁନର୍ଜୀବନ ଲାଭ କରି ଶବର ଉଠିବା ପରେ ସ୍ୱୟଂ ନାରାୟଣ ନିଜର ଉତ୍ତରୀୟରେ ପିତା ଯେପରି ପୁତ୍ର ଦେହରୁ ଧୂଳି ଝାଡ଼ିଦିଏ, ସେହିପରି ଅପତ୍ୟ ଓ ବାତ୍ସଲ୍ୟ ସ୍ନେହରେ ଚକ୍ରିକର ଶରୀର ପୋଛି ଦେଲେ ଏବଂ ତା'କୁ କୋଳାଗ୍ରତ କରି ବାରମ୍ବାର ଆଶ୍ୱାସନା ବାଣୀ କହିଲେ । ଚକ୍ରିକ ନାରାୟଣଙ୍କର ଶଙ୍ଖଚକ୍ରଗଦାପଦ୍ମ ଚତୁର୍ଭୁଜରେ ଶୋଭା ପାଉଥିବାର, ଶ୍ରୀବତ୍ସ ଲାଞ୍ଛନ, କଉସ୍ତୁଭ ବକ୍ଷସ୍ଥଳରେ ବିରାଜିତ ଥିବାର, କଣ୍ଠରେ ରତ୍ନମାଳ, କଟିରେ ପୀତବସନ, ଶିରରେ ମୟୁରପୁଚ୍ଛ ଏବଂ ସର୍ବାଙ୍ଗ ଶ୍ୟାମ ବର୍ଣ୍ଣ ଥିବାର ଅନୁପମ ସୌନ୍ଦର୍ଯ୍ୟ ଦର୍ଶନ କଲା । ଅପାର ଆନନ୍ଦ ଲାଭ କରି ଚକ୍ରିକ ଶବର ନତଜାନୁହୋଇ ସୁମଧୁର ବାକ୍ୟରେ ଶ୍ରୀହରିଙ୍କୁ ସ୍ତୁତିକଲା -

''ନମସ୍ତେ ଗୋବିନ୍ଦ ରାମ ମୁରାରି କେଶବ । ନମୋ ନମୋ ଗୋପିନାଥ ହରି ପଦ୍ମନାଭ ।।
ନାରାୟଣ କୃଷ୍ଣଶ୍ୟାମ ଶ୍ରୀହରି ଅଚ୍ୟୁତ । ଜଗତ ଈଶ୍ୱର ମଧୁସୂଦନ ଅନନ୍ତ ।।
ଅଖିଳ ବ୍ରହ୍ମାଣ୍ଡ ନାଥ ଦେବ ଚକ୍ରପାଣି । ଯେବା ସ୍ତୁତି ଇଚ୍ଛା କରେ ତୁମ୍ଭଙ୍କୁ ନଜାଣି ।।
ଏମନ୍ତ ପ୍ରଭୁ ଥାଆନ୍ତେ ମୂଢ଼ ପ୍ରାଣୀମାନେ । ଆନ ଦେବତାମାନଙ୍କୁ ଭଜୁଥାନ୍ତି ମନେ ।।

| | | |
|---|---|---|
| ନମସ୍ତେ ଯଶୋଦା ସୁତ ଦେବ ଦାମୋଦର | । | ମାରିଲ ପୁତନା ସହିତରେ କଂସାସୁର ।। |
| ନମସ୍ତେ କପଟେ କାଳଦମନ ନାଶନ | । | ଗୋକୁଳକୁ ରକ୍ଷା କଲେ ଧରି ଗୋବର୍ଦ୍ଧନ ।। |
| ନମସ୍ତେ ଅନନ୍ତ ରୂପ ଦେବ ଚକ୍ରଧର | । | ଅବତରି ବିନାଶ ଯେ ମହୀଭାର ଘୋର ।।'' |

ଏହିପରି ଭାବରେ ଭକ୍ତିଭାବ ଗଦ୍‌ଗଦ୍ କଣ୍ଠରେ ସୁମଧୁର ଶବର ଚକ୍ରିକ ନାରାୟଣଙ୍କର ପଦ୍ମପାଦ ବନ୍ଦନା କରି ସ୍ତୁତି କଲା । ଶ୍ରୀପତି ପରି ସନ୍ତୋଷରେ ତହୁଁ କହିଲେ - 'ପୁତ୍ର ଚକ୍ରିକ, ତୋର ଯାହା ଇଚ୍ଛା ସେହି ବର ଏବେ ମୋତେ ତୁମେ ସତ୍ୱର ମାଗ । ପ୍ରଭୁଙ୍କର ପଦ୍ମପାଦ ପୀଠରେ ପଡ଼ି ଶବର ବିନୀତ ସ୍ୱରରେ କହିଲା - ହେ ସ୍ୱାମୀ, ଏ ଅଧମ ଚଣ୍ଡାଳ ଯୋନିରେ ଶବର କୁଳରେ ଜନ୍ମଲାଭ କରି ନାନାଦି ପାପକର୍ମରେ ଲିପ୍ତ ରହିଅଛି । ଗୋଟିଏ ଦିନ ମଧ ତୁମ୍ଭର ପାଦ ପୂଜା କରି ନାହିଁ । ନୈବେଦ୍ୟ ଶେଷ ତେଣୁ ମୁଁ ଅବା କିପରି ପାଇ ପାରିବି ? ଦିନଟିଏ ତୋ ନାମ ହୃଦୟରେ ଜପ କରି ନାହିଁ କିମ୍ବା ତୋର ପାଦୋଦକରେ ସ୍ନାନ ମଧ କରି ନାହିଁ । ଏଡ଼େବଡ଼ ପାପୀ ହୋଇ ମଧ ଆଜି ତୁମରି କୃପାରୁ ମୋକ୍ଷ ହେଲି, କାରଣ ତୁମ ପଙ୍କଜଚରଣ ପ୍ରତ୍ୟକ୍ଷରେ ସ୍ଥୂଳଚକ୍ଷୁରେ ଦର୍ଶନ କରି ପାରିଲି । ବ୍ରହ୍ମା ଆଦି ଦେବତା ଯେଉଁ ଦୁର୍ଲ୍ଲଭ ରୂପ ଦର୍ଶନ କରି ପାରିନାହାନ୍ତି, ତାହା ମୁଁ ଅଧମ ଆଜି ଦର୍ଶନ କରି କୋଟି ଜନ୍ମର ପାପ ନାଶ କରି ପାରିଲି । ତେଣୁ ଆଉ ଅଧିକ କିଛି ମୁଁ ଆଶା କରୁନାହିଁ । ତେବେ, ତୁମେ ଯେବେ ଆଜ୍ଞା ଦେବ, ମୁଁ ତୁମ ପାଖରେ କିଛି ଅର୍ଜି କରିବି । ପ୍ରଭୁ ସନ୍ତୁଷ୍ଟ ହୋଇ ଶବରକୁ ଅର୍ଜି କରିବା ନିମନ୍ତେ ଅନୁମତି ଦେବାରୁ ଚକ୍ରିକ କହିଲା :-

ସ୍ୱାମୀ, ଏତିକି ଏ ଅଧମ ପ୍ରତି ଦୟା କରିଥିବ, ଯେପରି ଜନ୍ମଜନ୍ମାନ୍ତରରେ ତୁମ ପାଦପୀଠରେ ମୋର ଚିତ୍ତ ଲାଖି ରହିଥିବ । ହେ କରୁଣାସାଗର, ଏତିକି କୃପା ଓ ଅନୁଗ୍ରହ ଏ ଅଧମକୁ ତୁମେ କରୁଥିବ । ଏହାଶୁଣି ଭଗବାନ ଠାକୁରେ ପରମ ଆନନ୍ଦ ଲାଭକଲେ ଏବଂ ନିଜର ଚାରିଭୁଜରେ ଚକ୍ରିକକୁ ବକ୍ଷରେ ଭିଡ଼ି ଧରି ଆଲିଙ୍ଗନ କଲେ । ପ୍ରଭୁ କହିଲେ - ପୁତ୍ର, ତୋର ମନୋରଥ ଅବଶ୍ୟ ପୂର୍ଣ୍ଣ ହେବ । ମୋ ପାଦରେ ତୋର ଚିତ୍ତ ନିଶ୍ଚଳରେ ଅବଶ୍ୟ ରହିଥିବ । ଏହା କହି ଠାକୁରେ ଶବରକୁ ଚତୁର୍ଭୁଜରେ ପୁନର୍ବାର ଆଲିଙ୍ଗନ କରି ଅନ୍ତର୍ଦ୍ଧାନ ହୋଇଗଲେ ।

ସେହି ମୁହୂର୍ତ୍ତରୁ ଚକ୍ରିକ ଜ୍ଞାନ ଲାଭ କଲା । ସୁଜ୍ଞାନ ଲାଭ ହେତୁ ସଂପୂର୍ଣ୍ଣ ରୂପେ ମାୟାମୋହ ତ୍ୟାଗ କରି ପାରିଲା । ତହୁଁ ସେ ସନ୍ୟାସୀ ବେଶ ଧାରଣ କରି ଦ୍ୱାରକାକୁ ଗଲା । ଦ୍ୱାରକାରେ ଯଥାରୀତି ଆସନରେ ବସି ପ୍ରଭୁଙ୍କର ପଦ୍ମପାଦ ଧାନ କରିବାକୁ ଲାଗିଲା । ତାହାର ପରମାୟୁ ଶେଷ ହୁଅନ୍ତେ ସେ ବୈକୁଣ୍ଠ ଭୁବନକୁ ଗଲା ।

| | | |
|---|---|---|
| ''ଭକତ ବସଳ ପ୍ରଭୁ ଦୟାର ସାଗର | । | ଭକ୍ତିଭାବେ ଭକ୍ତକୁ ଯେ ନେଲେ ନିଜପୁର।। |
| ଈଶ୍ୱର ବୋଲନ୍ତି ତୁମ୍ଭେ ଶୁଣ ଗୋ ପାର୍ବତୀ | । | ଯେ ଶୁଣଇ ଭକ୍ତିଭାବେ ଲଭଇ ମୁକତି ।। |
| ବଇକୁଣ୍ଠ ନାରାୟଣ ଦୟାର ଈଶ୍ୱର | । | ଯାହାର ମହିମା ସୁରାସୁରେ ଅଗୋଚର ।। |
| ହରିଭକ୍ତ ରତ୍ନମାଳା ବୋଲି ଏହୁ ଗୀତ | । | ଯେ ଶୁଣଇ ଶୁଣାଇ ସେ ହୁଅଇ ମୁକତ ।। |
| ବଇକୁଣ୍ଠ ନାରାୟଣ ଶ୍ରୀପଦ୍ମ ଚରଣ | । | ବିପ୍ର ନୀଳାମ୍ବର ଦାସ ପଶିଲା ଶରଣ ।। |

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ



*ମାୟା, ମୋହ, ମମତାର ବନ୍ଧନ ନିବିଡ଼ ସତ୍ୟ, ମାତ୍ର ଏହା ସମତାର ଭାବ ସାଗରେ କୁଆର ତୁହେଁ, ତୋଳିଦିଏ ଭଙ୍ଗା । ଜୀବନ ଓ ଜୀବିକା ଦୁର୍ବିସହ ହୁଏ । ଅସହ୍ୟ ଜ୍ୱାଳା ଯନ୍ତ୍ରଣାର ବିଷ ଦଂଶନରେ ଦ୍ରଂଷ୍ଟ ଦୁଷ୍ଟଜୀବ ଜୀବନ ଥାଇଁ ଥାଇଁ ମୃତବତ୍ ପ୍ରତୀୟମାନ ହୁଏ । ଏତାଦୃଶ ଦୁଃସହ ଯାତନାରୁ ସୁରକ୍ଷିତ ହୋଇ ରହିବା ପାଇଁ ''ମୋହ'' ସମ୍ବନ୍ଧରେ ସବିଶେଷ ତତ୍ତ୍ୱ ଗୋଚର ହେବା ପ୍ରତ୍ୟେକଙ୍କର ଅବଶ୍ୟ ବାଞ୍ଛନୀୟ । ଏହି ବାଞ୍ଛାର ପୂର୍ତ୍ତି ନିମନ୍ତେ ଭକ୍ତବାଞ୍ଛା କଳ୍ପତରୁ ଠାକୁରେ କରୁଣା ଓ କଲ୍ୟାଣ କରି ସ୍ୱୀୟ ଦର୍ଶନାଭିମୁଖ୍ୟର ମୁଖ୍ୟାଂଶ 'ମୋହ' 'ଚରମ' ପୃଷ୍ଠାରେ ପତ୍ରସ୍ଥ କରିବାର ଆଦେଶ ଓ ଆଶୀର୍ବାଦ ଦେଇ ଆମ୍ଭମାନଙ୍କୁ ଧନ୍ୟ କରି ଅଛନ୍ତି । ଆସନ୍ତୁ, ସେଥିରୁ କିଛି ତତ୍ତ୍ୱଜ୍ଞାନ ସଂଗ୍ରହ କରିନେବା, କରିନେବା ପାଥେୟ ଆମର ସଂସାର ଓ ପରମାର୍ଥ ପଥର ।।*

ଗୁରୁଗଂଜନ ମୋହ ବା ଗୁର୍ବାଗଂଜନ ମୋହର ତତ୍ତ୍ୱ ଦର୍ଶନ ସମ୍ବନ୍ଧରେ ଜିଜ୍ଞାସୁ ଭକ୍ତ ଅବଗତ ହେବାପରେ ମୋହର ପରବର୍ତ୍ତୀ ବିଭାଗ ଅର୍ଥାତ୍ ପଞ୍ଚମ ବିଭାଗ ସମ୍ପର୍କରେ ଅବଗତ ହେବାପାଇଁ ଅନୁସନ୍ଧିତ୍ସୁ ମନ ମଧ୍ୟରେ ପ୍ରବଳତର ପ୍ରଶ୍ନସମୂହ ଉତ୍ଥାପନ କରନ୍ତି । ମୋହର ପଞ୍ଚମ ବିଭାଗଟି **ସସ୍ତ୍ରୀକ ମୋହ** ଅଟେ । ଏହି ସସ୍ତ୍ରୀକ ମୋହ ସମ୍ବନ୍ଧରେ ସବିଶେଷ ବିବରଣୀ ଜାଣିବା ପାଇଁ ଜିଜ୍ଞାସୁ ଭକ୍ତ ମନରେ ଭାବର ଅସଂଖ୍ୟ ଉତ୍ତାଳ ତରଙ୍ଗ ତରଙ୍ଗାୟିତ ହୋଇ ଉଠେ । ଶିଷ୍ୟ ଏତାଦୃଶ ମାନସିକ ତାଡ଼ନାକୁ ନିଜକୁ ରକ୍ଷା କରି ନ ପାରି ଶ୍ରୀ ଶ୍ରୀ ଠାକୁରଙ୍କର ପବିତ୍ର ପଦ୍ମପାଦ ପୀଠରେ ସଭକ୍ତି ସାଷ୍ଟାଙ୍ଗ ପ୍ରଣାମ ନିବେଦନ ପୂର୍ବକ ଯୋଡ଼ ହସ୍ତରେ ବିନୀତ ପ୍ରାର୍ଥନା କରି ସସ୍ତ୍ରୀକ ମୋହ ସମ୍ପର୍କରେ ଜିଜ୍ଞାସା କରେ ।

## ଶିଷ୍ୟ ଉବାଚ :

ହେ ପ୍ରଭୁ କରୁଣା ସାଗର । ତୋର ମହିମା ଅଗୋଚର ।।
ସକଳ ଜ୍ଞାନର ସାଗର । ସକଳ ତତ୍ତ୍ୱର ଆକର ।।
ସକଳ ଯୋଗର ଈଶ୍ୱର । ତୁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ।।
ତୋ ପାଦେ କୋଟିଏ ପ୍ରଣାମ । ଘେନ ହେ ଅନାଦି ଅନାମ ।।
କରୁଣା କର ବସେ ତୋର । ଫେଡ଼ ମୋ କଷଣ ସତ୍ୱର ।।
ମନେ ସହସ୍ର ପ୍ରଶ୍ନ ଜାଗେ । ତେଣୁ ତୋ ପାଦେ ଭିକ୍ଷା ମାଗେ ।।
ତୋ ମୁଖୁ ଶୁଣି ତତ୍ତ୍ୱଜ୍ଞାନ । ପରମ ତୁଷ୍ଟ ମୋର ମନ ।।
ଆଉ ଅଧିକ ଦୟା ବହି । ଭୋ ତାତ ! ବସେ ଦିଅ କହି ।।
ଗୁର୍ବାଗଂଜନ ମୋହ ପରେ । ସସ୍ତ୍ରୀକ ମୋହ କୁହ ବାରେ ।।
ବାରେ ସସ୍ତ୍ରୀକ ମୋହ ଗୋଟି । କରୁଣା ବହି କହିବଟି ।।
କାହାକୁ ଏହି ମୋହ କହି । କହିବ ପ୍ରଭୁ ଦୟା ବହି ।।

ଏହି ମୋହର ପ୍ରକରଣ । ଜୁହନ୍ତୁ ଜଗତ କାରଣ ।।
ଏହାର ପ୍ରତ୍ୟେକ ବିଭାଗ । କହିବ ଧରି ଅନୁରାଗ ।।
ପୁତ୍ର କଳତ୍ର ଭବେ ଧରି । ଦିବ୍ୟ ଆଦେଶ ଅନୁସରି ।।
ଚଳିବା କେମନ୍ତେ ସଂସାରେ । କହିବ ଅନୁନୟ କରେ ।।
କାମିନୀ କେହ୍ନେ ସହାୟକ । ହୁଅଇ ଲକ୍ଷେ ଆଧ୍ୟାତ୍ମିକ ।।

ଏହିପରି ଭାବରେ ଅତ୍ୟନ୍ତ ବିନୟ ସହକାରେ ଅନୁସନ୍ଧିତ୍ସୁ ଶିଷ୍ୟ ଚରମପାଦ ପରମପୁରୁଷ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ପବିତ୍ର ପଦ୍ମପାଦ ପୀଠରେ ଅନୁନୟ ବିନୟ ସହିତ ପ୍ରଶ୍ନ କରନ୍ତି, 'ହେ ପ୍ରଭୁ, ଏ ପୃଥିବୀରେ ମନୁଷ୍ୟ ସ୍ତ୍ରୀ ପୁତ୍ର କନ୍ୟାଦି ସହିତ ପାରିବାରିକ ଜୀବନଯାପନ କରି ଦିବ୍ୟ ଆଦେଶକୁ ଅନୁସରଣ କରି ସଂସାରରେ କିପରି ଚଳିବ ଏବଂ ସ୍ତ୍ରୀ କିପରି ଭାବରେ ବ୍ୟକ୍ତିର ଆଧ୍ୟାତ୍ମିକ ସହାୟକ ହୋଇ ପାରିବେ, ତାହା ବୁଝାଇ ଦିଅନ୍ତୁ ।'

## - ସସ୍ତ୍ରୀକ ମୋହ -

ଭକ୍ତବାଞ୍ଛା କଳ୍ପତରୁ ତତ୍ତ୍ୱଜ୍ଞାନ ସାଗର ପରମଦୟାଳୁ ଠାକୁରେ ଜିଜ୍ଞାସୁ ଶିଷ୍ୟର ମନୋବେଦନା ବୁଝି ପରମ ସନ୍ତୋଷରେ ସ୍ମିତହାସ୍ୟମୁଖରେ ସୁମଧୁର ସୁଲଳିତ କଣ୍ଠରେ କହିଲେ -

### ଶ୍ରୀ ଗୁରୁସ୍ୱାମୀ ଉବାଚ :

ଆସକ୍ତି ବଶ ହୋଇ ପ୍ରାଣୀ । ନିବିଡ଼େ ଲୋଡ଼ିଣ କାମିନୀ ।।
ଶରୀର ଶକ୍ତି କରେ କ୍ଷୟ । ଭୂଷଣ କରେ ମାୟା ମୋହ ।।
କ୍ଷୀଣରୁ କ୍ଷୀଣତର ହୁଏ । ସସ୍ତ୍ରୀକ ମୋହ କୁହାଯାଏ ।।
ଶରୀରେ ବ୍ରହ୍ମସିନା ତେଜ । ସେହି ପଦାର୍ଥ ସୃଜେ ଓଜ ।।
ବ୍ରହ୍ମ ପଦାର୍ଥ ନଷ୍ଟ କରି । ଦୁର୍ବଳ ତନୁ ମନ ଧରି ।।
ଜୀବନ ହୁଏ ହାହାକାର । ଏ କ୍ରିୟା ସସ୍ତ୍ରୀକ ମୋହର ।।
କାମିନୀ, ଭାମିନୀ, ମୋହିନୀ । ସେ ପୁଣି ହୁଅଇ ବାଘୁଣୀ ।।
ଶୋଷଇ ବ୍ରହ୍ମରସ ତେଜ । ପ୍ରାଣୀ ହୁଅଇ ହୀନବୀର୍ଯ୍ୟ ।।
ଶରୀର କାନ୍ତି ହୁଏ ନଷ୍ଟ । ଯୋଗ ସାଧନ ପୁଣି ଭ୍ରଷ୍ଟ ।।
ତନୁ ବଲ୍ଲରୀ ଯଉବନୀ । ମୋହେ ଇଙ୍ଗିତେ ସୁନୟନୀ ।।
ମାତୃଶକ୍ତିର ଭାବ ଭୁଲେ । ନରକ ଦ୍ୱାରେ ଘେନି ଚାଲେ ।।
ପ୍ରାଣୀ ତ' ଜାଣି ନ ପାରଇ । ଦେହ ଭାଗକୁ ଯେ ଲୋଡ଼ଇ ।।
ଯେ ପଡ଼େ ପୁଣି ଏହି ମୋହେ । ଚକ୍ଷୁ ଭାସଇ ତପ୍ତ ଲୁହେ ।।
ଲୋତକ ସ୍ରୋତେ ଭାସି ଭାସି । ଆପଣା ଥାଏ ସର୍ବନାଶି ।।
କାମିନୀ ମୋହେ ପଡ଼ି ପ୍ରାଣୀ । ଆତ୍ମଘାତୀ ଯେ ହୁଏ ପୁଣି ।।

ଧରାପୃଷ୍ଠରେ ପ୍ରାଣୀ ଆସକ୍ତି ଦ୍ୱାରା ବଶୀଭୂତ ହୋଇ ନିବିଡ଼ ଭାବରେ କାମିନୀର ଅଙ୍ଗସଙ୍ଗ କାମନା କରେ । ଏହା ଫଳରେ ତା'ର ଶାରୀରିକ ଶକ୍ତି କ୍ଷୟ ହୁଏ ଏବଂ ସେ ମାୟା ମୋହକୁ ଭୂଷଣ କରି କାଳଯାପନ କରେ । ଅତ୍ୟଧିକ ସ୍ତ୍ରୀ ସଂସର୍ଗ ହେତୁ ତାହାର ଶରୀର କ୍ଷୀଣରୁ କ୍ଷୀଣତର ହୁଏ । ଏହା ସସ୍ତ୍ରୀକ ମୋହର କ୍ରିୟାଶୀଳତାରୁ ହୋଇଥାଏ । ଶରୀରର ତେଜ ହେଉଛି ବ୍ରହ୍ମ (ବୀର୍ଯ୍ୟ) । ସେହି ବ୍ରହ୍ମ ପଦାର୍ଥ ଶରୀରରେ ଓଜ ସୃଷ୍ଟି କରିଥାଏ । ବ୍ରହ୍ମପଦାର୍ଥ ନଷ୍ଟ ହେଲେ ବ୍ୟକ୍ତିର ଉଭୟ ତନୁ ଓ ମନ ଦୁର୍ବଳ ହୋଇଯାଏ । ସସ୍ତ୍ରୀକ ମୋହର

କ୍ରିୟାରୁ ଜୀବର ଜୀବନ ହାହାକାରମୟ ହୁଏ । ତା'ର ଶରୀର କାନ୍ତି ନଷ୍ଟ ହୁଏ । ଦୁର୍ବଳ ଦେହରେ ଯୋଗ ସାଧନା ଭ୍ରଷ୍ଟ ହୁଏ । ଯୌବନବତୀ କାମିନୀ ନିଜର ତନୁ ବଲ୍ଲରୀର ଆକର୍ଷଣ ଏବଂ ସୁନୟନର ଇଙ୍ଗିତରେ ପ୍ରାଣୀକୁ ମୋହାବିଷ୍ଟ କରିଦିଏ । ସେ ନିଜର ମାତୃଶକ୍ତିର ଭାବକୁ ଭୁଲିଯାଇ ଜୀବକୁ ନରକଦ୍ୱାର ପର୍ଯ୍ୟନ୍ତ ନେଇଯାଏ । ପ୍ରାଣୀ କାମିନୀର ଅପରୂପ ଲାବଣ୍ୟରେ ମୋହିତ ନିଜର ଅଧଃପତନ ସମ୍ବନ୍ଧରେ ସଚେତନ ନ ହୋଇ ତା'ର ଦେହଭୋଗକୁ ନିବିଡ଼ ଭାବରେ ଲୋଡ଼ିଥାଏ । ଯେଉଁ ପ୍ରାଣୀ ଏହି ସସ୍ତ୍ରୀକ ମୋହରେ ପଡ଼ି ଯୁବତୀ କାମିନୀର ଦେହଭୋଗ ପାଇଁ ଅତ୍ୟନ୍ତ ପ୍ରବଣ ହୋଇ ପଡେ, ତା'ର ଦୁଇଚକ୍ଷୁ ତପ୍ତ ଲୋତକରେ ଭାସି ଉଠେ । ଏହିପରି ଉତପ୍ତ ଲୋତକରେ ଭାସି ଭାସି ସେ ନିଜେ ନିଜର ସର୍ବନାଶ ହିଁ କରିଥାଏ । କେତେକ କାମିନୀ ମୋହରେ ପଡ଼ି, ହତାଶ ଭାବରୁ ମାନସିକ ଭାରସାମ୍ୟ ରକ୍ଷା କରି ନ ପାରି ଆତ୍ମହତ୍ୟା ପରି ମହାପାତକ କରି ଆତ୍ମଘାତୀ ମଧ ହୋଇଥାଆନ୍ତି । ସାମ୍ପ୍ରତିକ ସାମାଜିକ ପୃଷ୍ଠଭୂମିରୁ ଏହାର ପର୍ଯ୍ୟାପ୍ତ ପ୍ରମାଣ ଯେ କୌଣସି ବ୍ୟକ୍ତି ଅନାୟାସରେ ପାଇପାରେ ।


## ଶ୍ରୀ ଗୁରୁସ୍ୱାମୀ ଉବାଚ :

ପ୍ରଥମେ ହୁଏ ଦରଶନ । ମିଳଇ ତାରୋଟି ନୟନ ।।
ଦୈହିକ ରୂପ ଯଉବନ । ପାରସ୍ପରିକ ଆକର୍ଷଣ ।।
ମିଳନ ଭାବ ସୃଷ୍ଟି ହୁଏ । ତହୁଁ 'ଯା' କ୍ରିୟାଶୀଳ ହୁଏ ।।
ତାହାକି ପ୍ରେମ ବୋଲି କହି । କାମ ଭାବଟି ସିନା ସେହି ।।
ଦୈହିକ ପ୍ରେମେ ବୁଡ଼ି ରହି । କାମ ହୃଦରେ ସନ୍ତରଇ ।।
ହାର୍ଦ୍ଦିକ ପ୍ରେମ ଥାଏ ନାହିଁ । ଶରୀର ଶରୀରେ ଲୋଡ଼ଇ ।।
କ୍ରମଶଃ ଭାବ ହେଲେ ଗାଢ଼ । ନ ମାନେ ତାହା ବନ୍ଧବାଡ଼ ।।
ସ୍ୱଧର୍ମ ପାଳଇ ଯୌବନ । ସମ୍ପର୍କ ରକ୍ଷା କରି ଯୌନ ।।
ଯୌନ ସମ୍ପର୍କ ରକ୍ଷା କରି । ହୁଅଇ ସୁଖୀ ବୃତ୍ତି ଧରି ।।
ତହୁଁ ଅଧିକ ଅଧିକରେ । ସ୍ତ୍ରୀ ସଙ୍ଗେ ବେଶ୍ୟାବୃତ୍ତି ଧରେ ।।
ଥରେ ଏ ପାଶେ ପଡ଼ିଗଲେ । ବର୍ତ୍ତି ନ ପାରେ ତିଳେ ଭଲେ ।।
କାମିନୀ ହୁଏ ସ୍ୱାର୍ଥପର । କରଇ ମାୟାକୁ ବିସ୍ତାର ।।
ଲୋଡ଼ଇ ନାନା ଆଭୂଷଣ । ନ ପାଇ କରେ ଅଭିମାନ ।।
ପ୍ରାଣୀ ତେଣୁ ମାନ ଭଞ୍ଜନ । କାରଣେ ଲୋଡ଼ଇ କାଞ୍ଚନ ।।
କାଞ୍ଚନ ଦ୍ୱାରା କାମିନୀରେ । ପ୍ରାଣୀ ଯେ ସୁସଜ୍ଜିତ କରେ ।।
ପରିବାରରେ ପ୍ରାଣୀ ରହି । ଦାମ୍ପତ୍ୟ ସୁଖକୁ ଭୋଗଇ ।।
ଜାୟା ଓ ପତି ଏକ ହୋଇ । କୁମର କନ୍ୟା ଉପୁଜାଇ ।।
ବାତ୍ସଲ୍ୟ ସ୍ନେହ ହୃଦେ ବହି । ଥାଆନ୍ତି ପୁଣି ସୁଖେ ରହି ।।
ପିତା ମାତାଙ୍କ ପ୍ରତି ଶ୍ରଦ୍ଧା । ପୋଷି ସଂସାର ଜାଲେ ବନ୍ଧା ।।
ହୋଇଣ ପ୍ରେମ ମମତାରେ । ବଞ୍ଚନ୍ତି ଦୁରୂହ ସଂସାରେ ।।
ଅନିୟମିତ ଭାବେ ବାନ୍ଧି । ହୋଇଣ ପରିବାରେ ଧନ୍ଧି ।।

ହୁଏ ଯେ ପ୍ରାଣୀ କରେ ନଷ୍ଟ । ସମୟ ସାଧନା ବିନଷ୍ଟ ॥
ସସ୍ତ୍ରୀକ ମୋହ ପ୍ରକରଣ । ବୁଝାଇ କହିଲି ହୋ ଶୁଣ ॥
ଏ ମୋହେ ଯୋଗଧ୍ୟାନ ନୋହେ । ଆତ୍ମ ସୁଖରେ ପ୍ରାଣୀ ରହେ ॥
ଏ ସୁଖ କ୍ଷଣିକ ମାତର । ଦୁଃଖରେ ପ୍ରାଣୀ ଯେ କାତର ॥
ସାଧନା ଶକ୍ତି ମିଳେ ନାହିଁ । ବଦ୍ଧ ସଂସାରେ ଶାନ୍ତି କାହିଁ ??

ଠାକୁରେ ସସ୍ତ୍ରୀକ ମୋହର କ୍ରିୟା ସମ୍ବନ୍ଧରେ ଧାରଣା ଦେବାକୁ ଯାଇ କହିଲେ: ସଂସାରରେ ଏ ମୋହର କ୍ରିୟା ପ୍ରଥମେ ଦର୍ଶନ ବା ଦେଖା ସାକ୍ଷାତରୁ ହିଁ ସୂତ୍ରପାତ ହୋଇଥାଏ । ପୁରୁଷ ଓ ସ୍ତ୍ରୀ ପରସ୍ପରକୁ ଦେଖିବା କ୍ଷଣି ଚାରି ଚକ୍ଷୁରେ ମିଳନ ହୁଏ । ପରସ୍ପର ପରସ୍ପରର ଦୈହିକ ରୂପ ଯୌବନର ଆକର୍ଷଣରେ ପରସ୍ପର ପ୍ରତି କ୍ରମେ ଆକୃଷ୍ଟ ହୁଅନ୍ତି । ଏହି ଆକର୍ଷଣରୁ ଦୈହିକ ମିଳନର ଭାବ ସୃଷ୍ଟି ହୁଏ । ଏହି ଭାବ ମାନସିକ ସ୍ତରରେ ଘନୀଭୂତ ହୋଇ ଶାରୀରିକ ସ୍ତରରେ କାର୍ଯ୍ୟକାରୀ ହୋଇଥାଏ । ଏହାକୁ କ'ଣ ପ୍ରେମ ଆଖ୍ୟା ଦିଆଯାଇପାରେ ? ଏହା ସଂପୂର୍ଣ୍ଣ ଭାବରେ କାମ ଭାବ ଅଟେ । ଏହାପରେ ଜୀବ ଦୈହିକ ପ୍ରେମରେ ମଜ୍ଜିଯାଇ କାମହ୍ରଦରେ ସନ୍ତରଣ କରେ । ତେଣୁ ଏଥିରେ ହାର୍ଦ୍ଦିକ ପ୍ରେମର ଲେଶମାତ୍ର ହିଁ ନ ଥାଏ । ଯୁବକ ଯୁବତୀ ପରସ୍ପର ପରସ୍ପରର ଶରୀରକୁ ଭଲପାଇ ଶାରୀରିକ ମିଳନ ହିଁ କେବଳ କାମନା କରନ୍ତି । ଏହି ଭାବ କ୍ରମଶଃ ଗାଢ଼ରୁ ଗାଢ଼ତର ହେଲେ, ତାହା କୌଣସି ବାଧାବନ୍ଧନ ମାନେ ନାହିଁ । ଯୌବନ ସ୍ୱଧର୍ମ ପାଳନ କରେ । ଯୌବନର ସ୍ୱଧର୍ମରୁ ଯୌନ ସମ୍ପର୍କ ସ୍ଥାପିତ ହୁଏ । ଜୀବ ଯୌବନର ତାଡ଼ନାରୁ ଯୌନ ସମ୍ପର୍କ ସ୍ଥାପନ କରି ଜୀବବୃତ୍ତିରେ ସୁଖଲାଭ କରି ସୁଖୀ ହୁଏ । ଏହି ସମ୍ପର୍କ ଅଧିକରୁ ଅଧିକତର ହେଲେ, ବିଧି ନିଷେଧ ନ ମାନି ବିବାହିତ ପୁରୁଷ ନିଜର ଧର୍ମପତ୍ନୀ ସହିତ ବେଶ୍ୟାବୃତ୍ତି ହିଁ କରିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ । ଜୀବ ଥରେ ଏହି ସସ୍ତ୍ରୀକ ମୋହ ପାଶରେ ପଡ଼ିଗଲେ, ତିଳେ ମାତ୍ର ମୃତ୍ୟୁ କବଳରୁ ବର୍ତ୍ତିପାରେ ନାହିଁ । କାମିନୀ ଆପଣାର ରୂପ ଯୌବନରେ ପୁରୁଷକୁ ଆକୃଷ୍ଟ କରିବାପରେ ସ୍ୱାର୍ଥପରାୟଣା ହୋଇଥାଏ । ତେଣୁ ଆପଣାର ସ୍ୱାର୍ଥ ପୂରଣ ପାଇଁ ସେ ମାୟାବିନୀ ରୂପରେ ମାୟା ବିସ୍ତାର କରେ । ନାନା ପ୍ରକାର ଭୂଷଣ ଓ ଅଳଂକାର ପାଇଁ ସେ ପୁରୁଷ ପାଖରେ ଅଳି କରେ । ସେ ସବୁ ନ ପାଇଲେ, ଅଭିମାନ କରେ । ପୁରୁଷ ରୂପବତୀ ନାରୀର ମାୟା ଜାଲରେ ପଡ଼ି ଅନ୍ୟ ଉପାୟ ନ ପାଇ ଅଭିମାନିନୀ ସ୍ତ୍ରୀର ମାନଭଞ୍ଜନ କରିବା ପାଇଁ କାଞ୍ଚନ (ଧନ ସମ୍ପତ୍ତି/ଅର୍ଥ) ଲୋଡ଼େ । ଏହା ଦ୍ୱାରା ସେ ରୂପସୀ ସ୍ତ୍ରୀର ଅଙ୍ଗ ପ୍ରତ୍ୟଙ୍ଗକୁ ନାନା ପ୍ରକାର ନିତ୍ୟ ନୂତନ ବସନ, ଭୂଷଣ, ଅଳଂକାରାଦି ଦ୍ୱାରା ସୁସଜ୍ଜିତ କରି ଅଭିମାନନୀ ନବଯୌବନୀ କାମିନୀର ମାନଭଞ୍ଜନ କରି ତା' ଶରୀରକୁ ପ୍ରାଣ ଭରି ଉପଭୋଗ କରେ । ଜୀବ ପରିବାରରେ ରହି ଦାମ୍ପତ୍ୟ ସୁଖ ଭୋଗ କରେ । ଜାୟା ଓ ପତିର ଦୈହିକ ମିଳନରୁ ପୁତ୍ରକନ୍ୟା ଜାତ ହୁଅନ୍ତି । ପିତାମାତା ହୋଇ ଦମ୍ପତି ହୃଦୟରେ ବାତ୍ସଲ୍ୟ ସ୍ନେହଭାବ ଧରି ପାରିବାରିକ ସୁଖରେ ରହନ୍ତି । ପରିବାରରେ ପିତାମାତା, ଭାଇଭଉଣୀ ଇତ୍ୟାଦିଙ୍କ ପ୍ରତି ସାମାଜିକ କର୍ତ୍ତବ୍ୟ ପାଳନ କରି ଶ୍ରଦ୍ଧା ସମ୍ପନ୍ନ ହୋଇ ସଂସାର ଜାଲରେ ବନ୍ଧା ହୋଇ ରହନ୍ତି । ସାଂସାରିକ ପ୍ରେମ (ସ୍ନେହ), ମାୟା, ମମତାରେ ବନ୍ଧାପଡ଼ି ଦୁରୂହ ସଂସାରରେ ଜୀବନଯାପନ କରେ । ଅନିୟମିତ ଭାବ ଡୋରିରେ ବନ୍ଧା ହୋଇ ଜୀବ ସଂସାରରେ ବିଷୟା ଜଞ୍ଜାଳରେ ଧନ୍ଦି ହୋଇଯାଏ, ଯେଉଁ ଜୀବ ଏତାଦୃଶ ଭାବରେ ସସ୍ତ୍ରୀକ ମୋହ ପାଶରେ ଆବଦ୍ଧ ହୋଇଯାଏ, ସେ ନିଃସନ୍ଦେହରେ ନିଜର ଜୀବନ ନଷ୍ଟ କରିଥାଏ ଏବଂ ସାଧନା ବି ନଷ୍ଟ କରିଥାଏ, ତଥା ଯୋଗଭ୍ରଷ୍ଟ ହୋଇଥାଏ । ବସ ! ସସ୍ତ୍ରୀକ ମୋହର ପ୍ରକରଣ ବୁଝାଇ କହିଲି । ଏହି ମୋହରେ ଆକୃଷ୍ଟ ଜୀବ କଦାପି ଯୋଗଧ୍ୟାନ କରିପାରେ ନାହିଁ । ସସ୍ତ୍ରୀକ ମୋହାବିଷ୍ଟ ଜୀବ ସର୍ବଦା ଆତ୍ମ ସୁଖରେ ବୁଡ଼ିରହେ । ଏ ପ୍ରକାର ସୁଖ କ୍ଷଣିକ ଏବଂ ଅନିତ୍ୟ । ଏ ସୁଖର ଅନ୍ତରାଳରେ ମହାଘୋର ଦୁଃଖ ଥାଏ । ତେଣୁ, ଜୀବ ଜୀବଦ୍ଦଶାରେ ଦୁଃଖରେ କାତର ହୁଏ । ସସ୍ତ୍ରୀକ ମୋହାବିଷ୍ଟ ଜୀବ ସାଧନାଶକ୍ତି ଲାଭ କରିପାରେ ନାହିଁ ଏବଂ ବଦ୍ଧଜୀବ ହୋଇଥିବା ହେତୁ ଶାନ୍ତି ପାଇପାରେ ନାହିଁ ।

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ବ୍ରହ୍ମ ଇଚ୍ଛାରୁ ତାଙ୍କରି ଠାରୁ ହିଁ ପୁରୁଷ ଓ ପ୍ରକୃତି ସୃଷ୍ଟି ହୋଇଅଛନ୍ତି । ପ୍ରକୃତିର ସ୍ୱରୂପ ହିଁ ମାୟା । ଏହି ମାୟା ପ୍ରକୃତିର ସ୍ୱରୂପ ହେଲେ ହେଁ, ପ୍ରକୃତିକୁ ଏହା ବାନ୍ଧି ରଖିଛି ଓ ପ୍ରକୃତିକୁ ପରିଚାଳନା କରୁଅଛି । ମାୟାର ସ୍ୱରୂପ ହିଁ ସର୍ବତ୍ର ପରିବ୍ୟାପ୍ତ । ମାୟା ତା'ର କାୟା ବିସ୍ତାର କରି ମାୟା ରୂପକ ଜାଲରେ ସକଳ ଜୀବଜନ୍ତୁ ଠାରୁ ଆରମ୍ଭ କରି ବୃକ୍ଷଲତା ଏପରିକି ନିର୍ଜୀବ ଜଡ଼ ବସ୍ତୁକୁ ମଧ୍ୟ ବାନ୍ଧି ରଖି ପାରିଛି ବୋଲି ଆମର ସ୍ଥୂଳ ଦୃଷ୍ଟିରେ ଆମେ ପ୍ରକୃତିକୁ ଦେଖିପାରୁଛୁ, ଉପଭୋଗ ମଧ୍ୟ କରିପାରୁଛୁ । ମାୟା ଜାଗତିକ ବନ୍ଧନ ଓ ସାଂସାରିକ ଜୀବନଠାରୁ ଆରମ୍ଭ କରି ଯୋଗ, ଧ୍ୟାନ, ତପସ୍ୟାରତ ଜୀବନ ପର୍ଯ୍ୟନ୍ତ ଏପରିକି ଦେବଲୋକ, ନାଗଲୋକ ଆଦି ସବୁଠାରେ ନିଜର କାୟା ବିସ୍ତାର କରି ବ୍ରହ୍ମଙ୍କ ଆଜ୍ଞାରେ କ୍ରିୟାଶୀଳ ହୋଇ ରହିଛି ।*

## ନାରୀ ହିଁ ପ୍ରକୃତି

**'ଚରମ'-ଷଷ୍ଠପୁଷ୍ପ - ପଞ୍ଚମ ପାଖୁଡ଼ା : ତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :**

### (୧) ବୈଷ୍ଣବୀମାୟା : ଭାବାଂଶ : (୧) ଆହୂମା ମାୟା

ବୈଷ୍ଣବୀ ମାୟା ରୂପର ବାମ କର୍ଣ୍ଣପୁଟରୁ ବ୍ରହ୍ମଙ୍କ ଆଦେଶ ଅନୁଯାୟୀ ଆହୂମା ମାୟା ସୃଷ୍ଟି ହୋଇଅଛି । ତେଣୁ ଏହା ବୈଷ୍ଣବୀ ମାୟା ଭାବର ଏକ ଅଂଶ ଅଟେ । ଏହାକୁ ତାତ୍ତ୍ୱିକ ଭାଷାରେ ବୈଷ୍ଣବୀ ମାୟାର ଏକ ଭାବାଂଶ ବୋଲି କୁହାଯାଏ । ''ଚରମ'' ଊନବିଂଶତିତମ ସଂଖ୍ୟାରେ ବୈଷ୍ଣବୀ ମାୟାର ୩୬ ଗୋଟି ଭାବାଂଶର ନାମ ବିବରଣୀ ଦିଆଯାଇଅଛି । ସେହି ୩୬ଗୋଟି ଭାବାଂଶ ମଧ୍ୟରୁ ଏହା ପ୍ରଥମ ଭାବାଂଶ ଅଟେ । 'ଚରମ'ର ପରବର୍ତ୍ତୀ ସଂଖ୍ୟାମାନଙ୍କରେ ପ୍ରତିଟି ଭାବାଂଶ ପ୍ରସଙ୍ଗରେ କ୍ରମାନୁଯାୟୀ ସଂକ୍ଷେପରେ ସଙ୍କେତଧର୍ମୀ ଆଲୋଚନା ପ୍ରସ୍ତାବ ରହିଛି । ଏହି ସାଙ୍କେତିକ ଆଲୋଚନାରୁ ପାଠକ/ପାଠିକାମାନେ ଅନେକ କିଛି ତତ୍ତ୍ୱଜ୍ଞାନ ଆହରଣ କରି ଚତୁପାର୍ଶ୍ୱରେ ଥିବା ଜଡ଼ ଓ ଚେତନ ପ୍ରକୃତିକୁ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରଭୂତ ଅନୁଭୂତି ଲାଭ କରି ପାରିବେ ବୋଲି ଆମେ ବିଶ୍ୱାସ କରୁ ।

ବ୍ରହ୍ମ ପ୍ରକୃତିକୁ ସୃଷ୍ଟି କରି ପ୍ରକୃତି ଅଂଶ ସୃଷ୍ଟିକୁ ମାୟା ଦ୍ୱାରା ଆଚ୍ଛାଦନ କରି ରଖିବା ପାଇଁ ଆଦେଶ ଦେଇ ତାଙ୍କରି ସୃଷ୍ଟିର ଅନ୍ତରାଳରେ ଛପି ରହିଲେ । ମାୟାର ଆଚ୍ଛାଦନ ହେତୁ ସୃଷ୍ଟି ମଧ୍ୟରେ ଛପି ରହିଥିବା ବ୍ରହ୍ମଙ୍କୁ ସୁରନର କିନ୍ନର କାହାରି ପକ୍ଷରେ ଚକ୍ଷୁର ଦୃଷ୍ଟିରେ ଦର୍ଶନ କରିବା ସମ୍ଭବ ହେଉନାହିଁ । ଏହା କେବଳ ଅନୁଭବର ବିଷୟ ହୋଇ ରହିଛି । ବ୍ରହ୍ମଙ୍କ ଦ୍ୱାରା ସୃଷ୍ଟି ପ୍ରକୃତିର ଅଂଶ ଉପାଂଶ ଅନେକ, ଅସଂଖ୍ୟ, ଅଗଣନ । ଏହି ମହାଶୂନ୍ୟର ବ୍ରହ୍ମଲୋକ ଠାରୁ ଆରମ୍ଭ କରି ଭୂଲୋକ ପର୍ଯ୍ୟନ୍ତ ସର୍ବତ୍ର ବିଦ୍ୟମାନ ଓ କ୍ରିୟାଶୀଳ । ପ୍ରକୃତିର ଦୈବୀଅଂଶ ମହାଶୂନ୍ୟରେ ବ୍ରହ୍ମଙ୍କର ଚତୁପାର୍ଶ୍ୱରେ ଘେରି ରହିଛନ୍ତି । ଏମାନଙ୍କୁ ବ୍ରହ୍ମଙ୍କର ପଞ୍ଜର ଶକ୍ତି କୁହାଯାଇପାରେ । ଏମାନେ ମାୟା ଆକର୍ଷିତ ଶକ୍ତି ଅଟନ୍ତି ।

କଳ୍ପରେ ଆହୂମା ମାୟାର ସ୍ଥିତି, ଗତି ଓ ପ୍ରକୃତି ସମ୍ବନ୍ଧରେ ଏବେ ଆଲୋଚନା ଆରମ୍ଭ କରୁଛୁ । ବ୍ରହ୍ମଙ୍କର ଇଚ୍ଛାରୁ ବୈଷ୍ଣବୀ ମାୟାର ସୃଷ୍ଟି । ବୈଷ୍ଣବୀ ମାୟାର ଭାବାଂଶ ରୂପରେ ଆହୂମା ମାୟାର ସୃଷ୍ଟି । ଏହାର ବର୍ଣ୍ଣ. ଧବଳ । କଳ୍ପରେ ବ୍ରହ୍ମଙ୍କର ଚାରିପାର୍ଶ୍ୱରେ ୮୪ଗୋଟି ଗୋଲାକାର ବୃତ୍ତ ଘେରି ରହିଲେ । ବ୍ରହ୍ମ ସେହି ୮୪ ଗୋଟି ଧବଳ ବୃତ୍ତର ମଧ୍ୟରେ ରହିଗଲେ । ସହସ୍ର ଅଂଶୁ ବ୍ରହ୍ମ ହରିଦ୍ରା ବର୍ଣ୍ଣ ଧାରଣ କରି ରହିଛନ୍ତି । ମହାଶୂନ୍ୟରେ ଏହା

ଦୋଳାୟମାନ ଅବସ୍ଥାରେ ଛପି ରହିଛି । ତା'ର ଅତି ନିକଟରେ କୈବଲ୍ୟ ମଣ୍ଡଳ ରହିଛି । ଏହି କୈବଲ୍ୟ ମଣ୍ଡଳକୁ ବ୍ରହ୍ମଙ୍କ ଇଚ୍ଛାରେ ଆଦ୍ଭୂମା ମାୟା ଗୈରିକ ବର୍ଣ୍ଣ ଧାରଣ କରି ଆବୃତ୍ତ କରି ରଖିଛି । ଏହା ରୂପରେ ଓ ପ୍ରକୃତିରେ ନାରୀ ଅଟେ । ଏହା ଆଲୋକ ଚିତ୍ରପଟ୍ଟ ପରି ରୂପ ଧାରଣ କରି ରହିଅଛି । ତେଣୁ ଏହାର ରୂପ ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

ଏହି ଆଦ୍ଭୂମା ମାୟା ବ୍ରହ୍ମଙ୍କୁ ଗୈରିକ ବର୍ଣ୍ଣରେ ଆଚ୍ଛାଦନ କରି ଚଉଷଠି ତତ୍ତ୍ୱର ସୃଜନ କ୍ରିୟା ସଂପାଦନ କରିଅଛି । ଏହି ଚଉଷଠି ତତ୍ତ୍ୱ କାକର ବିନ୍ଦୁ ତୁଲ୍ୟ ଅତି ଉଜ୍ଜ୍ୱଳ ଓ ଏହା ବିନ୍ଦୁ ବିନ୍ଦୁ ହୋଇ ରହିଥିବାର ଦେଖାଯାଏ । ବୃହଦାକାର କୈବଲ୍ୟ ମୁନୀ ଆତ୍ମାମାନେ ସଂକଳ୍ପ ବଦ୍ଧ ହୋଇ ଶୁଦ୍ଧ ଅବସ୍ଥାରେ ଆଦ୍ଭୂମା ମାୟା ଜାଲରେ ବାନ୍ଧି ହୋଇ ରହିଥାଆନ୍ତି । ମହାଶୂନ୍ୟର କଳ୍ପଭୋଗରେ ସମସ୍ତ ବର୍ଷର ଘୂର୍ଣ୍ଣନଶୀଳ ଗତି ଆଦ୍ଭୂମା ମାୟା ଦ୍ୱାରା ଆବଦ୍ଧ ହୋଇ ରହିଛି ଓ ତତ୍ ସହିତ ସେହି କୈବଲ୍ୟ ମୁନୀ ଆତ୍ମାମାନେ ମଧ୍ୟ କୈବଲ୍ୟ ମଣ୍ଡଳରେ ଆବଦ୍ଧ ହୋଇ ରହିଅଛନ୍ତି । ଏହି ଦିବ୍ୟାତ୍ମାମାନେ ବ୍ରହ୍ମଙ୍କର ଇଚ୍ଛା ଓ ଆଦେଶ ଅନୁସାରେ ଧରାପୃଷ୍ଠରେ ଗୁରୁଅଙ୍ଗରେ ଅବତରଣ କରି ବିଭ୍ରାନ୍ତ ମାନବ ସମାଜକୁ ସତ୍‌ପଥରେ ଓ ସତ୍‌ନୀତିରେ ପରିଚାଳନା କରନ୍ତି । ଏହି କାରଣରୁ ପୃଥିବୀରେ ଏକ ସମୟରେ ମଧ୍ୟ ଏକାଧିକ ଗୁରୁଅଙ୍ଗ ଧର୍ମନୀତି ଓ ଆଧ୍ୟାତ୍ମିକ ବାଦ ପ୍ରଚାର ପ୍ରସାର କରୁଥିବାର/କରିଥିବାର ଦେଖାଯାଏ ।

ଆଦ୍ଭୂମା ମାୟା ବ୍ରହ୍ମଙ୍କ ଇଚ୍ଛାରେ କଳ୍ପଯୁଗାନୁବାଦର ଭୋଗ ଶକ୍ତିକୁ ଇଚ୍ଛାମତେ ଇଙ୍ଗିତ ସୂତ୍ରରେ ତଥା ଜ୍ଞାନ ପରିପକ୍ୱ କରାଇବାର ସଂକଳ୍ପକୁ ରକ୍ଷୀ ଭାବରେ ଏକଲକ୍ଷ ୩୨ ହଜାର (କଳ୍ପ) ବର୍ଷର ସମୟକାଳ ପର୍ଯ୍ୟନ୍ତ ଜଗି ରହିବାର ଦାୟିତ୍ୱବହନ କରି ଆସୁଅଛି । ଏହି କାରଣରୁ ଧରାପୃଷ୍ଠରେ ଅବତରଣ କରିଥିବା ବିଭିନ୍ନ ସମୟର ବିଭିନ୍ନ ଗୁରୁଅଙ୍ଗ ଏକଲକ୍ଷ୍ୟ : 'ବ୍ରହ୍ମପ୍ରାପ୍ତି' ରେ ମାନବ ସମାଜକୁ ପରିଚାଳିତ କରିଥିଲେ ମଧ୍ୟ ଭିନ୍ନ ଭିନ୍ନ ପଥ, ଭିନ୍ନ ଭିନ୍ନ ସାଧନ ପଦ୍ଧତି, ଭିନ୍ନ ଭିନ୍ନ ମତ ନିର୍ଦ୍ଦେଶ କରିଅଛନ୍ତି । ଏପରି ହେବାର କାରଣ ହେଉଛି ଆଦ୍ଭୂମା ମାୟା । ଆଦ୍ଭୂମା ମାୟାର ପ୍ରଭାବର ଯେଉଁ କୈବଲ୍ୟ ମୁନୀ ଆତ୍ମା ଯେଉଁ ପଥ, ମତ, ସାଧନ ପଦ୍ଧତି ଆଦି ଜ୍ଞାନରେ ପରିପକ୍ୱତା ଲାଭ କରିଥାଆନ୍ତି, ସେ ଗୁରୁଅଙ୍ଗରେ ଧରାପୃଷ୍ଠର ଖସି ସେହି ପଥ, ମତ ଓ ସାଧନ ପଦ୍ଧତି ଶିଷ୍ୟମଣ୍ଡଳିକୁ ଶିକ୍ଷା ଦେଇଥାଆନ୍ତି । ସେମାନେ ଅନ୍ୟ ସମସ୍ତ ପଥ, ମତ, ପଦ୍ଧତି ସମ୍ବନ୍ଧରେ ଯେଉଁ ଜ୍ଞାନ ଅର୍ଜନ କରିଥାଆନ୍ତି ତାହାର ସତ୍ୟତା ସମ୍ବନ୍ଧରେ ଶିଷ୍ୟମାନଙ୍କୁ ଖୋଲାଖୋଲି ସ୍ପଷ୍ଟ ଭାବରେ କିଛି କହି ଯାଇନାହାନ୍ତି । ତେଣୁ, ଧରାପୃଷ୍ଠରେ ଆଜି ବିଭିନ୍ନ ସମ୍ପ୍ରଦାୟ ମୁଣ୍ଡ ଟେକିଛି ଓ ସମୟ ସମୟରେ ସାମ୍ପ୍ରଦାୟିକ ମତଭେଦ ହେତୁ ଦଙ୍ଗାହାଙ୍ଗାମା ମଧ୍ୟ ଉପୁଜୁଛି ।

ବ୍ରହ୍ମଙ୍କ ନିକଟରୁ ସେ ସମସ୍ତ କୈବଲ୍ୟ ମୁନୀ ଆତ୍ମାମାନେ ଆସିଥିବାରୁ ସେମାନେ ପ୍ରତ୍ୟେକ ବ୍ରହ୍ମପ୍ରାପ୍ତିର ଲକ୍ଷ୍ୟ ନିର୍ଦ୍ଦେଶ କରି ଯାଇଅଛନ୍ତି । ସେମାନେ ନିଜ ନିଜକୁ ଈଶ୍ୱରଙ୍କର ପୁତ୍ର, ଈଶ୍ୱରଙ୍କର ଦୂତ ଏପରିକି ନିଜକୁ ଈଶ୍ୱର ବୋଲି ମଧ୍ୟ ପରିଚୟ ଦେଇ ଯାଇଅଛନ୍ତି । କିନ୍ତୁ ସେମାନେ ପ୍ରତ୍ୟେକେ ଯେଉଁ ପଥ ଦେଇ ବ୍ରହ୍ମଙ୍କ ନିକଟରୁ ଧରାପୃଷ୍ଠକୁ ଖସି ଆସିଛନ୍ତି, ସେହି ପଥରେ ନିଜ ନିଜର ଶିଷ୍ୟମାନଙ୍କୁ ବ୍ରହ୍ମଙ୍କ ସାନିଧ୍ୟ ଲାଭ ନିମନ୍ତେ ପ୍ରେରଣ କରିବାର ନିର୍ଦ୍ଦେଶ ପାଇଅଛନ୍ତି । ଅନ୍ୟ ସମସ୍ତ ପଥ ବା ଅନ୍ୟ ସମସ୍ତ ମତ କିମ୍ବା ଅନ୍ୟ ସମସ୍ତ ସାଧନ ପଦ୍ଧତି ସମ୍ବନ୍ଧରେ ହୁଏତ ନୀରବ ରହିଛନ୍ତି ବା ପରୋକ୍ଷ/ପ୍ରତ୍ୟକ୍ଷରେ ଭ୍ରମାତ୍ମକ ବୋଲି ଦର୍ଶାଇ ଯାଇଅଛନ୍ତି । ଏହି ପ୍ରସଙ୍ଗରେ ଆଜିର ସମାଜରେ ଥିବା ସୁଶିକ୍ଷିତ, ସୁସଭ୍ୟ, ମାର୍ଜିତ ରୁଚି ସମ୍ପନ୍ନ ବ୍ୟକ୍ତିଗଣଙ୍କୁ ମନେ ରଖିବାକୁ ହେବ ଯେ, ଏକ ବ୍ରହ୍ମଙ୍କ ନିକଟରୁ ପ୍ରତ୍ୟେକ ଗୁରୁଅଙ୍ଗ ପୃଥିବୀକୁ ମାନବ ସମାଜର ମଙ୍ଗଳ ଓ ଜଗତର କଲ୍ୟାଣ ବିଧାନ ନିମନ୍ତେ ଆସିଛନ୍ତି । ପ୍ରତ୍ୟେକେ ବ୍ରହ୍ମଙ୍କ ସାନିଧ୍ୟ ଲାଭକୁ ଲକ୍ଷ୍ୟ ଧାର୍ଯ୍ୟ କରିଯାଇଛନ୍ତି । ତେବେ ଯେକୌଣସି ପଥ, ମତ, ପଦ୍ଧତିରେ ଯେ କେହି ବ୍ୟକ୍ତି ପରିଚାଳିତ ହେଲେ କ୍ଷତି ରହିଲା କେଉଁଠି ? ମିଥ୍ୟା ଓ ବୃଥା ଦ୍ୱନ୍ଦ୍ୱ, ସଂଘର୍ଷ, ସଂଶୟ, ସନ୍ଦେହ ମଧ୍ୟରେ କାଳାତିପାତ କରିବାର ଆବଶ୍ୟକତା ଆଦୌ ନାହିଁ । ଧର୍ମ, ପରମାର୍ଥ ଓ ଆଧ୍ୟାତ୍ମିକ ଚିନ୍ତା ଚେତନା ପ୍ରସଙ୍ଗରେ ଉଦାର, ପ୍ରଶାନ୍ତ, ନିରାଳମ୍ବ ହୋଇ ରହିବା ହିଁ ପ୍ରଶସ୍ତ ଶୁଭପ୍ରଦ ଅଟେ ।

ଆଦ୍ଭୂମା ମାୟାର ପ୍ରଭାବରୁ ସଂସାରରେ ଏହିପରି କେତେ ପ୍ରକାରର ଘଟଣା ଧରାପୃଷ୍ଠରେ ପ୍ରତି ମୁହୂର୍ତ୍ତରେ ଘଟି ଯାଉଛି । ସେ ସବୁର ହିସାବ ଦେବା ଏଠାରେ ସମ୍ଭବ ନୁହେଁ କିମ୍ବା ପ୍ରାସଙ୍ଗିକ ମଧ୍ୟ ନୁହେଁ । ମାତ୍ର ସତ୍ୟ ସନାତନ ପରଂବ୍ରହ୍ମଙ୍କ ନିକଟବର୍ତ୍ତୀ ହେବା ପାଇଁ ସାଧନା ଅବ୍ୟାହତ ରଖିବା ଓ ଯୁଗଧର୍ମୀ ସରଳ ସହଜ ଧାରା ବା ପଦ୍ଧତି ଅବଲମ୍ବନ କରିବା ପ୍ରତ୍ୟେକ ସଚେତନ ବ୍ୟକ୍ତି ପାଇଁ ଏକାନ୍ତ ବାଞ୍ଛନୀୟ ଓ ପ୍ରୟୋଜନୀୟ । (କ୍ରମଶଃ)

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

କଲ୍ୟାଣମୟ ନାମ ବହିଅଛୁ କଲ୍ୟାଣ କରିବା ପାଇଁ ।
କେଉଁ ଅପରାଧେ ବିମୁଖ ହୋଇଛ ଜାଣିପାରୁ ନାହିଁ ସାଇଁ ।।
ତୁମେ ଯଦି ପ୍ରଭୁ ଅଭିମାନେ ରୁହ ଆଉ କିଏ ମୋର ଅଛି ।
ଧନ, ଜନ, ମାନ ସବୁ ତ ତୁମରି ଶ୍ରୀ ପୟରେ ଅରପିଛି ।
କ୍ଷମାକର ଥରେ ଅପରାଧ ମୋର ଶ୍ରୀପୟରେ ସ୍ଥାନ ଦିଅ ।
ଧର୍ମଧନ ଦାନ କରି ପିତା କୋଳକରି ମୋତେ ନିଅ ।।

*ମର୍ତ୍ତ୍ୟଭୂମିରେ ଜନ୍ମନେଲେ ମୃତ୍ୟୁ ନିଶ୍ଚିତ । ଅତି ଯତ୍ନରେ ସାଇତି ରଖୁଥିବା ଏହି ମର ଶରୀର ଅବଶ୍ୟ ନଷ୍ଟ ହୋଇଯିବ । କିନ୍ତୁ ଜନ୍ମଜନ୍ମାନ୍ତରବାଦରେ ଜୀବର ଏକମାତ୍ର ସାଥୀ ତା'ର କର୍ମଫଳ । ତେଣୁ ଜୀବିତ ଅବସ୍ଥାରେ ଏପରି କୌଣସି କର୍ମ କରିବା ଉଚିତ ନୁହେଁ ଯାହାର ଫଳଭୋଗ ପରଜନ୍ମରେ ଦୁଃଖର କାରଣ ହେବ । ତେବେ କେଉଁ କର୍ମର ଫଳ ସହଚର ହୋଇ ଚିରଶାନ୍ତି ପ୍ରଦାନ କରିବ / କେବଳ ପରମାର୍ଥ ପଥରେ ଗତି କରିବା ପାଇଁ ଯେଉଁ କର୍ମ କରାଯାଏ ସେହି କର୍ମର ଫଳ ହିଁ ଜୀବକୁ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଥାଏ । କିନ୍ତୁ ସେହି କର୍ମ ପାଇଁ ଉପଯୋଗୀ ଶରୀରର ଆବଶ୍ୟକତା ଅପରିହାର୍ଯ୍ୟ । ଥରେ ଶରୀର ଶ୍ରାନ୍ତ, ଅବଶ ଅବସ୍ଥାକୁ ଆସିଗଲେ କେବଳ ମନରେ ବ୍ୟାକୁଳତା ହିଁ ସାର ହୁଏ । କୌଣସି କର୍ମ କରିବାକୁ ସକ୍ଷମ ହୁଏ ନାହିଁ । ତେଣୁ ବାଲ୍ୟକାଳରୁ ହିଁ ଶରୀର ଓ ମନକୁ ସେହି ମାର୍ଗରେ ପରିଚାଳିତ କରିବା ଏକାନ୍ତ ଜରୁରୀ । ସେହି ଲକ୍ଷ୍ୟରେ "ଚରମ" ପରମପିତାଙ୍କ ଆଶୀର୍ବାଦ ବହନ କରି କୋମଳମତି ଶିଶୁ, କିଶୋରମାନଙ୍କୁ ଗଢ଼ିତୋଳିବାର ସଂକଳ୍ପରେ ଧାରାବାହିକ ଭାବରେ ଏହି ସ୍ତମ୍ଭରେ ଉପସ୍ଥାପନା କରି ଆସୁଅଛୁ ।*

**'ଚରମ' : ଷଷ୍ଠ ପୁଷ୍ପ : ପଞ୍ଚମ ପାଖୁଡ଼ା : ତ୍ରିଂଶତିତମ ସଂଖ୍ୟା ଅନୁଶ୍ରୁତିରୁ :**

## ଦେବଶିଶୁ ସୁଧାନନ୍ଦ

ପୂର୍ଣ୍ଣିମାର ଚାନ୍ଦ ପରି ବଢ଼ି ଚାଲିଥିବା ସୁଧାନନ୍ଦର ଚମତ୍କାରିତାରେ କେବଳ ପିତା, ମାତା, ନୁହଁନ୍ତି, ଗୁରୁ ମଧ୍ୟ ଆତୁର ହୋଇ ଉଠୁଛନ୍ତି । ସ୍ଥିରୀକୃତ ଦିବସର ବହୁ ପୂର୍ବରୁ ନିଜର ପ୍ରିୟ ଶିଷ୍ୟକୁ ଆପଣାର ଆଶ୍ରମକୁ ନେଇଯିବା ପାଇଁ ବ୍ୟଗ୍ର ହୋଇ ଯାଇଛନ୍ତି । କିନ୍ତୁ ଶିଷ୍ୟର ଜ୍ଞାନମୟ ଯୁକ୍ତି ନିକଟରେ ପରାସ୍ତ ହୋଇ ଫେରି ଯାଇଛନ୍ତି । ତାହାପରେ...

ସମାନ୍ତରାଳ ଭାବରେ ଦୁଇଟି ଘଟଣା ସଂଗଠିତ ହୋଇ ଚାଲିଥାଏ । ଏକ ପକ୍ଷରେ ସୁଧାନନ୍ଦ ନୀରବ, ଗମ୍ଭୀର ହୋଇ ଯାଉଥାଏ । ଅପର ପକ୍ଷରେ ପୁଅର ପରିବର୍ତ୍ତିତ ଅବସ୍ଥା ଓ ଗୁରୁଆଶ୍ରମ ଯିବାର ସମୟ ନିକଟ ହୋଇ ଯାଉଥିବାରୁ ପୁତ୍ର ବିରହ ଦୁଃଖରେ ମ୍ରିୟମାଣ ପିତାମାତାଙ୍କ ମାନସିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇ ଯାଉଥାଏ । ସେମାନେ ଲକ୍ଷ୍ୟ କରୁଥାଆନ୍ତି, ଗମ୍ଭୀର ସୁଧାନନ୍ଦ କାନରେ ଯଦି ଶ୍ରୀହରିଙ୍କ ନାମ, କୀର୍ତ୍ତନ ପଡ଼ିଯାଉଛି । କିଛି ସମୟପରେ ଚେତାପ୍ରାପ୍ତ ହୋଇ ଉଦଣ୍ଡ ଭାବରେ ନାଚି ନାଚି ନାମ କରୁଛି । ନାମ ପ୍ରେମ କ୍ରମଶଃ ଦୃଢ଼ ହୋଇ ଯାଉଛି । ସେହି କ୍ରମରେ ଦିନକର ଘଟଣା ।

ଗ୍ରାମର ନିକଟବର୍ତ୍ତୀ ସ୍ଥାନରେ ଅଷ୍ଟମପ୍ରହରୀ ନାମଯଜ୍ଞ ହେଉଥାଏ । ଖୋଳ, କଂସାଳର ତାଳେ ତାଳେ ନାମ କୀର୍ତ୍ତନର ମୂର୍ଚ୍ଛନାରେ ବାୟୁମଣ୍ଡଳ ଉଲ୍ଲସିତ ହୋଇ ଯାଉଥାଏ । ତିନିବର୍ଷ ଛଅମାସର ଶିଶୁ ସୁଧାନନ୍ଦ ଜଣେ ସ୍ଥିତପ୍ରଜ୍ଞ ତପସ୍ୱୀ ପରି ଘରେ ସ୍ଥିର ହୋଇ ବସି ରହିଥାଆନ୍ତି । ଖାଇବାର ସମୟ ଉପସ୍ଥିତ ହେବାରୁ ମାଆ ସୁଧାନନ୍ଦଙ୍କୁ ଡ଼ାକିବା ପାଇଁ ଯାଇ ଦେଖିଲେ, ଚକ୍ଷୁ ସ୍ଥିର, ଶରୀର ସ୍ଥିର । ମୁହଁରେ ଅନାବିଳ ହସର ଇଶାରା । ମାଆଙ୍କର ଡ଼ାକ

ସେ ଶୁଣି ପାରୁ ନାହିଁ । ପୁଅର ସମାଧି ଅବସ୍ଥା ଠିକ୍ ଭାବରେ ବୁଝି ପାରିଲେ ନାହିଁ ମମତାମୟୀ ଜନନୀ । ଦୁଃଖ, ଆବେଗରେ ଯାଇ ସ୍ପର୍ଶ କରିଦେଲେ ପୁଅର ଶରୀରକୁ । ଟଳି ପଡ଼ିଲେ ସୁଧାନନ୍ଦ । ଶରୀରରେ ଚେତନା ନାହିଁ । ହଠାତ୍ ଏକ ଶୂନ୍ୟବାଣୀ ହେଲା । ''ତା'ର ଶରୀର ଆଉ ସ୍ପର୍ଶ କରନାହିଁ । ନାମ ପ୍ରେମରେ ସେ ସମାଧିସ୍ଥ ହୋଇଛି । ଯଥା ସମୟରେ ତା'ର ସମାଧି ଭଗ୍ନ ହେବ ଏବଂ ପୂର୍ବ ଅବସ୍ଥା ପ୍ରାପ୍ତ ହେବ ।'' ଶିହରୀ ଉଠିଲେ ମାଆ ସାରଥୀ । ସମାଧିରୁ ଫେରିବା ପର୍ଯ୍ୟନ୍ତ ପିତା, ମାତା ଉଭୟେ ନୀରବରେ ପୁଅର ଶରୀରକୁ ଜଗି ବସି ରହିଲେ । ଦିନ ପରେ ରାତି ହୋଇ ପୁନଶ୍ଚ ତାପରଦିନ ହୋଇଗଲା । ତଥାପି ପୁଅର ସମାଧି ଭଗ୍ନ ହେଉନାହିଁ । କ'ଣ କରିବେ ? ବିବ୍ରତ ହୋଇଗଲେ । ଠିକ୍ ଏହି ସମୟରେ ଅଦୂରରେ ଚାଲିଥିବା ଅଷ୍ଟମ ପ୍ରହରୀର ନାମ ଶେଷ ହୋଇ ନଗରକୀର୍ତ୍ତନ ଆରମ୍ଭ ହେଲା । ସେଠାରେ ନଗର କୀର୍ତ୍ତନ ଆରମ୍ଭ ହେବା ମାତ୍ରେ ନାମପ୍ରେମୀ ମହାତପସ୍ୱୀ ସୁଧାନନ୍ଦଙ୍କର ସମାଧି ଭଗ୍ନ ହେଲା । କିନ୍ତୁ ଉଠିବା ସଙ୍ଗେ ସଙ୍ଗେ ପିତାମାତାଙ୍କ ଉପସ୍ଥିତିକୁ ଉପଲବ୍ଧି ନ କରି ପାଗଳ ପ୍ରାୟ ଛୁଟିଗଲେ ସେହି ନଗରକୀର୍ତ୍ତନ ଶୋଭା ଯାତ୍ରାକୁ । କୀର୍ତ୍ତନ ମଣ୍ଡଳରେ ଏକ ଉନ୍ମତ୍ତ ହସ୍ତୀ ସମ ଉଦ୍ଦଣ୍ଡ ଭାବରେ କୀର୍ତ୍ତନ କରି ନାଚିବାକୁ ଲାଗିଲେ । କୀର୍ତ୍ତନ ମଣ୍ଡଳର ଅନ୍ୟ ସଦସ୍ୟମାନେ ମାତ୍ର ତିନିବର୍ଷ ବୟସର ଶିଶୁର ଏତାଦୃଶ କୀର୍ତ୍ତନ ସ୍ୱର, ତାଳ, ଲୟ ଓ ନୃତ୍ୟରେ ଆଶ୍ଚର୍ଯ୍ୟ ହୋଇଗଲେ । ସମସ୍ତଙ୍କ ମୁହଁରେ ସେହି ଗୋଟିଏ ପ୍ରଶ୍ନ ''କିଏ ଏହି ଆଶ୍ଚର୍ଯ୍ୟ ବାଳକ ?'' ନଗର କୀର୍ତ୍ତନ ଶେଷରେ ସୁଧାନନ୍ଦ ଶାନ୍ତ, ସରଳ ଶିଶୁଟିଏ ପରି ଧୀର, ସ୍ଥିର ଭାବରେ ମାଆଙ୍କ କୋଳକୁ ଫେରି ଆସି ପ୍ରକୃତିସ୍ଥ ହେଲେ ।

ସେହିବର୍ଷର ଗ୍ରୀଷ୍ମଋତୁ - ବୈଶାଖ ପୂର୍ଣ୍ଣିମା । ରାମେଶ୍ୱର ଶ୍ରୀକୃଷ୍ଣଙ୍କର ଚନ୍ଦନଯାତ୍ରା । ଅପରାହ୍ନରେ ପିତା, ମାତା ପୂଜା ମଣ୍ଡପରେ ସଂଧ୍ୟା ଚନ୍ଦନ ଲାଗି ପୂଜାର ଆୟୋଜନରେ ବ୍ୟସ୍ତ ଅଛନ୍ତି । ମାଆଙ୍କର ମନେ ପଡ଼ିଗଲା ପୁଅ ଏକୁଟିଆ ଶୋଇ ରହିଥିଲା । ତେଣୁ ହଠାତ୍ ଉଠି ଆସିଲେ ପୁଅକୁ ଦେଖିବା ପାଇଁ । ଘରେ କିନ୍ତୁ ପୁଅ ନଥିଲା । ଖୋଜି ଖୋଜି ଦେଖିଲେ ବାଡ଼ିପଟେ ବଗିଚାରେ ପୁଅ ଖେଳୁଛି । ଆନନ୍ଦରେ ଗୁଣୁ ଗୁଣୁ ହୋଇ ଅସ୍ପଷ୍ଟ ସ୍ୱରରେ ଗୀତ ଗାଉଛି । ତେଣୁ ପୁଅର ଖୁସିରେ ବାଧା ସୃଷ୍ଟି ନ କରି ଫେରିଆସିଲେ । ଆନନ୍ଦରେ ପୁଅର ଖେଳିବା କଥା ସ୍ୱାମୀଙ୍କୁ କହିଲେ । କାରଣ ସବୁବେଳେ ନୀରବ ଓ ଗମ୍ଭୀର ରହୁଥିବା ପୁଅ ଆଜି ହଠାତ୍ ବଗିଚାରେ ଖେଳୁଛି । ତେଣୁ ତା'ର ପରିବର୍ତ୍ତନ ହୋଇଛି ଭାବି ଉଭୟ ଖୁସି ହେଲେ । ସ୍ତ୍ରୀଙ୍କ ଠାରୁ ଶୁଣିବା ପରେ ନିଜେ ଦେଖିବା ପାଇଁ ବ୍ୟଗ୍ର ହୋଇ ସତ୍ୟବ୍ରତ ବଗିଚାକୁ ଗଲେ । ସଂଗରେ ସାରଥି ମଧ୍ୟ ଗଲେ । କିନ୍ତୁ ଯାହା ଦେଖିଲେ, କେବଳ ପରସ୍ପରକୁ ହତବାକ୍ ହୋଇ ଚାହିଁବା ବ୍ୟତୀତ ଆଉ କିଛି ଉପାୟ ନଥିଲା । ସେମାନେ ଦେଖିଲେ, ପୁଅ ତାଙ୍କର ଗୋଟିଏ ଗଛ ମୂଳରେ ବସିଛି । କୋଇଲିଟିଏ ଆସି ତା'ର ଚଞ୍ଚୁକୁ ବାରମ୍ବାର ପୁଅ ପାଟିରେ ରଖୁଛି । ସତେ ଯେପରି କୌଣସି ବସ୍ତୁ ଖାଇବାକୁ ଦେଉଛି, କିଛି କଥା କହୁଛି ଏବଂ ସ୍ନେହର ଚୁମା ଦେଉଛି । ପୁଅ ହସହସ ମୁହଁରେ କୋଇଲିଟିକୁ ଶ୍ରଦ୍ଧାରେ ଆଉଁସି ଦେଉଛି । ଅନେକ ସମୟ ଧରି ଏହି ଦୃଶ୍ୟ ଦେଖି ପିତାମାତା ଅଦୃଶ୍ୟ ଭାବରେ ଠିଆ ହୋଇ ରହିଲେ । ତାହା ପରେକୋଇଲି ପୁଅର ମୁଣ୍ଡରେ ବସିଗଲା ଏବଂ ପୁନର୍ବାର ଚଞ୍ଚୁରେ ମଥା ସ୍ପର୍ଶ କରି ଉଡ଼ି ଚାଲିଗଲା । କିଛି ନ ଜାଣିବାପରି ସୁଧାନନ୍ଦ ଧୀରେ ଧୀରେ ଘରକୁ ଫେରିବା ବାଟରେ ଦେଖିଲେ ପିତା, ମାତା ଆଶ୍ଚର୍ଯ୍ୟ ଚକିତ ଅବସ୍ଥାରେ ସ୍ଥାଣୁପ୍ରାୟ ଠିଆ ହୋଇଛନ୍ତି । ସେମାନଙ୍କର ଅବସ୍ଥା ପରିବର୍ତ୍ତନ କରିବା ପାଇଁ ହସି ହସି କହିଲେ, ''ମାଆ ! ଆଜି ପରା ଚନ୍ଦନପୂର୍ଣ୍ଣିମା । ଆମ ଘରେ ପ୍ରଭୁଙ୍କର ଚନ୍ଦନ ସେବା ହେବନାହିଁ ?'' ଆନନ୍ଦର ଅଶ୍ରୁରେ ସ୍ନାନରତା ଜନନୀ ପୁଅକୁ ଆଲିଙ୍ଗନ କରିବା ସଙ୍ଗେ ସଙ୍ଗେ କହିଲେ, ''ହଁ ରେ ମଣି ! ପ୍ରଭୁଙ୍କର ଚନ୍ଦନ ସେବା ତ ହେବ । ତେବେ ତୁ ଆଉ କେତେଦିନ ଆମକୁ ଏପରି ଅନ୍ଧକାରରେ ରଖିବୁ ? ଯେଉଁ କୋଇଲି ସଙ୍ଗରେ ତୋର ଖେଳ ଚାଲିଥିଲା କିଏ ସେହି କୋଇଲି ? ତୋ ସହ କ'ଣ ତାହାର ସମ୍ପର୍କ ? ଧନଟା ପରା । ସେ ରହସ୍ୟ ମୋତେ ବୁଝାଇ କହି ମୋର ସଂଶୟ ଦୂର କର ।'' ସମସ୍ତ ବିଷୟ ଗୋପନ ରଖୁଥିବା ସୁଧାନନ୍ଦ ଏଥର ମୁହଁ ଖୋଲିଲେ । କହିଲେ, ''ମାଆ ! ସେ ହେଉଛନ୍ତି ମୋର ପୂର୍ବଜନ୍ମର ତତ୍ତ୍ୱଗୁରୁ । ତତ୍ତ୍ୱ ଚେତନା ଦେବାପାଇଁ ସେ ସେହି ରୂପରେ ମୋ ନିକଟକୁ ଆସିଥିଲେ । ଅପାର, ଅସୀମ ତାଙ୍କର କରୁଣା । ବାଣ୍, ମୋତେ ଆଉ ଅଧିକ କିଛି ପଚାର ନାହିଁ । ସମୟକୁ ଅପେକ୍ଷା କର । (କ୍ରମଶଃ)

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଯୋଗ ମାର୍ଗରେ ଗତିକରି ବ୍ୟକ୍ତି ସମାଧିସ୍ତରର ଅବସ୍ଥାରେ ଉପନୀତ ହେଲେ ହିଁ ମନ ଚେତନା ଓ ପ୍ରାଣ ଚେତନା ସ୍ୱତନ୍ତ୍ର ରହି ଶରୀର ଚେତନାର ଆବରଣ ଖୋଲି ଦିଅନ୍ତି । କାରଣ ସମାଧି ହେଉଛି ତାହା, ଯାହା ଶରୀରସ୍ଥ ପୁରୁଷର ଉପଭୋଗ ପାଇଁ କାମନାବାସନା ରୂପକ ସକଳ ପ୍ରକାର ବସ୍ତୁକୁ ସୁସମାହିତ କରିପାରେ । ଅନ୍ୟ ଭାଷାରେ କହିବାକୁ ଗଲେ, ଶରୀରସ୍ଥ ଆତ୍ମପୁରୁଷର ଉପଭୋଗ ପାଇଁ କାମନାବାସନା ରୂପକ ସମସ୍ତ ବସ୍ତୁ ବିଷୟରେ ଯେଉଁଥିରେ ସମାହିତ ହୁଏ, ତାହାହିଁ ସମାଧି । ଯୁବ ସମ୍ପ୍ରଦାୟ ପାଇଁ ଏହି ଶୀର୍ଷକ ସ୍ତମ୍ଭରେ 'ଚରମ'ର ପ୍ରତ୍ୟେକ ସଂଖ୍ୟାରେ ଯୁଗୋପଯୋଗୀ ଚିନ୍ତାଦ୍ୟୋତକ ସ୍ୱତନ୍ତ୍ରରୁଚିର ଆଧ୍ୟାତ୍ମିକ ପ୍ରବନ୍ଧ ପ୍ରକାଶ ପାଇ ଆସୁଛି । ଉଦ୍ଦେଶ୍ୟ ଆମର ସକଳଶକ୍ତି ଧର ଯୁବଗୋଷ୍ଠୀକୁ ଉଦ୍‌ଭ୍ରାନ୍ତ ନ କରି ଜୀବନର ମହାନତା ଉପଲବ୍ଧିରେ ସହଯୋଗ କରିବା, ସହଧର୍ମୀ କରିବା ।*

## ମନ ଅଭୀପ୍ସା : ଦେହ ଅଭୀପ୍ସା

ଦେହ ସ୍ଥୂଳ, ମାତ୍ର ମନ ସୂକ୍ଷ୍ମ । ମନ ଦେହସ୍ଥ ଆତ୍ମାର ଛାୟା ସଦୃଶ । ଆତ୍ମା ଯଦି ନିର୍ଦ୍ଦୋଷ, ମନ ଦୋଷୀ ହେବ କିପରି ? ଦେହଦୋଷରୁ ମନ ମଧ୍ୟ ଦୋଷଦୁଷ୍ଟ ହୋଇଥାଏ । ଏ ତତ୍ତ୍ୱ ଅନେକେ ଉପଲବ୍ଧି କରିପାରନ୍ତି ନାହିଁ ତେଣୁ ସେମାନେ ମନକୁ ଦୋଷ ଦେଇ ଥାଆନ୍ତି । ଯେଉଁମାନେ ଏହି ତତ୍ତ୍ୱ ଉପଲବ୍ଧି କରିପାରନ୍ତି, ସେମାନେ ଏକଥା ମଧ୍ୟ ଜାଣନ୍ତି ଯେ, ବ୍ୟକ୍ତି ମନଭୂମିରେ ଅଭିନିବିଷ୍ଟ ହେଲେ ତା'ର ଦେହଭୂମିର ତିନି ଚତୁର୍ଥାଂଶ ଜୀବନବର୍ଜିତ ଓ ଚେତନାବିହୀନ ହୋଇଯାଏ । ଦେହସ୍ତରର ଚେତନା ବୋଲି ଏକ ସ୍ୱତନ୍ତ୍ର ଚେତନା ଅଛି । ତେଣୁ ପ୍ରତ୍ୟେକଙ୍କର ଶରୀରର ଏକ ଚେତନା ସ୍ୱତନ୍ତ୍ର ଭାବରେ ଅଛି । ଏହା ମାନସିକ ଚେତନାଠାରୁ ଭିନ୍ନ ଅଟେ । ତେଣୁ ପ୍ରତ୍ୟେକଙ୍କର ଶରୀର ମଧ୍ୟ ଶାରୀରିକ ବିଷୟରେ ଚେତନଶୀଳ ହୋଇ ରହିଥାଏ ଏବଂ ତା'ର ମଧ୍ୟ ଏକ ଅଭୀପ୍ସା ରହିଥାଏ । ବ୍ୟକ୍ତି ଯେତେ ସମୟ ପର୍ଯ୍ୟନ୍ତ ନିଜ ଶରୀର ବିଷୟରେ ଭାବି ଲାଗିଥାଏ ସେତେ ସମୟ ପର୍ଯ୍ୟନ୍ତ ନିଜ ଶରୀର ଚେତନାରେ କଦାପି ଅବସ୍ଥାନ କରିପାରେ ନାହିଁ । ଶରୀରରେ ଆପାଦମସ୍ତକ ଅସଂଖ୍ୟକୋଷ ଓ ସ୍ନାୟୁ ରହିଅଛି । ଏହି କୋଷ ଓ ସ୍ନାୟୁ ସାହାଯ୍ୟରେ ଶରୀର ସକଳ କ୍ରିୟାଶୀଳତା ବିଷୟରେ ସଂପୂର୍ଣ୍ଣ ସଚେତନ ଥାଏ । ଏହି ଅନୁଭୂତି ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । ଏହା କେବଳ ପ୍ରତ୍ୟେକ ବ୍ୟକ୍ତିର ଅନୁଭବର ବିଷୟ । ଅନେକ ସମୟରେ ବ୍ୟକ୍ତିର ପ୍ରାଣିକ ଉପାଦାନଟି ଶରୀରକୁ ସଂପୂର୍ଣ୍ଣ ରୂପେ ଛାଡ଼ି ଅନ୍ୟତ୍ର ଚାଲି ଯାଇଥିବା ସମୟରେ ମଧ୍ୟ ଶରୀର ସ୍ୱକୀୟ ସ୍ୱତନ୍ତ୍ର ଚେତନାର ସହାୟତାରେ ବିଚରଣ ସମର୍ଥ ଓ କାର୍ଯ୍ୟକ୍ଷମ ହୋଇ ରହିପାରେ । ବ୍ୟକ୍ତି ସାଧନା ବଳରେ ଶରୀର ଚେତନାକୁ ଉତ୍ତମରୂପେ ବିକଶିତ କରି ପାରିଲେ ଏହା ସମ୍ଭବ ହୋଇପାରେ । ଏପରି ସ୍ଥିତିରେ ଶରୀର ସଚଳ ହୋଇ ରହିଥିଲେ ମଧ୍ୟ କଠିନ କାର୍ଯ୍ୟ ସମ୍ପାଦନ ଅବଶ୍ୟ କରିପାରେ ନାହିଁ । ମାତ୍ର ଛୋଟ ଛୋଟ ସରଳ ଅନେକ କାର୍ଯ୍ୟ କରିପାରେ । ଏହି ତତ୍ତ୍ୱ ଯେଉଁମାନେ ଅନୁଭବରେ ଆଣି ପାରିଛନ୍ତି, କେବଳ ସେହିମାନେ ହିଁ ଶରୀର ଚେତନା ଓ ମନ ବା ପ୍ରାଣ ଚେତନା ମଧ୍ୟରେ ଥିବା ଭିନ୍ନତାକୁ ଉପଲବ୍ଧି କରି ପାରିବେ ।

ଶରୀର ଚେତନା ସହିତ ଅନେକ ସମୟରେ ମନଚେତନା ଓ ପ୍ରାଣ ଚେତନା ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟି କରିଥାଆନ୍ତି । ଠିକ୍ ସେହିପରି ମନଚେତନା ଓ ପ୍ରାଣ ଚେତନା ସହିତ ଶରୀରଚେତନା ମଧ୍ୟ ଅନୁରୂପ ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟି କରନ୍ତି । ଅନେକ ସମୟରେ ପ୍ରାଣ ଯାହା ଲୋଡ଼େ ଶରୀର ତାହାର ଇନ୍ଦ୍ରିୟଗଣର ତାଡ଼ନାରେ ତାହା କାର୍ଯ୍ୟକାରୀ କରାଇ ଦିଏ ନାହିଁ । ଏହାଦ୍ୱାରା ଆତ୍ମପୀଡ଼ନ ହୋଇଥାଏ । ସଚେତନ ବ୍ୟକ୍ତି ହିଁ ଏହି ଆତ୍ମପୀଡ଼ର ସ୍ୱରୂପ ଅନୁଭବ କରିପାରେ । କୌଣସି ସ୍ଥୂଳ କାରଣ ନଥିଲେ ମଧ୍ୟ ବ୍ୟକ୍ତି ଅନେକ ସମୟରେ ଉଦାସ ଓ ଦୁଃଖିତ

ହୋଇପଡ଼ିବାର ଉଦାହରଣ ବିରଳ ନୁହେଁ । ଠିକ୍ ଭାବରେ ଏହାର କାରଣ ଖୋଜି ବସିଲେ ସ୍ପଷ୍ଟତଃ ଜଣାଯାଏ ଯେ, ଏହା ହିଁ ଆତ୍ମପୀଡ଼ନର ପରିଣାମ ବ୍ୟତୀତ ଅନ୍ୟକିଛି ନୁହେଁ । ଶରୀରର ଯେପରି ସହଜାତ ପ୍ରବୃତ୍ତି ରହିଛି, ମନ ଓ ପ୍ରାଣର ମଧ ସେହିପରି ସହଜାତ ପ୍ରବୃତ୍ତି ରହିଛି । ମନ ଓ ପ୍ରାଣର ପ୍ରବୃତ୍ତି ନିର୍ମଳ । ଆତ୍ମିକ ଉନ୍ନୟନ ନିମନ୍ତେ ମନ ଓ ପ୍ରାଣର ମଧ ସେହିପରି ସହଜାତ ପ୍ରବୃତ୍ତି ରହିଛି । ମନ ଓ ପ୍ରାଣର ପ୍ରବୃତ୍ତି ନିର୍ମଳ । ଆତ୍ମିକ ଉନ୍ନୟନ ନିମନ୍ତେ ମନ ଓ ପ୍ରାଣ ସର୍ବଦା ବ୍ୟାକୁଳ । ମାତ୍ର ଇନ୍ଦ୍ରିୟଗଣର ତାଡ଼ନାରେ ଶାରୀରିକ ପ୍ରବୃତ୍ତି ସକଳ ବହୁ କ୍ଷେତ୍ରରେ ମନ ଓ ପ୍ରାଣର ନିର୍ମଳ ପ୍ରବୃତ୍ତିକୁ ବ୍ୟାହତ କରିଦିଅନ୍ତି । ଇନ୍ଦ୍ରିୟଗଣ ନିଜ ନିଜର କାମନା ଓ ଖିଆଲ ଗୁଡ଼ିକ ଦ୍ୱାରା ମନ ଉପରେ ପ୍ରଭାବ ବିସ୍ତାର କରି ମନର ସ୍ୱଚ୍ଛତାକୁ ଆବିଳ କରି ଦିଅନ୍ତି । ମନ ଥରେ ଗୋଳିଆ ହୋଇଗଲେ, କାମ ସରିଲା । ତେଣିକି ଇନ୍ଦ୍ରିୟଗଣ ସହିତ ମନ ଓ ପ୍ରାଣ ସଂଯୁକ୍ତ ହୋଇ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦାଦି ବିଷୟ ଆହାର କରିବାରେ ପ୍ରବୃତ୍ତ ରହନ୍ତି । ଯୋଗମାର୍ଗର ପ୍ରତ୍ୟାହାର ବଳରେ ମନ ଓ ପ୍ରାଣକୁ ବିଯୁକ୍ତ କରି ପାରିଲେ, ଯୋଗୀ ବା ସାଧକ ସଂସାର ଯାତ୍ରା ପଥର ଯାତ୍ରୀ ହୋଇ ମଧ ମନର ଅଭୀପ୍ସା ସୁରକ୍ଷିତ/ସଂରକ୍ଷିତ କରି ରଖିବାକୁ ସମର୍ଥ ହୋଇପାରେ ।

ଅଷ୍ଟାଙ୍ଗ ଯୋଗ ମାର୍ଗର ପ୍ରତ୍ୟାହାର ସୋପାନ ପରେ ଯଥାକ୍ରମେ ଧାରଣା, ଧ୍ୟାନ ଓ ସମାଧି ଅବସ୍ଥାରେ ଯୋଗୀ ଉପନୀତ ହୁଏ । ପ୍ରତ୍ୟାହାର ସୋପାନରେ ଜୀବ ବିଷୟ ବାସନାରୁ ନିବୃତ୍ତ ହୋଇ ଇନ୍ଦ୍ରିୟ ନିୟନ୍ତ୍ରଣ ପ୍ରକ୍ରିୟା ସାଧନ ଅଭ୍ୟାସ କରେ । ଏହା ପୂର୍ବରୁ ପ୍ରଥମ ଚାରିଗୋଟି (ଯମ, ନିୟମ, ଆସନ, ପ୍ରାଣାୟାମ) ସୋପାନରେ ଥାଇ ମଧ ଜୀବ ସ୍ଥୂଳଜଗତରେ ଇନ୍ଦ୍ରିୟ ବାସନା ପରିପୂର୍ତ୍ତି ନିମନ୍ତେ ବିଷୟ ଆହରଣ କରେ । ଏହାକୁ ଆହାର କୁହାଯାଏ । ପ୍ରତ୍ୟାହାର = ପ୍ରତି + ଆହାର; ଅର୍ଥାତ୍ ଆହାରରୁ ନିବୃତ୍ତ ହୋଇ ରହିବା । ପ୍ରତ୍ୟାହାର ସାଧନ ନିମନ୍ତେ ମନ ସଂଯମ ଏକାନ୍ତ ଅପରିହାର୍ଯ୍ୟ । ପରିବେଶ ପାଇଲେ ଆହାରରୁ ସଂସ୍କାର ଏବଂ ଇନ୍ଦ୍ରିୟଗଣଙ୍କର ଆକର୍ଷଣ-ବିକର୍ଷଣ ପ୍ରକ୍ରିୟାରୁ ଯେଉଁ ଉପଭୋଗ ମିଳେ, ତହିଁରେ ମନ ଖେଳିବୁଲେ । ମନ ତଳେ ଯେଉଁ ସଂସ୍କାର ଘର ରହିଛି, ତାହାହିଁ ମନର ଘର । ଏହି ସଂସ୍କାର ଗୃହରେ ମନ ମଜ୍ଜି ରହିଲେ, ସୁଖଦୁଃଖର ଅନୁଭୂତି ରହେ । ଯାବତୀୟ ସାଂସାରିକ ଓ ବୈଷୟିକ (ବିଷୟ ସମ୍ବନ୍ଧୀୟ) କାର୍ଯ୍ୟ ଏହି ଗୃହରୁ ସମ୍ପାଦିତ ହୁଏ । ପ୍ରାଣୀର ଏହି ଗୃହ କେବେହେଲେ ଅଚେତନ ହୋଇଯାଏ ନାହିଁ । ଜନ୍ମନେବା ମୁହୂର୍ତ୍ତରୁ ଏହି ଗୃହର ଦ୍ୱାର ଆପେ ଆପେ (automatic) ଖୋଲିଯାଏ ।

ସଂକଳ୍ପ-ବିକଳ୍ପାତ୍ମକ ଅନ୍ତଃକରଣ ବୃତ୍ତି ଏବଂ ସର୍ବେନ୍ଦ୍ରିୟ ପ୍ରବର୍ତ୍ତକ ଅନ୍ତରେନ୍ଦ୍ରିୟ ହିଁ ମନ । ଏହା ପାଞ୍ଚ ପ୍ରକାର । ଯଥା - ମନ, ଅମନ, ବିମନ, ସୁମନ ଓ କୁମନ । ଅନ୍ତଃକରଣ ମନର କେନ୍ଦ୍ରବିନ୍ଦୁ ହିଁ ଚିତ୍ତ । କରୁଣା, ମୁଦିତା, ମୈତ୍ରୀ ଓ ଉପେକ୍ଷାକୁ ଚିତ୍ତବୃତ୍ତି କୁହାଯାଏ । ଏହାକୁ ମାନସିକ ଧର୍ମ ଚତୁଷ୍ଟୟ କହନ୍ତି । ଚିତ୍ତର ଅବସ୍ଥା ପାଞ୍ଚପ୍ରକାର, ଯଥା - କ୍ଷିପ୍ତଚିତ୍ତ, ମୂଢ଼ଚିତ୍ତ, ବିକ୍ଷିପ୍ତଚିତ୍ତ, ଏକାଗ୍ର ଚିତ୍ତ ଓ ନିରୁଦ୍ଧ ଚିତ୍ତ । ଚିତ୍ତବୃତ୍ତି ମଧ ପାଞ୍ଚ ପ୍ରକାର, ଯଥା :- ପ୍ରଣାମ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି । ଏଗୁଡ଼ିକର ମଧ ବିଭାଗ, ଅନୁବିଭାଗ ରହିଛି । ତାହା ଏଠାରେ ଉଲ୍ଲେଖ କରାଯାଉ ନାହିଁ । ଷଡ଼ବିକାରର ବିପରୀତ ଗୁଣ ସ୍ଥୂଳ ଚିତ୍ତରେ ଗଠିତ ହୋଇ କାର୍ଯ୍ୟକାରୀ ହୁଏ । ଜୀବର ଷଡ଼ବିଧ ଧର୍ମ ବା ବିକାର ଅଛି । ଏହା ଜଡ଼ଭୂତ ଗଠିତ ପ୍ରତ୍ୟେକ ଜୀବର ଅଛି । ଯଥା - ଜନ୍ମ, ଅସ୍ତିତ୍ୱ, ବୃଦ୍ଧି, ପରିଣାମ, ବିନାଶ ଓ ପ୍ରେତତ୍ୱ । ମାତ୍ର ଆତ୍ମା ଜନ୍ମ ମୃତ୍ୟୁ ରହିତ ହେତୁ ଆତ୍ମାର ଏହି ଷଡ଼ବିଧ ଜଡ଼ବିକାର ନଥାଏ । ସୂକ୍ଷ୍ମ ଚିତ୍ତ ପ୍ରତ୍ୟେକ ସଦ୍‌ଗୁଣର ଫଳ ପ୍ରଦାନ କରେ । ଏହି ଉଭୟ ଚିତ୍ତ ଜୀବର ସଂସ୍କାର ଦ୍ୱାରା ପରିଚାଳିତ । ଜୀବ ଜନ୍ମଜନ୍ମାନ୍ତରରେ ସଂସ୍କାର ତୋଳେ ଓ ତଦନୁଯାୟୀ ନିୟନ୍ତ୍ରିତ ହୁଏ । ତେଣୁ ଜୀବ ଅଣାୟତ୍ତ, ଆପଣା ଆୟତ୍ତରେ ରହିପାରେ ନାହିଁ ।

ସଂସ୍କାର ହେଉଛି ଷଡ଼ରିପୁର ସମଷ୍ଟି । ସଂସ୍କାର ତିନୋଟି ଉପାଦାନ ଦ୍ୱାରା ପ୍ରଭାବିତ ହୁଏ, ଯଥା (୧) ପ୍ରାରବ୍ଧ, (୨) ସଞ୍ଚିତ (ପିତାମାତାଙ୍କର ସଂଯୋଗ ହେତୁ ବିନ୍ଦୁସ୍ଥାପନ ମୁହୂର୍ତ୍ତର ନକ୍ଷତ୍ର ଓ ଗ୍ରହ ମଣ୍ଡଳର

ପ୍ରଭାବ) (୩) କ୍ରିୟମାଣ (କ୍ରିୟାଯୋଗ)। ସଂସ୍କାରଗୁଡ଼ିକ ଇନ୍ଦ୍ରିୟଗଣଙ୍କୁ ଆକର୍ଷଣ କରନ୍ତି । ବିମନ, ସୁମନ, କୁମନ ଏଥିରେ ଇନ୍ଧନ ଯୋଗାଇ ଆଆନ୍ତି । ବିଷୟ (ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ) ଆହାର ପ୍ରତି ଇନ୍ଦ୍ରିୟ ଆକର୍ଷଣ ଭାବ ମନ ମାଧ୍ୟମରେ ଚିନ୍ତା ବା କଳ୍ପନାରେ ଖେଳିବୁଲେ । କାରଣ ମନ ସଂକଳ୍ପାତ୍ମକ । ମନ ଯାହା ଗଭୀର ଭାବରେ କଳ୍ପନା କରିଦିଏ, ପ୍ରକୃତି ସେଇଠି ଖେଳ ଆରମ୍ଭ କରିଦିଏ । ଈଶ୍ୱର ସୃଷ୍ଟି ଯାବତୀୟ ବସ୍ତୁର ସମଷ୍ଟି ହିଁ ପ୍ରକୃତି । ସ୍ୱଭାବ ବା ସ୍ୱଧର୍ମ ହିଁ ପ୍ରକୃତି । ପଞ୍ଚଭୂତ ହେଉଛି ପ୍ରକୃତି । ଆଦ୍ୟାଶକ୍ତି ମଧ୍ୟ ପ୍ରକୃତି । ଅବିଦ୍ୟା ବା ମାୟାକୁ ମଧ୍ୟ ପ୍ରକୃତି କୁହାଯାଏ । ଆଚରଣ, ନାରୀ, ଲିଙ୍ଗ, ଯୋନୀ, ପରମାତ୍ମା, ପଞ୍ଚ ମହାଭୂତ ମଧ୍ୟ ପ୍ରକୃତି । ପ୍ରକୃତିର ଖେଳ ଇନ୍ଦ୍ରିୟ, ରିପୁ, ସଂସ୍କାର ଓ ବିଷୟକୁ ନେଇ ହୁଏ । ମନର ସମ୍ମୁଖ ଭାଗରେ ପ୍ରକୃତି ଥିବାରୁ ମନ ପ୍ରକୃତିର ବଶୀଭୂତ ହୋଇଥାଏ ଏବଂ ତା' ଊର୍ଦ୍ଧ୍ୱରେ ଯେଉଁ ସୂକ୍ଷ୍ମ ଚିତ୍ତଥାଏ, ସେହି ଚିତ୍ତର କାର୍ଯ୍ୟକ୍ରମକୁ ମନ ଜାଣିପାରେ ନାହିଁ । ମନ ଯେତେବେଳେ ପ୍ରକୃତିର ଖେଳରୁ ରହିତ ହୁଏ, ସ୍ଥୂଳ ଚିତ୍ତର କାର୍ଯ୍ୟକ୍ରମ ଜାଣିପାରେ ।

ମନ ସଂଯମ ଦ୍ୱାରା ପ୍ରତ୍ୟାହାର ସୋପାନ ଅତିକ୍ରମ କରିବାପରେ, ଯୋଗୀ ମନକୁ କୌଣସି ଏକ କେନ୍ଦ୍ରବିନ୍ଦୁରେ ସ୍ଥିର ରଖି ପାରିଲେ ଧାରଣା ସୋପାନରେ ଉପନୀତ ହୁଏ । ଧାରଣା ସିଦ୍ଧି ପରେ ହିଁ ଧ୍ୟାନ ସୋପାନ ପଡ଼େ । ଧ୍ୟାନ ସୋପାନରେ ସିଦ୍ଧିଲାଭ କରିବା ପରେ ସମାଧି ସ୍ତର ଉପନୀତ ହୁଏ । ଏହି ସମାଧି ସ୍ତରରେ ମଧ୍ୟ ସମାଧିର ପ୍ରକାର ଭେଦ ରହିଛି, ଯଥା-ଧୀ ସମାଧି, ସାମ୍ପ୍ରଦାୟିକ ସମାଧି, 'ମ' ସମାଧି, 'ଅ' ସମାଧି, ଗୋଲୋକ ସମାଧି, ସମାଧି 'ଭୂ', ସମାଧି 'କାରଣ', ସୁଦର୍ଶନ, ଜ୍ୱାଳ ସମାଧି, ସମାଧବ 'ନିତ୍ୟ', ସୂକ୍ଷ୍ମଃ, ଶୂନ୍ୟ ସମାଧି (କାରଣ), ମହାଶୂନ୍ୟ ତାରକ ସମାଧି, ତାରକ ସମାଧି (ସୂକ୍ଷ୍ମ), ବହିର୍ସମାଧି (ସୂକ୍ଷ୍ମ+କାରଣ), ନିରଞ୍ଜନ+ସୂକ୍ଷ୍ମ, କାରଣ ସମାଧି, ବିଜ୍ଞାନ+କାରଣ ସମାଧି, ବ୍ରହ୍ମ; ବ୍ରହ୍ମଯାନ+କାରଣ ସମାଧି (ସୂକ୍ଷ୍ମ), ପରମବ୍ରହ୍ମ ଉନ୍ମୀଳନ ନିତ୍ୟ ସମାଧି ଇତ୍ୟାଦି । ସମାଧି ସ୍ତରରେ ଉପନୀତ ହୋଇ ଯୋଗୀ ଗୋଟିଏ ପରେ ଗୋଟିଏ ସୋପାନ କାଳକ୍ରମେ ଆରୋହଣ କରି ଚାଲିଥିବା ଅବସ୍ଥାରେ ମନ ଚେତନାକୁ ଆୟତ୍ତରେ ରଖି ଶରୀର ଚେତନା ଅନୁଭବରେ ଆଣିପାରେ । ସେହି ଶରୀର ଚେତନା ଅବସ୍ଥାରେ ଯୋଗୀର ଶାରୀରିକ ପ୍ରୟୋଜନୀୟତା ସ୍ୱତଃ (automatic) ଶରୀର ପରିପୂରଣ କରିପାରେ । କାରଣ, ସେତେବେଳକୁ ଯୋଗୀ ଶରୀରର କୋଷ ଓ ସ୍ନାୟୁ ସମୂହ ସିଦ୍ଧ ହୋଇ ଯାଇଥାଆନ୍ତି ଓ ମନ ଏବଂ ଇନ୍ଦ୍ରିୟଗଣଙ୍କର ବିଯୋଗ ଘଟି ସାରିଥାଏ ।

ପ୍ରକୃତି ପର୍ଯ୍ୟବେକ୍ଷଣରୁ ଜଣାଯାଏ ଯେ, ବାଘ, ବିରାଡ଼ି, ସିଂହ ଆଦି ପଶୁମାନେ ମଧ୍ୟ ଶାରୀରିକ ପ୍ରୟୋଜନୀୟତା ସ୍ୱତଃ ପୂରଣ କରିପାରନ୍ତି । ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଲେ ବା ସେହିପରି ଅନ୍ୟ କିଛି ଶାରୀରିକ ବିଶୃଙ୍ଖଳା ଦେଖାଦେବା ମାତ୍ରେ ବା ଦେଖାଦେବାର ଅବ୍ୟବହିତ ପୂର୍ବରୁ ସେହି ପଶୁମାନେ ଘାସ, ବିଭିନ୍ନ ଲତା ଗୁଳ୍ମର ପତ୍ରାଦି ଆହାର କରିଥାଆନ୍ତି । ଏଥିପାଇଁ ତାଙ୍କୁ କୌଣସି ଚିକିତ୍ସକଙ୍କର ପରାମର୍ଶ ଲୋଡ଼ା ପଡ଼େ ନାହିଁ । ଏହାର କାରଣ, ସେହି ପଶୁମାନଙ୍କର ମନଚେତନା ବା ପ୍ରାଣଚେତନା ତାଙ୍କ ଶରୀର ଚେତନା ଉପରେ ଅଯଥା ପ୍ରଭାବ ବିସ୍ତାର କରିପାରନ୍ତି ନାହିଁ । ତେଣୁ, ସେମାନଙ୍କର ଶରୀର ଚେତନା ସ୍ୱାଧୀନ ଭାବରେ ସର୍ବଦା କ୍ରିୟାଶୀଳ ଥାଏ । କିନ୍ତୁ, ମନୁଷ୍ୟ କ୍ଷେତ୍ରରେ ଏହା ଭିନ୍ନ ଅବସ୍ଥା ପୋଷଣ କରିଥାଏ । ମନୁଷ୍ୟର ମନ, ବୁଦ୍ଧି, ଅହଂ, ବିବେକ, ଅବିଦ୍ୟା ଆଦି ସତତ କ୍ରିୟାଶୀଳ ରହି ଶରୀର ଚେତନାକୁ ଘୋଡ଼ାଇ ରଖନ୍ତି । ସମାଧି ସ୍ତର ଅବସ୍ଥାରେ ଯୋଗମାର୍ଗରେ ଗତି କରି ମନୁଷ୍ୟ ଉପନୀତ ହେଲେ ହିଁ ମନ ଚେତନା ଓ ପ୍ରାଣ ଚେତନା ସ୍ୱତନ୍ତ୍ର ରହି ଶରୀର ଚେତନାର ଆବରଣ ଖୋଲି ଦିଅନ୍ତି । କାରଣ ସମାଧି ହେଉଛି ତାହା, ଯାହା ଶରୀରସ୍ଥ ପୁରୁଷର ଉପଭୋଗ ପାଇଁ ବାସନା ରୂପକ ସକଳ ପ୍ରକାର ବସ୍ତୁକୁ ସୁସମାହିତ କରିପାରେ । ଅନ୍ୟ ଭାଷାରେ କହିବାକୁ ଗଲେ - ଶରୀରସ୍ଥ ଆତ୍ମପୁରୁଷର ଉପଭୋଗ ପାଇଁ କାମନାବାସନା ରୂପକ ସମସ୍ତ ବସ୍ତୁ ବିଷୟ ଯେଉଁ ସମାହିତ ହୁଏ ତାହାହିଁ ସମାଧି ।

# ଜିଜ୍ଞାସା : ଜିଜ୍ଞାସୁ

**ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ଆଲୋଚନା ପ୍ରସଙ୍ଗେ :**

**''ଚରମ'' : ଷଷ୍ଠପୁଷ୍ପ : ପଞ୍ଚମ ପାଖୁଡ଼ା : ୩୦ଶ ସଂଖ୍ୟାର ଅନୁଶ୍ରୁତିରୁ :**

(ପୂର୍ବରୁ ଚରିତ୍ର ଗଠନରେ - ପ୍ରକୃତି, ସ୍ୱଭାବ, ବୁଦ୍ଧି, ବିବେକ, ଐଶ୍ୱର୍ଯ୍ୟ, ବୈରାଗ୍ୟ, ଈର୍ଷା, ଦ୍ୱେଷ, କଳୁଷର ଆଲୋଚନା କରାଯାଇଛି)

ଜିଜ୍ଞାସୁ : ଏହି କଳୁଷ ଗୁଡ଼ିକର ଫଳ କ'ଣ ?

ଠାକୁର : କଳୁଷ ଗୁଡ଼ିକ ଭଲ ଓ ମନ୍ଦ ରୂପରେ ଦୁଃଖ ଓ ସୁଖ ରୂପୀ ଦ୍ୱୈତ ଫଳ ଦେଇଥାଏ ।

ଜିଜ୍ଞାସୁ : କିପରି ?

ଠାକୁର : କିପରି କ'ଣ ? ନିତି ପ୍ରତି ପରା ଅଙ୍ଗେ ଲିଭାଉଛ । ଅନୁଧ୍ୟାନ କର ଜାଣି ପାରିବ ।

ଜିଜ୍ଞାସୁ : ନାଁ ପ୍ରଭୁ । ଆମ ପକ୍ଷେ ଜାଣିବା ସମ୍ଭବ ନୁହେଁ । କହିଦେଲେ ବୁଝି ପାରିବୁ ।

ଠାକୁର : ପୂର୍ବରୁ କହିଛି ମନେ ରଖି ପାରୁନା । ମଇଳା ଅଛିବୋଲି ଶୌଚର ଆବଶ୍ୟକତା । ଏଣୁ ମଇଳା ପାଇଁ ଶୌଚରୁ ଶାନ୍ତି ରୂପକ ସୁଖଫଳ ଲାଭ ହୋଇଥାଏ । ଆଉ ମଇଳାର ଆବଦ୍ଧରେ ଗନ୍ଧ ବା ଅଶାନ୍ତି ରୂପକ ଦୁଃଖ ଫଳ ଉତ୍ପନ୍ନ ହୋଇଥାଏ । ବୁଦ୍ଧିତତ୍ତ୍ୱରୁ ତ କଳୁଷ ସୃଷ୍ଟି ହୁଏ । ରାଗ, ଈଷା, ଦ୍ୱେଷ, ଅସୂୟା, ପ୍ରତିଶୋଧ ରୂପୀ ମଳ ଉତ୍ପତ୍ତି ହୁଏ । ଆଉ ମଳକୁ ଧୌତ କଲେ ସୁଚରିତ୍ରର ଲକ୍ଷଣମାନ ପ୍ରକାଶ ପାଏ । ଯେପରି ରାଗ ବା ଆସକ୍ତିକୁ ତ୍ୟାଗ କଲେ ଅନାସକ୍ତ ବା ଅନୁରାଗ ଆସିଥାଏ । ଅନ୍ୟର ସଂପତ୍ତିକୁ ଦେଖିଲେ ଈର୍ଷା ଉତ୍ପନ୍ନ ହୁଏ । ଆଉ ଏହି ଈର୍ଷାକୁ ତ୍ୟାଗ କଲେ ଅନ୍ୟର ସଂପତ୍ତିକୁ ଜାତୀୟତା ବୋଧରେ ନିଜର ବୋଲି ଜ୍ଞାନ ହୋଇଥାଏ । ଯେପରି ମୋ ପୁଅ ପରିବର୍ତ୍ତେ ଆମର ପୁଅ, ଆମ ଜାତିର ପୁଅ, ଆମଦେଶ, ଇତ୍ୟାଦି ଜାତୀୟତା ବୋଧରେ ଈର୍ଷା ପରିଣତ ହୋଇଯାଏ ଜାତୀୟତାରେ । ସେହିପରି ଅପକାର କଳୁଷରୁ ହିଂସା ଓ ତା'ର ବିପରୀତରେ ଦୟା ସୃଷ୍ଟି ହୋଇଥାଏ । ଅସୂୟାରୁ ନିଜକୁ ଲୁଚାଇ ଅନ୍ୟକୁ ଦୋଷ ଦେବାରେ ନିନ୍ଦା ଭାବର ଉଦୟ ହେଉଥିବା ସ୍ଥଳେ ତାହାର ନିରାକରଣରେ ଅନ୍ୟକୁ ପ୍ରଶଂସା କରିବାର ଭାବ ଉଦୟ ହୋଇଥାଏ । ଏହିପରି ଭାବରେ ଦୁଃଖସୁଖ ରୂପେ ଦ୍ୱିବିଧ ଫଳ ପ୍ରଦାନ କରିଥାଏ । ପୁନଶ୍ଚ ଏହି କଳୁଷ ଗୁଡ଼ିକ ତ୍ରିଗୁଣ ଯୁକ୍ତ ହେବାରୁ ତ୍ରିବିଧ ଭାବ ପ୍ରକାଶ କରିଥାଆନ୍ତି । ସତଗୁଣ ପ୍ରଭାବରୁ ଯେଉଁ ଭାବ ମିଳିଥାଏ, ରଜଗୁଣ ଓ ତମଗୁଣରୁ ତା'ର ପୃଥକ୍ ପୃଥକ୍ ଭାବ ମିଳିଥାଏ ।

ଜିଜ୍ଞାସୁ : କିପରି ?

ଠାକୁର : ଏହି କାଳିମା ଗୁଡ଼ିକ ହେଉଛି ସବୁ ଗୋଟିଏ ଗୋଟିଏ ଭାବ । ଏହା ବୁଦ୍ଧିରୁ ଉତ୍ପନ୍ନ ହେଉଛି । କାରଣ ଓ କାର୍ଯ୍ୟ ଭେଦରେ ବୁଦ୍ଧିକୁ ଭାବ ଯୋଗାଉଛି । ଯାହାର ବଶବର୍ତ୍ତୀ ହେଉଛି ଜୀବ । ଏହାର ତ୍ରିବିଧ ଭାବ ଓ ଫଳ ଶରୀରରେ ଭୋଗ ହେଉଛି । ଧରାଯାଉ ଈର୍ଷା ହେଉଛି ଏକ ଭାବ । ଯାହାକି ଅନ୍ୟର ଗୁଣ ଓ ସଂପତ୍ତିକୁ ଅଧିକ ଦେଖିଲେ କ୍ଷୋଭ ଜାତ କରାଏ । ଏହାକୁ ତ ଈର୍ଷା ବୋଲି କୁହାଯାଏ । ଏହି ଈର୍ଷା ନର ଶରୀରରେ ତ୍ରିଗୁଣ ଯୁକ୍ତ ।

ଜିଜ୍ଞାସୁ : ଏହି ଈର୍ଷା ସତ୍ତ୍ୱଗୁଣ ଯୁକ୍ତ ହେଲେ ବି ଭାବ ଓ ଫଳ ଉତ୍ପନ୍ନ କରାଏ ?

ଠାକୁର : ଶରୀରରେ ସତ୍ତ୍ୱଗୁଣର ପ୍ରାବଲ୍ୟ ବିସ୍ତାର ହୋଇଥିବା ସମୟରେ ଈର୍ଷାର ଉଦ୍ରେକ ହେଲେ ଈର୍ଷା ସତ୍ତ୍ୱଗୁଣ ପ୍ରଭାବରେ ଅନ୍ୟର ସଂପତ୍ତିକୁ ନିଜର ବୋଲି କହି ଗର୍ବ ଅନୁଭବ କରାଇଥାଏ ।

ଜିଜ୍ଞାସୁ : ଗୋଟିଏ ଉଦାହରଣ ଦେଲେ ଭଲ ହୁଅନ୍ତା ।

ଠାକୁର : ନିଜର ଐଶ୍ୱର୍ଯ୍ୟଠାରୁ ଜଣେ ପୁରସ୍କୃତ ହୋଇଥିବା କବି, କଳାକାର, ନେତା, ଖେଳାଳିର ଐଶ୍ୱର୍ଯ୍ୟ ଅଧିକ । ଏଣୁ ଏମାନେ ତୁମର ଈର୍ଷାର ପାତ୍ର । କିନ୍ତୁ ଏହି ଈର୍ଷାରେ ସତ୍ତ୍ୱଗୁଣ ସଂଯୋଗ ହେଲେ ତୁମର ଈର୍ଷା ରୂପାନ୍ତରିତ ହୋଇ ଗୁଣର ପ୍ରଭାବରେ ଅନ୍ୟର ଐଶ୍ୱର୍ଯ୍ୟକୁ ନିଜର ଐଶ୍ୱର୍ଯ୍ୟ, ନିଜ ଜାତିର ଗର୍ବ, ନିଜଦେଶର ମାନ ବୋଲି ଏମାନଙ୍କୁ ଆମ କବି, ଆମ ଖେଳାଳି, ଆମ ନେତା ବୋଲି କହି ନିଜକୁ ଗର୍ବ ମନେ କରିଥାଅ । ଅନ୍ୟକୁ ନିଜର କହି ଗର୍ବ କରିବା, ଖୁସି ହେବା ଇତ୍ୟାଦି ଈର୍ଷାର ସତ୍ତ୍ୱଗୁଣ ସଂଯୋଗର ଫଳ ଓ ଭାବ ।

ଜିଜ୍ଞାସୁ : ଆଉ ରଜଗୁଣ ସଂଯୋଗ ହେଲେ ଈର୍ଷା କି ପ୍ରକାର ଭାବ ପୋଷଣ କରେ ?

ଠାକୁର : ରଜଗୁଣ ପ୍ରାବଲ୍ୟ ସମୟରେ ଈର୍ଷାର ସଂଯୋଗ ହେଲେ ପ୍ରତିଯୋଗିତାର ଭାବ ସୃଷ୍ଟି ହୁଏ । ଜଣେ ଅନ୍ୟ ଜଣର ଧନକୁ ବା ଐଶ୍ୱର୍ଯ୍ୟକୁ ଦେଖି ନିଜେ କିପରି ଅର୍ଜନ କରି ଧନୀ ହୋଇ ଅନ୍ୟକୁ ଟପିଯିବ, ଅଧିକ ପାଠ ପଢ଼ିବ, ଭଲ ଖେଳିବ, ଏହି ପ୍ରକାର ପ୍ରତିଯୋଗିତା ଭାବ ଈର୍ଷାର ରଜଗୁଣ ସଂଯୋଗର ଭାବ ଓ ଫଳ ।

ଜିଜ୍ଞାସୁ : ଈର୍ଷାର ତମ ଗୁଣ ସଂଯୋଗର ଭାବ କ'ଣ ?

ଠାକୁର : ଅନ୍ତର୍ଦାହ ରୂପକ ଈର୍ଷାର ଜ୍ୱଳନରେ ତମଗୁଣର ସଂଯୋଗ ହେଲେ ଅନ୍ୟର ବିପଦରେ, ଧନହାନୀ ସମୟରେ ତମଗୁଣୀ ଈର୍ଷା ଖୁସି ଓ ଆନନ୍ଦ ହୋଇଥାଏ ଓ ଅନ୍ୟର ସଂପତ୍ତି କିପରି ନଷ୍ଟ ହେବ ସେହି ଉଦ୍ଦେଶ୍ୟରେ ସର୍ବଦା ଜାଗ୍ରତ ରହି ସୁଯୋଗର ଅପେକ୍ଷାରେ ଥାଏ । ସମୟ ଆସିଲେ ଅନ୍ୟକୁ ବିପଦରେ ପକାଇବାକୁ ପଛାଏ ନାହିଁ । ଏହା ହେଉଛି ତମଗୁଣ ସଂଯୋଗର ଫଳ ।

ଜିଜ୍ଞାସୁ : ବୁଦ୍ଧିରୁ ଜାତ କଳୁଷ ଗୁଡ଼ିକର ତ୍ରିଗୁଣ ସଂଯୋଗ ହେତୁ ଯେଉଁ ଭିନ୍ନ ଭିନ୍ନ ଭାବ ଓ କ୍ରିୟା ପ୍ରକାଶ ହୁଏ ତାହା ବ୍ୟକ୍ତିର ଚରିତ୍ରରେ ପ୍ରତିଫଳିତ ହୋଇ ସେହି ପ୍ରକାର ଚରିତ୍ର ଗଠନ କରିଥାଏ । ଏହା ସ୍ୱୟଂ ଚାଳିତ ନା ବ୍ୟକ୍ତିର କିଛି କରଣି ଅଛି ?

ଠାକୁର : ବୁଦ୍ଧି ହେଉଛି ଏକ ସ୍ୱୟଂ ଚାଳିତ କ୍ରିୟା । ତାହାର ଗୁଣ ଧର୍ମରୁ ଏପରି ଅନେକ ଭାବ ସ୍ୱୟଂ ଚାଳିତ ଭାବେ ଉତ୍ପତ୍ତି ହୋଇଥାଏ । ଏହା ହେଉଛି ଜୀବର ସ୍ୱଧର୍ମ । ଏହି ସ୍ୱଧର୍ମରୁ ସ୍ୱଭାବର ଉତ୍ପତ୍ତି ହୁଏ । ସ୍ୱଧର୍ମରୁ ସ୍ୱଭାବ ଉତ୍ପନ୍ନ କରିବାରେ ଜୀବର କିଛି କରଣି ନାହିଁ । କିନ୍ତୁ କରଣି ବା କର୍ମଦ୍ୱାରା ସ୍ୱଧର୍ମରୁ ଜାତ ସ୍ୱଭାବକୁ ଜୀବ ସଜାଡ଼ି ଦେଇ ଚରିତ୍ର ଗଠନ କରି ଆଦର୍ଶ ହୋଇଥାଏ ।

ଜିଜ୍ଞାସୁ : ଠାକୁରେ ଜୀବର ସ୍ୱଧର୍ମରୁ ଅର୍ଥାତ୍ ସୃଷ୍ଟି ଧର୍ମରୁ ଯେଉଁ ବିଷୟର ଉତ୍ପତ୍ତି ହୁଏ ଜୀବ ଧର୍ମ ଦ୍ୱାରା ତାହା ସଜାଡ଼ି ପାରିବକି ?

ଠାକୁର : ହଁ, ପାରିବ । ସ୍ରଷ୍ଟା ତାଙ୍କ ସ୍ୱଧର୍ମରୁ ଅନେକ ବଙ୍କା ସିଧା ସୁନ୍ଦର ଅସୁନ୍ଦର, ବିଷୟ ଉତ୍ପନ୍ନ କରନ୍ତି । ଜୀବ ତା'ର ସ୍ୱକର୍ମ ଦ୍ୱାରା ବଙ୍କାକୁ ସିଧା ଓ ସିଧାକୁ ବଙ୍କା କରିପାରେ । ଏ ପ୍ରକାର କ୍ଷମତା ଜୀବକୁ ଈଶ୍ୱର ଦେଇଛନ୍ତି ।

ଜିଜ୍ଞାସୁ : ଭଗବାନଙ୍କ ତିଆରି ସୃଷ୍ଟି ଉପରେ ଜୀବର କରଣି ଅଛି ? ଉଦାହରଣ ଦେଇ ଟିକେ ବୁଝାଇ ଦିଅନ୍ତୁ ?

ଠାକୁର : ତୁମେ ଛଚିନ୍ଦା ଦେଖିଛ ? ବାଡ଼ିରେ ଚାଷ କର ?

ଜିଜ୍ଞାସୁ : ହଁ ଆଜ୍ଞା ।

ଠାକୁର : ମୋତେ କୁହ । ଛଚିନ୍ଦା ଯେତେବେଳେ ଫୁଲରୁ ଫଳ ହୁଏ ସେତେବେଳେ ସେ ବଙ୍କା ଟଙ୍କା ହୋଇ ବଢ଼ିବାକୁ ଲାଗେ । ବଙ୍କା ହୋଇ ବଢ଼ିବା ଛଚିନ୍ଦାର ସ୍ୱଧର୍ମ, କିନ୍ତୁ ତୁମେ ଛଚିନ୍ଦାର ଅଗ୍ର ଭାଗରେ ଖଣ୍ଡେ ଡ଼ୋରରେ ଟେକାଟିଏ ବାନ୍ଧି ଲଟକାଇ ଦେଲେ ଛଚିନ୍ଦା ବଙ୍କା ହୁଏ ନା ସିଧା ହୁଏ ?

ଜିଜ୍ଞାସୁ : ଆଜ୍ଞା । ଛଚିନ୍ଦାରେ ଟେକା ବାନ୍ଧି ଦେଲେ ସେ ବଙ୍କା ନହୋଇ ସିଧା ହୋଇଯାଏ ।

ଠାକୁର : ବାଉଁଶର ଛତାବେଣ୍ଟ କ'ଣ ଭଗବାନ ବଙ୍କାକରି ତିଆରି କରିଥାଆନ୍ତି ନା ମଣିଷ ନିଆଁର ତାପ ପ୍ରୟୋଗ କରି ବଙ୍କା କରିଥାଏ ?

ଜିଜ୍ଞାସୁ : ନାଁ ଆଜ୍ଞା । ମଣିଷ ଗରମ କରି ଛତା ବେଣ୍ଟ ବଙ୍କା କରିଥାଏ ।

ଠାକୁର : ଏହିପରି ପ୍ରତ୍ୟେକ ବସ୍ତୁ ସ୍ୱଧର୍ମରୁ ବିଶୃଙ୍ଖଳିତ ହୋଇ ଜନ୍ମ ନେଇଥାଏ । ଆଉ ସ୍ୱକର୍ମ ବା ଜୀବର କର୍ମଦ୍ୱାରା ତାହା ଶୃଙ୍ଖଳିତ ହୋଇଥାଏ । ଯେପରି ତୁମର ଦେହ । ଦେହର ଆଖି, ନାକ, କାନ, ପାଟି, ପେଟ ଏସବୁ ଦେହର ସ୍ୱଧର୍ମରୁ ଉତ୍ପନ୍ନ ହୋଇଛନ୍ତି । ମଣିଷର କର୍ମରୁ ନୁହେଁ ।

ଜିଜ୍ଞାସୁ : ସୃଷ୍ଟିର ସ୍ୱଧର୍ମ ଉପରେ ଉଦାହରଣ ଦେଇ କହିଲେ, ଆଜ୍ଞା ଦେହର ସ୍ୱଧର୍ମରୁ କ'ଣ ସବୁ ଉତ୍ପତ୍ତି ହେଉଛି ?

ଠାକୁର : ତୁମେ ପର ସ୍ୱଧର୍ମ କଥା ଆଲୋଚନା କରୁଥିଲ । ଏହି ସ୍ୱଭାବ ଅର୍ଥାତ୍ ତୁମ ଭିତରେ ଯେତେ ପ୍ରକାର ଭାବ ଖେଳ କରୁଅଛି ତାହା ସବୁ ସ୍ୱଧର୍ମରୁ ଉତ୍ପତ୍ତି । ଧରି ନିଅ ତୁମର ପଞ୍ଚ ଜ୍ଞାନେନ୍ଦ୍ରିୟ କର୍ଣ୍ଣ, ଚକ୍ଷୁ, ନାସା, ଜିହ୍ୱା, ତ୍ୱକ୍ ବା ଚର୍ମ । ଏମାନେ ଜୀବର ସ୍ୱଧର୍ମରୁ ଉତ୍ପତ୍ତି, ଏମାନେ ଯେଉଁ ଭାବ ପୋଷଣ କରନ୍ତି ତାହା ସେମାନଙ୍କର ଧର୍ମରୁ ଉତ୍ପନ୍ନ ହୁଏ । ଯେପରି ଦର୍ଶନର ଭାବ ଚକ୍ଷୁରୁ, ଶୁଣିବାର ଭାବ କର୍ଣ୍ଣରୁ ଉତ୍ପତ୍ତି ହୁଏ । ଚକ୍ଷୁର କର୍ମ ଦେଖିବା ନୁହେଁ ତାହାର ଧର୍ମ ହେଉଛି ଦେଖିବା । ଆଖିର ଧର୍ମ ଯେତେବେଳେ ଦେଖୁଛି, ସେ ସବୁ ଦେଖି ପାରୁଛି । କିଛିକୁ ବାଦ୍ ଦେଉନି । ଯାହା ଦେଖୁଛି ସବୁର ଚିତ୍ର ମସ୍ତିଷ୍କରେ ସାଇତି ରହିଯାଉଛି । ସେହିଭଳି ଯାହା ଶୁଣୁଛି, ଖାଉଛି, ଗନ୍ଧ ବାରୁଛି, ସ୍ପର୍ଶ ଅନୁଭବ କରୁଛି ଏସବୁର ଅନୁଭବ ସ୍ୱଧର୍ମରେ ସାଇତି ହୋଇ ରହି ଜୀବକୁ ପ୍ରଭାବିତ କରୁଅଛି । ଏପରିକି ପ୍ରତି ମୁହୂର୍ତ୍ତରେ ସ୍ୱଧର୍ମର ଅଂଶଗୁଡ଼ିକ ନିଜସ୍ୱ ଭାବ ଉତ୍ପନ୍ନ କରୁଅଛନ୍ତି । ଏହି ଭାବ ଗୁଡ଼ିକ ଭଲ ଓ ମନ୍ଦ, ଦେବ ଓ ଅସୁର ଏହିପରି ଦ୍ୱିବିଧ ଭାବ ଉତ୍ପନ୍ନ କରି ଜୀବକୁ ଭୋଗାଇ ଅନୁଭବ କରାଇଥାନ୍ତି । ଆଉ ଜୀବ ସ୍ୱଧର୍ମର ଆୟତ୍ତରେ ଥିବାରୁ ସ୍ୱଧର୍ମରୁ ଜାତ ଭାବ ଜୀବକୁ ଆୟତ୍ତ କରିଥାଏ । (କ୍ରମଶଃ)

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



ଅସମାହିତ ଏ ଜରାୟୁତତ୍ତ୍ୱ ପୁଣି ଅନନ୍ତ । ବୁଝିଲେ ଏତତ୍ତ୍ୱ ଧନରେ, ମନ ହୋଇବ ଶାନ୍ତ ॥
ଜୀବ ପରମର ମିଳନ ଭୂମି ଜନନୀ ଗର୍ଭ । ଜନନୀ ଗରଭେ ଜୀବର ତିଳେ ନଥାଏ ଗର୍ବ ॥
ମାତୃମାୟା ଧରି କାୟାରେ ସବୁ ଘଟେ ବିକାର । ବିକାର ନାଶିବା ସକାଶେ ଧନ, ଧାରା ତୁ ଧର ॥
ଧାରା ଧରି ଇନ୍ଦ୍ରିକାରାରୁ ଧିରେ ହୁଅ ମୁକତ । ମୁକତି ଲଭିଲେ ଧନରେ, ସିନା ହେବୁ ଭକତ ॥

*ଅନେକ ସମୟରେ ଆମ୍ଭମାନଙ୍କର ମନ ମଧ୍ୟରେ ଈଶ୍ୱର ସବୁ କରୁଛନ୍ତି ଓ କରାଉଛନ୍ତି ବୋଲି ଧାରଣା ଜାତ ହୋଇଥାଏ । ଆମ୍ଭମାନଙ୍କର ସ୍ୱତନ୍ତ୍ର ଭାବରେ କିଛି କରିବାର ନାହିଁ ବୋଲି ମନେକରି ଆମ୍ଭେମାନେ ଅନେକ ସମୟରେ ନିଷ୍କ୍ରିୟ ବା ନିୟନ୍ତ୍ରଣହୀନ ହୋଇଯାଉଁ । ଏ ପ୍ରକାର ଧାରଣାର ଧାରା କିନ୍ତୁ ସତ୍ୟ ସିଦ୍ଧାନ୍ତ ନୁହେଁ । ଆମ୍ଭମାନଙ୍କର ଶରୀର କୋଷ ଓ ସ୍ନାୟୁରେ ଗଠିତ । ଗୁରୁବରଣ କରି ଶ୍ରୀଗୁରୁଙ୍କର ନିର୍ଦ୍ଦେଶିତ ପଥରେ ପରିଚାଳିତ ହୋଇ ସାଧନ ପଥରେ ଗତିକଲେ, କୋଷ ଓ ସ୍ନାୟୁ ସକଳ ସୁପଥରେ ପରିଚାଳିତ ହୁଅନ୍ତି । ଜୀବ ସାତ୍ତ୍ୱିକ ଗୁଣର ଅଧିକାରୀ ହୋଇ ସତ୍ ଚିନ୍ତନ, ସତ୍ କଥନ ଓ ସତ୍ କର୍ମ କରେ । ଏହା ସୃଷ୍ଟିତତ୍ତ୍ୱର ରହସ୍ୟ । ଜରାୟୁ ତତ୍ତ୍ୱ ମାଧ୍ୟମରେ ପରମ କାରୁଣିକ ଠାକୁରେ ଜୀବର ଉଦ୍ଧାର ଓ ଜଗତର କଲ୍ୟାଣ ନିମନ୍ତେ ନିଗୂଢ଼ ରହସ୍ୟ ଉଦ୍‌ଘାଟନ କରିଛନ୍ତି ଏହି ସ୍ତମ୍ଭରେ । 'ଚରମ' ପୃଷ୍ଠାରେ ଏହା ଏକ ତତ୍ତ୍ୱସାର ଗର୍ଭକ ସ୍ତମ୍ଭ ଅଟେ ।*

''ଚରମ'' : ଷଷ୍ଠପୁଷ୍ପ : ପଞ୍ଚମ ପାଖୁଡ଼ା : ତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :

ରତ୍ନଗୁର୍ଜ୍ଜରୀ କୋଷ : ୪୦

## ଜନନୀ, ଜଠର, ଜରାୟୁ

### (୩) ମୈତ୍ରୀମାୟା ସ୍ନାୟୁ :

ମୈତ୍ରୀମାୟା ସ୍ନାୟୁ ଜୀବ ମଧ୍ୟରେ ଭାବ ତୋଳେ, ବୃତ୍ତି ପ୍ରବୃତ୍ତିକୁ ପ୍ରେରଣା ଓ ଶକ୍ତି ଯୋଗାଏ । ଜୀବ ଏହି ଭାବ, ପ୍ରେରଣା ଓ ଶକ୍ତି ବଳରେ କର୍ମ କରେ । ଜୀବ ଭାବରେ ବିହ୍ୱଳ ହୋଇ ଭାବେ ଓ କହେ - 'ସବୁ ସେ କରାଉଛନ୍ତି । ସବୁ କିଛି ଇଚ୍ଛାମୟ ପ୍ରଭୁଙ୍କର ଇଚ୍ଛା ।' ବ୍ୟକ୍ତିର ଇଚ୍ଛା ଓ ଈଶ୍ୱରଙ୍କର ଇଚ୍ଛା ସବୁ ସମୟରେ, ସବୁସ୍ଥାନରେ, ସବୁ ପରିସ୍ଥିତିରେ ଏକ ବା ସମାନ ହୋଇ ନପାରେ । ଏପରି ମଧ୍ୟ ହୋଇଥାଏ ଯେ, ବ୍ୟକ୍ତି ଯାହା ଇଚ୍ଛା କରୁଛି, ତାହା ଈଶ୍ୱରଙ୍କର ଇଚ୍ଛା ନୁହେଁ ଏବଂ ଈଶ୍ୱର ଯାହା ଇଚ୍ଛା କରୁଛନ୍ତି, ତାହା ବ୍ୟକ୍ତି କରୁନାହିଁ । ଏହି ପାର୍ଥକ୍ୟ ଜାଣିବା ବା ବୁଝିବା ପାଇଁ ବ୍ରହ୍ମ କରୁଣା କରି ଜୀବ ମଧ୍ୟରେ ବୁଦ୍ଧି ଓ ବିବେକ ଦେଇ ଅଛନ୍ତି । ଜୀବ ନିଜର ସଦ୍‌ବୁଦ୍ଧି ଓ ବିବେକ ଶକ୍ତି ଖଟେଇ କେଉଁଟି ଈଶ୍ୱରଙ୍କର ଇଚ୍ଛା ଏବଂ କେଉଁଟି ତାର ନିଜସ୍ୱ ଇଚ୍ଛା ତାହା ସୁନ୍ଦର ଭାବରେ ସହଜରେ ବୁଝିପାରିବ ।

ଜଣେ ବିବେକି ବ୍ୟକ୍ତି କସ୍ମିନ୍‌କାଳେ ପରସ୍ୱ ହରଣ କରିପାରେ ନାହିଁ । ଏ ପ୍ରକାର ଚିନ୍ତା ମଧ୍ୟ ତା ମନ ମଧ୍ୟରେ ପ୍ରବେଶ କରିପାରେ ନାହିଁ । ଚତୁରତାରେ ଅନ୍ୟକୁ ଠକି ଭଣ୍ଡିଦେବା ଜଣେ ବିବେକଶାଳୀ ବ୍ୟକ୍ତି ପକ୍ଷରେ ସମ୍ଭବ ହୁଏ ନାହିଁ । ସେ କଦାପି କୁକର୍ମରେ ଲିପ୍ତ ହୋଇପାରେ ନାହିଁ । ଏହାର କାରଣ ହେଉଛି, ସେ ନିଜର ମନକୁ ବିବେକ ଶକ୍ତିର ଅଙ୍କୁଶ ଦ୍ୱାରା ଶାସନ କରିପାରିଛି । ଏଥିପାଇଁ ମୈତ୍ରୀମାୟା ସ୍ନାୟୁ ସତ୍ୟେନ୍ଦ୍ରିୟ ବୃତ୍ତିକୁ ଜାଗ୍ରତ ଓ ସତେଜ ରଖିବାରେ ସାହାଯ୍ୟ ଯୋଗାଇ ଦେଉଛି । କିନ୍ତୁ ଅନ୍ୟ ଜଣେ ବ୍ୟକ୍ତି ପରଦ୍ରବ୍ୟ ହରଣ କରୁଛି, ଚୋରି କରୁଛି, ଅନ୍ୟକୁ ଚାଲାକି କରି ଠକେଇ ଭଣ୍ଡେଇ ଦେଇ ସ୍ୱାର୍ଥ ହାସଲ କରିନେଉଛି, ନାନାପ୍ରକାର କୁକର୍ମ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛି । ସେ ଯାହା ସବୁ କରୁଛି, ତାହା କ'ଣ ଈଶ୍ୱରଙ୍କର ଇଚ୍ଛା ? ଈଶ୍ୱର କ'ଣ ଜଗତରେ ଏ ପ୍ରକାର କାର୍ଯ୍ୟ କରାଇବାର ଇଚ୍ଛା ପୋଷଣ କରିପାରନ୍ତି ? ଆଦୌ ନୁହେଁ । ଏହା ସଂପୂର୍ଣ୍ଣ ଭାବରେ ସହି ଦୁଷ୍ଟ ବୁଦ୍ଧି ସମ୍ପନ୍ନ ବ୍ୟକ୍ତିର ନିଜସ୍ୱ ବ୍ୟକ୍ତିଗତ ଇଚ୍ଛା, ସେ ବ୍ୟକ୍ତି ଜଣକ ନିଜ ମନକୁ ନିଜ ନିୟନ୍ତ୍ରଣରେ ରଖିପାରି ନାହିଁ । ସେ ବିବେକହୀନ ହୋଇପଡ଼ିଛି । ବାରମ୍ବାର କୁଚିନ୍ତା ଓ କୁକର୍ମ କରିବା ଏବଂ କୁବାକ୍ୟ ପ୍ରୟୋଗ କରିବା ହେତୁ ତା' ମଧ୍ୟରେ ସ୍ରଷ୍ଟା ପୁରୁଷ ଦେଇଥିବା ସତ୍ୟେନ୍ଦ୍ରିୟ ବୃତ୍ତିର ବିକାଶ ଘଟି ପାରିନାହିଁ ଏବଂ ବିଜେନ୍ଦ୍ରିୟ ବୃତ୍ତି ଶକ୍ତ ଓ ସବଳ ହୋଇଉଠିଛି । ମୈତ୍ରିମାୟୀ ସ୍ନାୟୁ ବିକୃତ ହୋଇ ବିକାରଗ୍ରସ୍ତ ଭାବ ତା' ମଧ୍ୟରେ ତରଙ୍ଗ ତୋଳୁଛି । ତେଣୁ ସେ ନାନାଦି ବିକାରୀୟ କର୍ମ ଅତି ସହଜରେ କରିପାରୁଛି । ସମାଜରେ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ସାମାନ୍ୟ ନଗଣ୍ୟ ଜୀବଟିକୁ ହତ୍ୟାକରିବା ତ ଦୂରର କଥା କଷ୍ଟ ଯନ୍ତ୍ରଣା ଦେବାକୁ ମଧ୍ୟ କୁଣ୍ଠିତ ହୁଅନ୍ତି । ଅନ୍ୟ ପକ୍ଷରେ ଏପରି ବ୍ୟକ୍ତି ମଧ୍ୟ ଆତଯାତ ହେଉଛନ୍ତି, ଯେଉଁମାନେ ସାମାନ୍ୟତମ ସ୍ୱାର୍ଥପାଇଁ ନରହତ୍ୟା କରିବା ପାଇଁ ମଧ୍ୟ କୁଣ୍ଠିତ ହେଉନାହାନ୍ତି । ସମାଜର ଚିତ୍ରପଟକୁ ଲକ୍ଷ୍ୟ କଲେ, ଏହା ବେଶ୍ ସହଜରେ ବୁଝିହୁଏ ।

ପ୍ରଭୁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ମୈତ୍ରୀମାୟା ସ୍ନାୟୁ ଖଞ୍ଜିଦେବା ସହିତ ବିଜେନ୍ଦ୍ରିୟ ବୃତ୍ତି ଓ ସତ୍ୟେନ୍ଦ୍ରିୟ ବୃତ୍ତି ମଧ୍ୟ ଦେଇଅଛନ୍ତି । ବୁଦ୍ଧି, ବିବେକ, ଜ୍ଞାନ ମଧ୍ୟ ଦେଇ ଅଛନ୍ତି । ଜୀବକୁ ସ୍ୱାଧୀନ ଓ ସ୍ୱତନ୍ତ୍ର ଭାବରେ ଏସବୁର ବ୍ୟବହାର କରିବା ପାଇଁ ଛାଡ଼ି ଦେଇଅଛନ୍ତି । ନିଜକୁ, ନିଜମନକୁ, ନିଜର ବୁଦ୍ଧିବିବେକ ଜ୍ଞାନର ନିୟନ୍ତ୍ରଣରେ ରଖି ସଂଯମତା ରକ୍ଷା କରିବା ଜୀବର ନିଜସ୍ୱ ଦାୟିତ୍ୱ । ବ୍ୟକ୍ତି ଏହି ଦାୟିତ୍ୱ ନିର୍ବାହ ପାଇଁ ସଚେତନ ହୋଇ ପାରିଲେ, ମୈତ୍ରୀମାୟା ସ୍ନାୟୁର ଭାବକୁ ଶକ୍ତି ସବଳ ରଖି ପାରିଲେ, ଜୀବନକାଳ ମଧ୍ୟରେ ସତ୍ୟେନ୍ଦ୍ରିୟ ବୃତ୍ତିଦ୍ୱାରା ପରିଚାଳିତ ହୋଇ ସକଳ ଦେବଗୁଣର ଅଧିକାରୀ ହୋଇ ଦିବ୍ୟାତ୍ମା ହୋଇପାରିବ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସେହିପରି ମିଛ, ଛଳନା, ସ୍ୱାର୍ଥପର ବୃତ୍ତି ତୋଳିବା ମଧ୍ୟ ଜୀବ ହାତରେ । 'ସବୁ ସେ କରାଉଅଛନ୍ତି' - ଏହି ଧାରଣା ବଶବର୍ତ୍ତୀ ହୋଇ ଯାହା ଇଚ୍ଛା ହେଉଛି, ତାହା ଈଶ୍ୱରଙ୍କର ଇଚ୍ଛା ବୋଲି ଧରିନେଇ କାର୍ଯ୍ୟ କରିଚାଲିଲେ, ବ୍ୟକ୍ତି କଦାପି ବିବେକୀ, ସୁବୁଦ୍ଧି ସମ୍ପନ୍ନ, ସ୍ପଷ୍ଟବାଦୀ, ସତ୍ୟବାଦୀ, ନିର୍ଭୀକ ହୋଇପାରିବ ନାହିଁ । ତା' ମଧ୍ୟରେ ମୈତ୍ରୀମାୟା ସ୍ନାୟୁ ବିକୃତ ହୋଇ ବିକାରୀୟ ଭାବ ତୋଳିବ । ସେ ବିଜେନ୍ଦ୍ରିୟ ବୃତ୍ତି ଦ୍ୱାରା ପରିଚାଳିତ ହୋଇ ସକଳ ଆସୁରୀଗୁଣର ଅଧିକାରୀ ହୋଇ ସମାଜରେ କଳଙ୍କିତ ଜୀବନ ଯାପନ ଅବଶ୍ୟ କରିବ ହିଁ କରିବ ।

ଦୀର୍ଘଦିନ ଧରି ଜୀବ ଯେଉଁ ପ୍ରକାର ଚିନ୍ତା ଅଭ୍ୟାସରେ ପକାଇବ, ଯେଉଁ ପ୍ରକାର ବାକ୍ୟ ଉଚ୍ଚାରଣ ଅଭ୍ୟାସଗତ କରିବ ଓ ଯେଉଁ ପ୍ରକାର କାର୍ଯ୍ୟରେ ଅଭ୍ୟସ୍ତ ହୋଇଯିବ ଜୀବର ପ୍ରକୃତି ଓ ପ୍ରବୃତ୍ତି ସେହି ପ୍ରକାର ହେବ । ତେଣୁ ଭଲ ବା ମନ୍ଦରେ ଅଭ୍ୟାସ ଧାରା ଚଳାଇନେବା ଜୀବ ଉପରେ ହିଁ ନିର୍ଭର କରେ । ଏଥିରେ ସ୍ରଷ୍ଟାପୁରୁଷଙ୍କର ଇଚ୍ଛା ପ୍ରକଟ ହୋଇନଥାଏ । ଜୀବ ନିଜ ମଧ୍ୟରେ ଯେଉଁ ପ୍ରକାର ଭାବ ତୋଳିବ ସେହିପ୍ରକାର କର୍ମକରି, ସେହିପ୍ରକାର ବ୍ୟକ୍ତିତ୍ୱର ଅଧିକାରୀ ହେବ । ସଂସାରରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନେ କେବଳ ବାକ୍ୟବୀର । ସେମାନେ କର୍ମବୀର ନୁହଁନ୍ତି କିମ୍ବା ହୋଇପାରନ୍ତି ନାହିଁ । କାରଣ, ସେମାନେ କଥା କହିବାର


ଶୈଳୀରେ ଅଭ୍ୟସ୍ତ କିନ୍ତୁ କାର୍ଯ୍ୟ କରିବାର ଧାରାରେ ଆଦୌ ଅଭ୍ୟସ୍ତ ନୁହଁନ୍ତି । ବହୁ ଅଭ୍ୟାସ ବଳରେ ଜୀବ ଦ୍ୱାରା କର୍ମ କରିବା ସମ୍ଭବ ହୁଏ । ଅନେକେ ଅଭ୍ୟାସ ଧାରା ବଳରୁ ଅବିବେକୀ, ସ୍ୱାର୍ଥପର, ଆଳସ୍ୟ ପରାୟଣ ସମୟ ଜ୍ଞାନଶୂନ୍ୟ, ସନ୍ଦେହୀ, କପଟୀ, ମିଥ୍ୟାଚାରୀ, ନିନ୍ଦୁକ ହୋଇଯାଆନ୍ତି । ଏହାଦ୍ୱାରା କର୍ମଶୋଧନ ହୋଇପାରେ ନାହିଁ । ସେମାନଙ୍କର କୁକର୍ମର ଫଳ ଭୋଗ୍ୟ ହୋଇ ଉପନୀତ ହୁଏ । ସେମାନଙ୍କର ମୈତ୍ରୀମାୟା ସ୍ନାୟୁ ସତ୍ୟେନ୍ଦ୍ରିୟ ଓ ବିଜେନ୍ଦ୍ରିୟ ବୃତ୍ତିଦ୍ୱୟର ମଧ୍ୟସ୍ଥଳରେ ରହି ମୂକ ସାକ୍ଷୀ ସ୍ୱରୂପ କାର୍ଯ୍ୟକରେ । ଜୀବର ଭାବତରଙ୍ଗକୁ ଲୟରଖି ବ୍ୟକ୍ତିକୁ 'କୁ' ବା 'ସୁ' ରେ ପରିଣତ କରେ ।

ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସମୟକୁ ଜଗି କାର୍ଯ୍ୟମାନ କରିପାରନ୍ତି ନାହିଁ । ସେମାନେ ସମୟାନୁବର୍ତ୍ତୀ ନୁହନ୍ତି । ସମୟ ନଷ୍ଟ କରିବା ଦ୍ୱାରା ସେମାନେ ଯେ ନିଜ ଜୀବନକୁ ହିଁ ନଷ୍ଟ କରୁଛନ୍ତି, ଏହା ମଧ୍ୟ ସେମାନେ ବୁଝିପାରନ୍ତି ନାହିଁ । କେତେକ ଅଛନ୍ତି ଯେଉଁମାନେ କେବଳ ନିଜର ଭଲ, ନିଜର ସୁବିଧା ଓ ନିଜର ସୁଖ ଦେଖନ୍ତି । ଅନ୍ୟମାନଙ୍କର ଭଲ, ସୁଖ ବା ସୁବିଧା ଅସୁବିଧା ପ୍ରତି ତିଳେ ମାତ୍ର ଦୃଷ୍ଟି ଦିଅନ୍ତି ନାହିଁ । ସେମାନେ ସ୍ୱାର୍ଥପର ଅଟନ୍ତି । ସ୍ୱାର୍ଥପର ବ୍ୟକ୍ତିମାନେ ଅବିବେକି ଓ ସନ୍ଦେହୀ ଅଟନ୍ତି । ସେମାନେ ଅନ୍ୟକୁ ବିଶ୍ୱାସ କରନ୍ତି ନାହିଁ କି ଭଲ ମଧ୍ୟ ପାଆନ୍ତି ନାହିଁ । ଅନେକ ସ୍ୱାର୍ଥପର ବ୍ୟକ୍ତି ଆଳସ୍ୟ ପରାୟଣ ଅଟନ୍ତି । ସନ୍ଦେହୀ ମାନେ କପଟୀ ଓ ମିଥ୍ୟାଚାରୀ ହୁଅନ୍ତି । ସେମାନେ ବହୁଳ ଭାବରେ ଛନ୍ଦକପଟ କରନ୍ତି ଓ ଅନ୍ୟର ବହୁ ନିନ୍ଦାଗାନ କରି ନିନ୍ଦୁକ ହୋଇଯାଆନ୍ତି । ସେମାନେ ଅନ୍ୟକୁ ନିଷ୍କପଟ ସ୍ନେହ ଦେଇପାରନ୍ତି ନାହିଁ । ଦୀର୍ଘ ଦିନର ବହୁ ଅଭ୍ୟାସ ହେତୁ ବ୍ୟକ୍ତି ଏପରି ହୋଇଯାଏ । ତୁଚ୍ଛାରେ 'ଈଶ୍ୱରଙ୍କର ଇଚ୍ଛା' ବୋଲି ଦ୍ୱାହିଦେଇ ଖସି ଯିବାକୁ ଚାହିଁଲେ ମଧ୍ୟ ଖସିଯାଇପାରେ କୁଆଡୁ ??

ସତସଙ୍ଗକୁ ଟାଣ ତୁ ଧର ।
ଅସୁରୀ ମାୟା ହୋଇବ ଦୂର ॥



ମାୟା'ର ଜାଲ ନୁହଁଇ ଫାଶ ।
ମୋହ ବନ୍ଧନେ ହୁଅଇ ବଶ ॥



# କଲ୍ୟାଣ ଦେଉଛି ତୋତେ

ଅବାରିତ କଲ୍ୟାଣର ଅମୀୟଧାରା ଝରିପଡୁଛି ଏହି ମଧୁମୟ ସୃଷ୍ଟିର ପ୍ରତିଟି ବୈଭବରେ ପ୍ରତିମୁହୂର୍ତ୍ତରେ ଅବିରାମ ଭାବରେ । ମୂଢ଼ ଜଡ଼ ମାନବ ଏହା ଉପଲବ୍ଧ କରି ନପାରି ଅସନ୍ତୋଷର ସହିତ ଅଲୌକିକତାର ମୃଗତୃଷ୍ଣା ପଛରେ ଶ୍ରାନ୍ତକ୍ଳାନ୍ତ ହୋଇ ଧାଇଁ ଚାଲିଛି । ନିଜ ପିଣ୍ଡରେ ଭରି ରହିଛି ଅଲୌକିକତା ବ୍ରହ୍ମାଣ୍ଡ ସ୍ୱରୂପରେ । ତା'ର ସନ୍ଧାନ କରି ନ ପାରି କସ୍ତୁରୀ ସୁଗନ୍ଧିରେ କସ୍ତୁରୀମୃଗ ତୁଲ୍ୟ ଅସ୍ଥିର ହୋଇ ଉଠିଛି ଜୀବପ୍ରାଣ । ବିଶ୍ୱପ୍ରାଣର ସନ୍ଧାନରେ ଅନୁସନ୍ଧିତ୍ସୁ ନ ହୋଇ ପ୍ରଭୁଙ୍କର ଅଲୌକିକତା ପାଇଁ ଉଦ୍‌ବେଗ ପ୍ରକାଶ କରିବାର ଅର୍ଥ କିଛି ହୁଏନା । ଅମୃତମୟ ସୃଷ୍ଟିର ମାଧୁର୍ଯ୍ୟରେ ମୁଗ୍ଧ ହେଲେ, ସ୍ରଷ୍ଟାପୁରୁଷଙ୍କର ଅପାର ମହିମା ସହଜରେ ଅନୁଭବ କରିବା ସମ୍ଭବ । ତାଙ୍କର କଲ୍ୟାଣ ଉପଲବ୍ଧ କରିବା ମଧ୍ୟ ସହଜ । ଲୀଳାମୟଙ୍କର ଲୀଳାମହିମା ଅପାର, ଅନନ୍ତ । ମଙ୍ଗଳମୟଙ୍କର କରୁଣା ଓ କଲ୍ୟାଣ ଅମାପ ॥

କହୁଅଛି ଶୁଣ ଧନ, 'ଚରମ'ରେ ମୋର !
ଯେଉଁ ଭାବ ଖେଳୁଅଛି ମରମରେ ତୋର ॥
ତୋ' ପିଣ୍ଡ ଗୋଟି ବ୍ରହ୍ମାଣ୍ଡ ବୁଝିବୁରେ ଧନ ।
ଏ ମତ ସର୍ବସମ୍ମତ ସ୍ଥିରକର ମନ ॥
ପଞ୍ଚଭୂତେ କିଏ କହ ଗଢ଼ିଛି ତୋ ତନୁ ?
ପରମପିତାଙ୍କୁ ଭୁଲି ଗଲୁ କିରେ ମନୁ ??
କିଏ ଖଞ୍ଜିଛି ତୋ ଦେହେ ନାସିକା ନୟନ ?
କିଏ ସେ ଦେଇଛି ତୋତେ ଚିତ୍ତ ବୁଦ୍ଧି ମନ ??
ପଞ୍ଚପ୍ରାଣ ସ୍ୱରୂପରେ ତୋ ଦେହେ ବିରାଜି ।
କିଏ ସେ ଦେଉଛି ଭାବ ତରଙ୍ଗ ସୃଜି ? ?
କାହାବଳେ ଇନ୍ଦ୍ରିଦ୍ୱାରା କରୁଛୁ କରମ ?
କେବେ କି ଚିନ୍ତିଛୁ ଧନ ! ଏହାର ମରମ ? ?

ନାସାଦ୍ୱାର ଦେଇ ଛାଡ଼ି ଦେଉଛୁ ପବନ ।
କିଏ ସେ କରୁଛି ପୁଣି ତା' ପ୍ରତ୍ୟାବର୍ତ୍ତନ ??
ଦେହ ଥାଇ ସେ ନଥିଲେ ସବୁଥାଇ ବ୍ୟର୍ଥ ।
ଭାବି କି ପାରୁଛୁ ଧନ, ଏ ତତ୍ତ୍ୱର ଅର୍ଥ ? ?
ଅଲୌକିକ ଭାବେ ତୋତେ ଚଳାଉଛି ଯେହୁ ।
ନିଖିଳ ବିଶ୍ୱ ନିଧାନ ଅଟଇଟି ସେହୁ ॥
ତୋ ପିଣ୍ଡ ମଧ୍ୟରେ ଥାଇ ଚଳାଉଛି ତୋତେ
ଅନ୍ତରକୁ ଦୃଷ୍ଟି ଦେଲେ ଦେଖିବୁ ନିଶ୍ଚିତେ ॥
ତୋ ମଧ୍ୟେ ଲାଗିଛି ନିତି ଅଲୌକିକ ଲୀଳା ।
ତାହା ବୁଝି ନ ପାରିଲେ ବୁଡ଼ିବଟି ଭେଳା ॥
କଲ୍ୟାଣ ଦେଉଛି ତୋତେ ପରଶି ତୋ ମଥା ।
'ଚରମ'ରେ ଧନ ମୋର ତୋ' ପରମପିତା ॥

ଇତି

ତୋର ମଙ୍ଗଳାକାଂକ୍ଷୀ ପିତା

# କେଶବ କୈବଲ୍ୟ କଣିକା

*ପରମ ପ୍ରେମମୟ କରୁଣାସାଗର ସର୍ବାନ୍ତର୍ଯ୍ୟାମୀ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀ ହିଁ କୈବଲ୍ୟ କଣିକା । କୈବଲ୍ୟ କଣିକା ପାନ କଲେ, ଜନ୍ମଜନ୍ମାନ୍ତରର ସକଳ ପାପତାପ ଧୋଇ ହୋଇଯାଏ । ଠାକୁରଙ୍କର ମୁଖନିଃସୃତ କୈବଲ୍ୟ କଣିକା ପାଳନ କଲେ, ଜୀବନର ପ୍ରତିଟି ବୃତ୍ତର ଯାତନା ଓ ଯନ୍ତ୍ରଣା ପ୍ରଶମିତ କେବଳ ହୁଏ ନାହିଁ, ମିଳେ ପ୍ରଚୁର ପ୍ରଶାନ୍ତି, ପ୍ରଚୁର ପ୍ରାଣଶକ୍ତି । ପ୍ରାଣ ପ୍ରାଚୁର୍ଯ୍ୟଭରା କୈବଲ୍ୟ କଣିକାରୁ ପାଠ ପାଠିକାମାନେ ତାହା ମନ ଭରି ଲାଭ କରି ପାରିଲେ ଶ୍ରମ ସାର୍ଥକ ହେବ ।*

- ଗୋଟିଏ ପରେ ଗୋଟିଏ କାର୍ଯ୍ୟରେ ବ୍ୟବଧାନିକ ସମୟ ରହୁ ନଥିବାରୁ ତୁମକୁ, ଆମକୁ ସମସ୍ତଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡୁଛି ସତ, ମାତ୍ର ଏହା ଦ୍ୱାରା ବିଶ୍ୱକଲ୍ୟାଣ ସମ୍ପାଦିତ ହେଉଅଛି ।

- ଗୁରୁ, ସାଧୁସନ୍ଥ ଓ ମୁନିଋଷିମାନଙ୍କର ସୂକ୍ଷ୍ମ ଜୟରୋଳ ଦ୍ୱାରା ଜଗତର ମଙ୍ଗଳ ସାଧିତ ହେଉଅଛି ।

- ଯେଉଁ ବ୍ୟକ୍ତି ନିଜେ କଷ୍ଟ ସହ୍ୟ କରି ନ ପାରିବ, ସେ କଦାପି ସଂସ୍କାର ଆଣିପାରିବ ନାହିଁ ।

- ଜୀବନରେ ଟାଣ ବା ଆକର୍ଷଣ ତୀବ୍ର ନ ହେଲେ, ସବୁ କିଛି ହରଣ ହୋଇଯିବ ।

- ଅନ୍ତକରଣରେ ପ୍ରେମଭକ୍ତି ଭାବ ନଥାଇ ବାହ୍ୟତଃ ଲୋକ ଦେଖାଣିଆ ଭାବଥିଲେ ବା କାଳକବଳ ନୀତିରେ ଭଲ ପାଉଥିବାର ଭାବ ଦେଖାଇ ହେଉଥିଲେ, ପରବର୍ତ୍ତୀ ସମୟରେ ଅନ୍ତସ୍ଥ ଅନ୍ତଃସାରଶୂନ୍ୟତା ହେତୁରୁ ଜୀବ ଛିଡ଼ି ଯାଏ ।

- ମନେରଖ ବାଧ୍ୟବାଧକତାରେ ଧାରାପାଇଁ ଆସିବା ହିଁ କାଳକବଳ ନୀତି । କିନ୍ତୁ ସ୍ୱଇଚ୍ଛାରେ ସ୍ୱତଃ ପ୍ରବୃତ୍ତ ହୋଇ ଧାରାଗ୍ରହଣ କରି ନୀତି ନିଷ୍ଠ ହୋଇ ପାଳନ କରିବା ହିଁ ପ୍ରେମଭକ୍ତିର ପ୍ରଥମ ସୋପାନ ।

- ତୁମମାନଙ୍କର ସ୍ୱାଧୀନତାରେ ବିରୋଧ କରାଗଲେ, ତୁମ ମନରେ ନିଶ୍ଚୟ ବିରକ୍ତିଭାବ ଜାତ ହେବ । କିନ୍ତୁ ଗୁରୁଗ୍ରହଣ କରିବା ପରେ 'ସ୍ୱ' ଅଧୀନତା ତ୍ୟାଗ କରି 'ଗୁରୁ' ବା 'ସ୍ୱ'ର ଅଧୀନତା ସ୍ୱୀକାର କରିବା ସର୍ବମଙ୍ଗଳମୟ ବ୍ୟବସ୍ଥା ।

- ଶ୍ରୀଗୁରୁଙ୍କ କଥାରେ ବିଶ୍ୱାସ ଏବଂ ନିଜ ସଂକଳ୍ପ ରକ୍ଷାରେ ନିଷ୍ଠା ଓ ଦୃଢ଼ତା ରହିଲେ, ଆଧ୍ୟାତ୍ମିକ ଜୀବନରେ ନିଶ୍ଚୟ ଆଗେଇଯାଇ ପାରିବ ।

- ଗୁରୁଇଚ୍ଛା କଲେ, ଜୀବ ଦିନ ରାତି ୨୪ଘଣ୍ଟା ଗୁରୁଙ୍କ ପାଖରେ ରହି ପାରିବ ।

- ଗୁରୁଯଦି ଗୋଟିଏ ମୁହୂର୍ତ୍ତ ପାଇଁ ଅନ୍ତରରୁ ଭୁଲି ଯାଆନ୍ତି, ଜୀବ ଗୁରୁଙ୍କଠାରୁ ବହୁଦୂରକୁ ଦୂରେଇ ଯିବ ।

- ଭାବ ପ୍ରବଣ ଜ୍ଞାନକୁ ମଣ୍ଡଳୀୟ ଜ୍ଞାନ ବୋଲି କହିବା ଅନୁଚିତ । ଭାବ ପ୍ରବଣ ଜ୍ଞାନ ଜୀବ ହୃଦୟରେ ମୁହୂର୍ତ୍ତକ ପାଇଁ ଉଦୟ ହୋଇ ଅନ୍ୟ ସବୁବେଳେ ପାଶୋର ହୋଇ ଜୀବକୁ ଅଜ୍ଞାନତା ଅନ୍ଧକାରରେ ଆଚ୍ଛନ୍ନ ରଖେ । ମାତ୍ର ମଣ୍ଡଳୀୟ ଜ୍ଞାନ ସଦାସର୍ବଦା ଜୀବହୃଦୟରେ ଉଦୟ ହୋଇ ଜୀବକୁ ଜ୍ଞାନାଲୋକରେ ଆଲୋକିତ କରି ରଖିଥାଏ ।

- ଅନେକ ସ୍ୱରର ଅଧିକାରୀ ହୋଇଥିବା ବ୍ୟକ୍ତି, ନୂତନ ସ୍ୱର ମଧ୍ୟ ସୃଷ୍ଟି କରିପାରେ, ମାତ୍ର ତାହା ମଣ୍ଡଳୀୟ ଜ୍ଞାନ ବା ସ୍ୱର ନୁହେଁ ।

- ସାଧାରଣ କଥାରେ ଦୃଢ଼ତା ରଖି ନପାରିଲେ, ଆଧାତ୍ମିକ କ୍ଷେତ୍ରରେ ଦୃଢ଼ତା ରହିବ କିପରି ?

- ପ୍ରତ୍ୟେକ ଜୀବର ସ୍ଥୂଳ ଶରୀର ମଧ୍ୟରେ ସଦା ସର୍ବଦା ଉଭୟ ଦୈବୀ ଶକ୍ତି ଓ ଆସୁରୀ ଶକ୍ତି କାର୍ଯ୍ୟ କରୁଛନ୍ତି । ବିବେକ ଏବଂ ପ୍ରଶଂସା ଜ୍ଞାନ ହିଁ ଦୈବୀ ଶକ୍ତି ଏବଂ କାମ, କ୍ରୋଧ ଓ ନିନ୍ଦା ଗାନ ହିଁ ଆସୁରୀ ଶକ୍ତିର କାର୍ଯ୍ୟକାରିତା ।

- ଧର୍ମରୁ ଶରୀରଂ ସୃଷ୍ଟି । ପୁଣି ଶରୀର ନେଇ ଧର୍ମରକ୍ଷା । ତେଣୁ ଉଭୟ ଉଭୟର ପରିପୂରକ ।

- ତୁମମାନଙ୍କ ମଧ୍ୟରୁ ଯେଉଁମାନେ ସୌଖୀନ ଜୀବନ ଯାପନ କରୁଛନ୍ତି, ସେମାନେ ସମସ୍ତେ କ'ଣ ଝାଡ଼ବାଡ଼ ଡେଇଁ ଆଗେଇଯାଇ ପାରିବେ ? ଆଗେଇ ନ ଗଲେ କ'ଣ ପରମାର୍ଥିକ ପଥରେ ଚଳି ପାରିବେ ?

- ଆଶ୍ରମ ଜୀବନରେ ବାହାରେ ଖାଦ୍ୟ ଗ୍ରହଣ ସଂପୂର୍ଣ୍ଣ ନିଷେଧ । କାରଣ ଏହାଦ୍ୱାରା ଆଧାତ୍ମିକ ଉନ୍ନୟନ ବାଧାପ୍ରାପ୍ତ ହୁଏ ।

- ତୁମେମାନେ ପରିଣତ ବୟସରେ ଆସି ଧାରା ଧରୁଛ, ଆଚରଣରେ ଧର୍ମ ଫୁଟି ଉଠିବ କିପରି ? ବାଲ୍ୟାବସ୍ଥାରୁ ଧାରାଧରି ବାନ୍ଧି ହୋଇଥିଲେ, ଆଚରଣରେ ଧର୍ମ ଫୁଟି ଉଠନ୍ତା ।

- ଆଶ୍ରମ ଜୀବନରେ ଗୁରୁଙ୍କର ବିନା ଆଦେଶରେ ଆଶ୍ରମ ଛାଡ଼ି ଅନ୍ୟ କେଉଁଠାକୁ ଯିବା ବା ଗୁରୁଙ୍କର ବିନାନୁମତିରେ ଅନ୍ୟ କାହାରିଠାରୁ କୌଣସି ଦ୍ରବ୍ୟ ଗ୍ରହଣ କରିବା ଏକାନ୍ତ ଅନୁଚିତ ।

- ପ୍ରତ୍ୟେକ ବ୍ୟକ୍ତିର ବୟସର ତାରତମ୍ୟାନୁସାରେ ପ୍ରକୃତି ଓ ପ୍ରବୃତ୍ତିର ମଧ୍ୟ ପରିବର୍ତ୍ତନ ହୋଇଥାଏ ।

- ଯେଉଁମାନଙ୍କର ସହିବା ଶକ୍ତି ନାହିଁ, ସେମାନଙ୍କ ସହିତ ଥଟ୍ଟାତାମସା କରିବା ବା ଖେଳିବା ଦ୍ୱାରା ମଧ୍ୟ ମନରେ ବିକୃତ ଭାବ ସୃଷ୍ଟି ହୋଇଥାଏ ।

- ସମାଜରେ ବିଭିନ୍ନ ପ୍ରକାରର ଏବଂ ବିଭିନ୍ନ ପ୍ରକୃତିର ଲୋକ ଅଛନ୍ତି । ଏପରି ସ୍ଥଳେ ନିଜେ ନିଜର ସ୍ଥିତି ରକ୍ଷାକରି ଚଳିବା ଉଚିତ । କିନ୍ତୁ ସାବଧାନ, ନିଜର ସ୍ଥିତି ରକ୍ଷା କରି କଡ଼ାକଡ଼ି ଭାବରେ ଚଳିବାକୁ ଚେଷ୍ଟା କଲେ, ଅନ୍ୟମାନଙ୍କର ବିରୋଧୀ ହୋଇଯିବା ସ୍ୱାଭାବିକ ।

# ନୀଳଚକ୍ର
## ଚରମର ସଂକେତ

## ଧାରାଗ୍ରହଣ ପରେ

**'ଚରମ' : ଷଷ୍ଠପୁଷ୍ପ : ପଞ୍ଚମ ପାଖୁଡ଼ା : ତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ -**

ପୂର୍ବ ସଂଖ୍ୟାରେ ତୁମମାନଙ୍କୁ ଧ୍ୟାନ ସମ୍ପର୍କରେ ସଂକ୍ଷେପରେ ସଙ୍କେତ ଦେଇଥିଲି । ପ୍ରତ୍ୟେକ କ୍ରିୟାର ଗୋଟିଏ ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ଥାଏ, ପ୍ରତ୍ୟେକ କାର୍ଯ୍ୟର ସେହିପରି ଗୋଟିଏ ନିର୍ଦ୍ଦିଷ୍ଟ ଫଳ ମଧ୍ୟ ଥାଏ । ଧ୍ୟାନ କଲେ, ଧ୍ୟାନୀର ଆଚାର ଆଚରଣ, କଥାଭାଷା, ଚାଲିଚଳନ, ନୟନ, ମୁଖମଣ୍ଡଳ, ଏପରିକି ସମଗ୍ର ଶରୀରରେ ଯେଉଁ ପରିବର୍ତ୍ତନ ପରିଲକ୍ଷିତ ହୁଏ, ସେ ସବୁ ଯଦି ତୁମଠାରେ ଲକ୍ଷ୍ୟ କରାଯାଉ ନାହିଁ, ତେବେ ସ୍ପଷ୍ଟ ବୁଝିବାକୁ ହେବ ଯେ ତୁମର ଧ୍ୟାନ ଏ ପର୍ଯ୍ୟନ୍ତ ନିର୍ଭୁଲ ହୋଇନାହିଁ ବା ତାହା ପରିପକ୍ୱ ଅବସ୍ଥାକୁ ଆସିନାହିଁ । ଏବେ ବି ସମୟ ଅଛି, ଆମର ମଧ୍ୟ ଧୈର୍ଯ୍ୟ ଅଛି । ଆମେ ତୁମମାନଙ୍କର କର୍ମଧାରାକୁ ଲକ୍ଷ୍ୟ ରଖିଛୁ । ନିୟମିତ ଅଭ୍ୟାସ କରିଚାଲ । ଫଳ ପାଚିଲେ ତୁମେ ନିଶ୍ଚୟ ପାଇବ ହିଁ ପାଇବ । ତୁମ କର୍ମ କଦାପି ନିଷ୍ଫଳ ହେବ ନାହିଁ ।

ଏଥର ପୂଜା ପ୍ରସଙ୍ଗରେ କିଛି ସଙ୍କେତ ଦେବା ପାଇଁ ମନସ୍ଥ କରିଛୁଁ । ପୂଜା ଉପାସନା ସମସ୍ତେ କରନ୍ତି, କରୁଛନ୍ତି । କେତେକେତେ ମଠ ମନ୍ଦିରକୁ ଯାଇ ଲୋକମାନେ କେତେ କେତେ ରକମ ରକମର ଠାକୁର ଠାକୁରାଣୀଙ୍କର ପୂଜା କରୁଅଛନ୍ତି । ତୁମେମାନେ ମଧ୍ୟ କରୁଥିବ । ବାର ମାସରେ ତେର ପର୍ବ ପାଳନ ଅବସରରେ ଘରେ ଘରେ କେତେ ପ୍ରକାରର ପୂଜା ଉପାସନା ମଧ୍ୟ କରାଯାଉଛି । ଆଜିକାଲି ସମୟରେ ପୂଜା କରିବା ଗୋଟିଏ ଫେସନ୍ କି ନିଶାରେ ପରିଣତ ହୋଇଗଲାଣି ବୋଲି ଧାରଣା ସୃଷ୍ଟି ହେଉଛି । ତୁମେମାନେ ଦେଖୁଥିବ-ଆଜିକାଲି ନଗର, ସହର, ଗାଁଗଣ୍ଡା ସବୁଠି ଦୁର୍ଗା ପୂଜା, କାଳୀ ପୂଜା, ଗଣେଶ ପୂଜା, ସରସ୍ୱତୀ ପୂଜା, ଲକ୍ଷ୍ମୀପୂଜା, ଇତ୍ୟାଦି କେତେ ଠାକୁର ଠାକୁରାଣୀଙ୍କର ପୂଜା ମହାସମାରୋହରେ କରାଯାଉଛି । ଅନେକ ସ୍ଥଳରେ ଏହି ପୂଜାସବୁର ସମୟରେ ପ୍ରବଳ ପ୍ରତିଯୋଗିତା ମଧ୍ୟ ଆରମ୍ଭ ହୋଇ ଯାଉଛି । ଟିକିଏ ନିରୋଳା ମନରେ ଚିନ୍ତା କରି ଦେଖିଲ ସାଜସଜ୍ଜା, ଜାକଜକମ ପାଇଁ ଯେତେ ଅଧିକ ତତ୍ପରତା ପ୍ରକାଶ ପାଉଛି, ବୈଦିକ ନୀତିନିୟମ, ଆଧ୍ୟାତ୍ମିକତା, ପବିତ୍ରତା ପ୍ରତି ସେତେ ତତ୍ପରତା ପରିଲକ୍ଷିତ ହେଉଛି କି ? ଯଦି ହେଉନାହିଁ, ତେବେ ଏହାର କାରଣ କ'ଣ ? ଏହା ନିରାକରଣ କିପରି କରାଯାଇ ପାରିବ ? ଏହିପରି ଅସଂଖ୍ୟ ପ୍ରଶ୍ନ ଅନେକ ସମୟରେ ତୁମମାନଙ୍କ ମଧ୍ୟରୁ ଅନେକଙ୍କ ମନରେ ଅବଶ୍ୟ ଉଙ୍କି ମାରୁଛି ? ନୁହେଁ ? ହେଲେ ତୁମେମାନେ ଏହାର ଉତ୍ତର ଖୋଜି ପାଇବା ପାଇଁ ତତ୍ପର ହେଉ ନାହଁ କିମ୍ବା ସମାଜରେ ସଂସ୍କାର ଆଣିବା ପାଇଁ ସାହସର ସହିତ ଉଚିତ ପଦକ୍ଷେପ ମଧ୍ୟ ନେଉ ନାହଁ । ଆମ ଆଲୋଚନା ତୁମକୁ ଅପ୍ରାସଙ୍ଗିକ ମନେ ହୋଇପାରେ, ମାତ୍ର ଏହା ଆଜିକାଲି ସମୟର ଏକ ଧାର୍ମିକ ବିଡ଼ମ୍ବନା ନୁହେଁ କି ?

ଆସ, ଏବେ ମୂଳ ପ୍ରସଙ୍ଗରେ କିଛି ଆଲୋଚନା କରିବା । ପୂଜା ତୁମେମାନେ କରୁଛ, ଅନ୍ୟ ସମସ୍ତେ ମଧ କରୁଛନ୍ତି । ଯେଉଁ ଠାକୁର ବା ଠାକୁରାଣୀଙ୍କୁ ତୁମେ ପୂଜା କରନା କାହିଁକି, କାହିଁକି ପୂଜା କରୁଛ, ତାହା ଜାଣିଲଣି କି ? ଯାହାଙ୍କୁ ତୁମେ ପୂଜା କରୁଛ, ପୂଜା ଦ୍ୱାରା ସେ ଉପକୃତ ହୁଅନ୍ତି ନାହିଁ, ଉପକାର ତୁମର ହୁଏ ହେବା ଉଚିତ ମଧ । ଆମ କହିବା କଥା ହେଉଛି, ତୁମେ ତୁମ ଜୀବନକାଳ ମଧରେ ଅନେକ ଅନେକ ପୂଜାକଲଣି, କ'ଣ ସବୁ ଉପକାର ପାଉଛ କି ପାଉନ କହି ପାରିବ କି ? ଆମ ଜାଣିବାରେ ଲକ୍ଷ୍ମୀପୂଜା କରୁଥିବା ଲୋକେ ଦାରିଦ୍ର୍ୟ ମଧରେ କାଳାତିପାତ କରୁଛନ୍ତି, ଦୁର୍ଗା ଓ କାଳୀ ପୂଜା କରୁଥିବା ଲୋକେ ଶକ୍ତିହୀନ, ଦୁର୍ବଳ ଓ ଭୟାଳୁ । ସେହିପରି ସରସ୍ୱତୀ ପୂଜା କରୁଥିବା ଅଧିକାଂଶ ଲୋକେ ବିଦ୍ୟା ଓ ଜ୍ଞାନଠାରୁ ଅନେକ ଦୂରରେ । ଜୀବନକାଳ ମଧରେ କେତେ କେତେ ଥର ସାବିତ୍ରୀ ବ୍ରତ କରିଥିବା ମା'ମାନଙ୍କ ମଧରୁ ଅନେକେ ବୈଧବ୍ୟ ଦୁଃଖଯନ୍ତ୍ରଣା ଭୋଗୁଛନ୍ତି । ଏହିପରି ବଖାଣି ବସିଲେ ପୋଥିଟିଏ ହେବ । ଯେବେ ପୂଜାବ୍ରତ ଉପାସନା ଠିକ୍ ଠିକ୍ ହେଉଛି, ତେବେ ଏପରି ବିପରୀତ ଫଳ ଫଳୁଛି କାହିଁକି ? ଏହାର ଉତ୍ତର ମଧ ନିର୍ଦ୍ଦିଷ୍ଟ ବା ସୀମିତ ନୁହେଁ । ଏଥିପାଇଁ ଏକାଧିକ କାରଣମାନ ରହିଛି । ସେ ମଧରୁ କେତେକ କାରଣ ଦୀର୍ଘସୂତ୍ରୀ ତ ଆଉ କେତେକ କାରଣ ତତ୍କ୍ଷଣାତ୍। ପୂଜାବ୍ରତ ଉପାସନା ଦ୍ୱାରା ମୌଳିକ ଓ ପ୍ରାଥମିକ ଭାବରେ ଯାହା ହେବା କଥା ତାହା ଯଦି ହେଉ ନାହିଁ, ତେବେ ବୁଝିବାକୁ ହେବ ଯେ, ଏସବୁର ବିଧାନ ପାଳନରେ କେଉଁଠି ନା କେଉଁଠି କିଛି ନା କିଛି ତ୍ରୁଟି ବିଚ୍ୟୁତି ଅବଶ୍ୟ ରହୁଛି । ହୁଏତ ମନର ପବିତ୍ରତା ରହୁନାହିଁ, ହୃଦୟତା ରହୁନାହିଁ, କୁତ୍ସିତ ମନୋଭାବ ରହୁଛି, କୃପଣତା ରହୁଛି, ଭକ୍ତିଭାବ ରହୁନାହିଁ, ବିଶ୍ୱାସ ଟଳମଳ ହେଉଛି, ପୂଜା ଉପକରଣାଦି ଠିକ୍ ଭାବରେ ଯୋଗାଇ ଦିଆଯାଉ ନାହିଁ, ମନ୍ତ୍ର ଉଚ୍ଚାରଣରେ ଭୁଲ୍ ରହି ଯାଉଛି, ମୁଦ୍ରାଦି ପ୍ରଦର୍ଶନରେ ତ୍ରୁଟି ରହିଯାଉଛି ବା ଏହିପରି ଆହୁରି କେତେ କ'ଣ ନା କ'ଣ ତ୍ରୁଟି ବିଚ୍ୟୁତି ରହୁଛି ।

ପୂଜାର ମୌଳିକତା ହେଉଛି ପବିତ୍ର ମନୋଭାବ ଜାତ କରାଇବା । ଯାହାସବୁ କଲେ ମନ, ହୃଦୟ, କାୟା, ପରିବେଶ ଆଦିରେ ପବିତ୍ର ବାତାବରଣ ଜନ୍ମନିଏ, ସେ ସବୁକୁ ଏକତ୍ର କଲେ, ଯାହା ହେବ, ତହା ହିଁ ପୂଜା । ଏହା ବ୍ୟତୀତ ଆଉ କିଛିର ମାନେ ପୂଜା ହୁଏ ନାହିଁ । ସେହି କାରଣରୁ ବୈଦିକ ଯୁଗରୁ ଏ ପର୍ଯ୍ୟନ୍ତ ପୂଜା ପାଇଁ ଘଟ, ନାରିକେଳ, କଦଳୀ, ଆମ୍ବଡ଼ାଳ, ଝୁଣାଧୂପ, ଦୀପ, ଶଙ୍ଖ, ହୁଳହୁଳି ନାଦ, ଘଣ୍ଟିଘଣ୍ଟା ଧ୍ୱନି, କର୍ପୂର ଆରତି ଆଦି ଉପକରଣର ବ୍ୟବସ୍ଥା କରାଯାଇଛି । ଫୁଲ, ଚନ୍ଦନ, ସିନ୍ଦୁର, ଅକ୍ଷତ (ଅରୁଆ ଚାଉଳ), ତୁଳସୀଦଳ, ବେଲପତ୍ର, ଦୁବ ଇତ୍ୟାଦି ପୂଜା ପାଇଁ ଏକାନ୍ତ ଭାବରେ ଆବଶ୍ୟକ ହୋଇଥାଏ । ଏ ସବୁର ଉପଯୁକ୍ତ ଆହରଣ ଓ ସଂଗ୍ରହ ଦ୍ୱାରା ପୂଜା କରାଯିବା ଉଚିତ । ମନ୍ତ୍ରଧ୍ୱନି ମନ ମଧରେ ଅନୁକୂଳ ପ୍ରତିକ୍ରିୟା ସୃଷ୍ଟି କରି ମନକୁ ପାପମୁକ୍ତ କରିଥାଏ । ତୁମେ ଶଙ୍ଖଟିଏ ବଜାଇ, ଧୂପଟିଏ ଦେଇ, ଫୁଲଚନ୍ଦନ ଦେଇ ପ୍ରଣାମଟିଏ କଲେ ମଧ ତୁମ ମନ ମଧରେ ପବିତ୍ର ଓ ଭକ୍ତିଭାବ ଜନ୍ମ ନେଇପାରେ ଯଦି ତୁମର ବିଶ୍ୱାସ ଅଟଳ ଓ ଦୃଢ଼ଥିବ । ବିଶ୍ୱାସ ଯଦି ଦୃଢ଼ ନୁହେଁ, ଅଟଳ ନୁହେଁ ତୁମେ ଘଣ୍ଟା ଘଣ୍ଟା ଧରି ନାନା ଉପଚାରରେ ପୂଜାର୍ଚ୍ଚନା କଲେ ମଧ ତହିଁରେ କୌଣସି ଫଳ ନଥାଏ । ଯାହାଙ୍କୁ ପୂଜା କରୁଛ, ତାଙ୍କଠାରେ ପ୍ରଥମେ ଦୃଢ଼ ବିଶ୍ୱାସର ସହିତ ହୃଦୟର ଭକ୍ତିଭାବ ସମର୍ପଣ କର, ଏତକ କରି ପାରିଲେ, ଫୁଲଟିଏ, ପତ୍ରଟିଏ ଚନ୍ଦନ ଟୋପିଏ, ଧୂପ ଟିକିଏ ଦେଲେ ହିଁ ସେ ପରମ ସନ୍ତୋଷରେ ତୁମ ପୂଜା ଗ୍ରହଣ କରିବେ ହିଁ କରିବେ । ମୂଳକଥା ହେଉଛି ପବିତ୍ର ଓ ନିର୍ମଳ ମନୋଭାବ ଓ ନିଷ୍କପଟ ମନୋବୃତ୍ତି ।

ଠାକୁରଙ୍କୁ ଦିଅ ତୁମର ମନ ରୂପକ ତୁଳସୀ, ହୃଦୟ ରୂପକ ଫୁଲ - ସେ ତାହାହିଁ ଗ୍ରହଣ କରିବା ପାଇଁ ଆଗ୍ରହର ସହିତ ଅପେକ୍ଷା କରି ରହିଛନ୍ତି । ଏହିପରି ପୂଜାର୍ଚ୍ଚନା ସମର୍ପଣ କର, ଯେଉଁଥିରେ ଲୋକ ଦେଖାଣିଆ ଭାବ କିଛି ନଥିବ । ପ୍ରଶଂସା ପାଇଁ ପୂଜା କର ନାହିଁ, ଆଧ୍ୟାତ୍ମିକ ଫଳ ପାଇଁ କର । ବୈଦିକ ମତରେ ପୂଜାର ଅନେକ ଅଙ୍ଗ ଓ ପର୍ଯ୍ୟାୟମାନ ରହିଛି । ତୁମେ ତୁମର ନୈତିକ ପୂଜାରେ ସେ ସବୁ ଲଗାଇବ ନାହିଁ । ଉପଚାର ପୂଜାରେ ସେସବୁ ଲୋଡ଼ା ହୁଏ । ନିତ୍ୟ ନୈମିତିକ ପୂଜାରେ ସେ ସବୁ ଲଗାଇବା ଆବଶ୍ୟକ ନାହିଁ । ପୂଜା ପାଇଁ ଅତିମାତ୍ରରେ ବ୍ୟସ୍ତ ନ ହୋଇ ଧ୍ୟାନ ଓ ଜପ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦିଅ । ଯାହା କରୁଛ ଆନ୍ତରିକତାର ସହିତ, ସହୃଦୟତାର ସହିତ, ନିଷ୍ଠାର ସହିତ କର । ବିଶ୍ୱାସ ରଖ, ଫଳ ନିଶ୍ଚୟ ପାଇବ ହିଁ ପାଇବ ।

ପୂଜାର୍ଚ୍ଚନାର ପ୍ରାଥମିକ ଫଳ ପ୍ରାପ୍ତି ହେଉଛି, ମାନସିକ ଓ ଶାରୀରିକ ପବିତ୍ରତା ପ୍ରାପ୍ତି । ତୁମେମାନେ ଦୈନିକ ସକାଳେ ଓ ସଞ୍ଜରେ ପୂଜା କରି ମଧ୍ୟ ଯଦି ତୁମ ମନ ଓ ଶରୀର ପବିତ୍ର ହୋଇ ନପାରିଛି, ତେବେ ନିଶ୍ଚିତ ଭାବେ ବୁଝିବାକୁ ହେବ ଯେ, ତୁମେ ପୂଜାର ଫଳ ଏ ପର୍ଯ୍ୟନ୍ତ ପାଇ ପାରିନାହଁ । ମନ ମଧ୍ୟରେ ଅପବିତ୍ର ଭାବ ତୋଳ ନାହିଁ, ଅହିତକର ଚିନ୍ତା ତୁମ ଚେତନାରେ ଆଣ ନାହିଁ । ଶରୀରକୁ ସର୍ବଦା ପବିତ୍ର ରଖ । ଶୌଚ ବିଧି ପାଳନ କର । ସ୍ଥୂଳରେ ଏପରି କରୁଁ କରୁଁ ତାହା କ୍ରମେ ତୁମର ଅସ୍ମିମଜ୍ଜାଗତ ହୋଇ ସଂସ୍କାରରେ ପରିଣତ ହୋଇଯିବ । ପୂର୍ବ ସଂସ୍କାରମାନ ସୁସଂସ୍କୃତ, ସଂଶୋଧିତ ହୋଇଯିବ ଓ ନୂତନ ଅଭ୍ୟାସ ଧାରା ବଳରେ ନୂତନ ସଂସ୍କାର ତୋଳିବ । ପୂଜା ଦ୍ୱାରା ତୁମ ମନ ନିର୍ମଳ ହୋଇଯିବ, ତୁମ ହୃଦୟ ପବିତ୍ର ହୋଇଯିବ, ତୁମ ଆଚାର ଆଚରଣ ଶୁଦ୍ଧ ହୋଇଯିବ, ତୁମେ ସ୍ଥିର, ନିଶ୍ଚଳ, ଧୀର ହୋଇଯିବ । ଚଞ୍ଚଳ ଭାବ, ଅଧୈର୍ଯ୍ୟ ଭାବ, ଅସ୍ଥିର ଭାବ ଲୋପ ପାଇଯିବ । ଏହାଦ୍ୱାରା ତୁମର କର୍ମ କୌଶଳରେ ପ୍ରଭୂତ ଉନ୍ନତି, ତୁମ କଥାଭାଷାରେ ଶାଳୀନତା, ତୁମ ଚଳନିରେ ଆଧ୍ୟାତ୍ମିକତା, ତୁମର ଏକାଗ୍ରତା, ତୁମର ଲୋକ ସମ୍ପର୍କରେ ମଧୁରତା ଆଦି ସତ୍ୱୋନ୍ଦ୍ରିୟ ବୃତ୍ତିର ସାତ୍ତ୍ୱିକ ଗୁଣରାଜି କ୍ରମଶଃ ବିକାଶମାନ ହେବ ।

ପୂଜା କରୁଁ କରୁଁ ଥରେ ତୁମ ମଧ୍ୟରେ ପୂର୍ବ ସଂସ୍କାରର ପରିବର୍ତ୍ତନ ଆସିଗଲେ, ନୂତନ ସଂସ୍କାର ଭୂମି ଦୃଢ଼ ହୋଇଗଲେ, ପୂଜାର ଫଳଶ୍ରୁତି ତୁମେ ନିଜେ ତୁମ ମଧ୍ୟରେ ଅନୁଭବରେ ନିଶ୍ଚୟ ଆଣିପାରିବ, ଅନ୍ୟମାନେ ମଧ୍ୟ ତୁମଠାରେ ତାହା ଅବଶ୍ୟ ଉପଲବ୍ଧ କରି ପାରିବେ । (କ୍ରମଶଃ)

## 'ଚରମ' : ୩୧ ସଂଖ୍ୟାରେ ପତ୍ରସ୍ଥ 'ପର୍ବତ ଶିଖରେ ହଂସର ବାସ'ର ବ୍ୟାଖ୍ୟା :

ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ଏହି କବିତାରେ ଅମନ ଶିଖର ବା ମହାଶୂନ୍ୟର ବିନ୍ଦୁ ଉପରେ ଥିବା ଅଲେଖପୁରକୁ ପର୍ବତ ଶିଖର କୁହାଯାଇଛି । ସେହି ଅମନ ଶିଖର ବା ଅଲେଖପୁରେ ହଂସ ବାସ କରୁଅଛି । ହଂସ ବୋଇଲେ ସୋଽହଂ । ପରମବ୍ରହ୍ମ । ଜୀବ ପରମ । ହଂ=ଶିବ, ସ=ଶକ୍ତି । ଓଁକାର ହଂସର ଚଞ୍ଚୁ ଏବଂ ଆଗମ ନିଗମ ହଂସର ଦୁଇପାଦ । ଅଣ୍ଡିରା ହଂସ ଅର୍ଥାତ୍ ପରଂବ୍ରହ୍ମ । ଡ଼ିମ୍ବ ବୋଇଲେ ପ୍ରଣବର ସ୍ଥୂଳରୂପ ଓଁକାର । କାଳେନ୍ଦୀ ହ୍ରଦ ବୋଇଲେ ଯମୁନା ନଦୀର ଅଂଶ ବିଶେଷ, ଏଠାରେ ସହସ୍ରାର ସହସ୍ରଦଳ ପଦ୍ମର କେଶର ବୋଲି ବୁଝିବାକୁ ହୁଏ, ତାହାକୁ ଆଧ୍ୟାତ୍ମିକ ଯୌଗିକ ଭାଷାରେ ହୃଦୟ କୁହାଯାଏ । ସେହି ହୃଦୟରେ ପରଂବ୍ରହ୍ମ ବା ଅଣ୍ଡିରାହଂସ ଘର କରି ରହିଅଛି । ସେହି ହଂସ ଅର୍ଥାତ୍ ପରଂବ୍ରହ୍ମ ସଚରାଚର ବିହାର କରୁଅଛି । ମହାପୁରୁଷ ଚଗଲା ମନକୁ ଚେତାବନୀ ଦେଇ ହଂସର ମହିମା ମହତ୍ତ୍ୱ ବିଷୟରେ କହୁଅଛନ୍ତି କି, ସେ ହଂସ ଚତୁର୍ଭୁଜ ବୋଇଲେ ଯୁକ୍ତ ଚିହ୍ନ (+) ଯାହାର ଚାରିଗୋଟି ବାହୁ ଚାରିଦିଗରେ ବିସ୍ତୃତ ହୋଇଅଛି । ସାଙ୍କେତିକ ଭାଷାରେ ମହାପୁରୁଷ ଏହା ଯୋଗକ୍ରିୟାକୁ ନିର୍ଦ୍ଦେଶ କରିଅଛନ୍ତି । ନିରାକାର ନିରାମୟ ବ୍ରହ୍ମଙ୍କ ସହିତ ପ୍ରୀତି ସ୍ଥାପନ କରିବା ପାଇଁ ଯୋଗମାର୍ଗ ହିଁ ଏକମାତ୍ର ପଥ । ଏତଦ୍‌ଭିନ୍ନ ସହଜତମ ପଥ ଆଉ ନାହିଁ ।

ଦେଉଳ ବୋଇଲେ ଶରୀର । ଏହି ଶରୀରରେ ବ୍ରହ୍ମ ରହିଅଛନ୍ତି । ହଂସୁଲି ବା ମାଈହଂସ ଅର୍ଥାତ୍ ମହାମାୟା ଶରୀର ରୂପକ ଦେଉଳର ଦଶମ ଦ୍ୱାର ବ୍ରହ୍ମରନ୍ଧ୍ରକୁ ଜଗି ବସିଅଛନ୍ତି । ହଂସର ମୁଖ ବା ଚଞ୍ଚୁ ଅର୍ଥାତ୍ ଓଁକାରରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଯଥାକ୍ରମେ ରଜ ସତ୍ତ୍ୱ ଓ ତମ ଗୁଣ ଧରି ସୃଷ୍ଟି, ସ୍ଥିତି, ହେ୍ତିର କର୍ମପୁରୁଷ ରୂପେ ଜାତ ହୋଇଅଛନ୍ତି । ସଚରାଚର ସକଳ ଭୂତ, ପ୍ରାଣୀ, ସଜୀବ, ନିର୍ଜୀବ, ସ୍ଥାବର, ଜଙ୍ଗମାଦିର ତାତ ବା ଜନ୍ମଦାତା ହେଉଛନ୍ତି ବ୍ରହ୍ମ । ଚୈତନ୍ୟ ପୁରୁଷଙ୍କର ଭୂମିକାରେ ଅବତୀର୍ଣ୍ଣ ହୋଇ ମହାପୁରୁଷ ଅଚ୍ୟୁତାନନ୍ଦ ପାଗଳା ମନକୁ ଚେତେଇ କହୁଅଛନ୍ତି ଯେ, ହଂସ ମୁଖ ବା ଚଞ୍ଚୁ ସର୍ବଦା ଊର୍ଦ୍ଧ୍ୱ ବା ଉପରକୁ ରହିଛି । ଓଁକାରକୁ ଲକ୍ଷ୍ୟ କଲେ ଏହା ସହଜରେ ବୁଝାପଡ଼େ । ଯୋଗୀ ଯୋଗ ମାର୍ଗରେ ନିଷ୍ଠାର ସହିତ ପରିଚାଳିତ ହେଲେ, ବ୍ରହ୍ମପୁରୁଷ ସୁଖଲାଭ କରନ୍ତି ଅର୍ଥାତ୍ ସନ୍ତୁଷ୍ଟ ହୁଅନ୍ତି ।

ପରଂବ୍ରହ୍ମ ବା ଅଣ୍ଡିରା ହଂସର ଡ଼ିମ୍ବ ଅର୍ଥାତ୍ ପ୍ରଣବାକାର ଓଁକାର ପରିବର୍ତ୍ତିତ ନହୋଇ ପୂର୍ବପରି ରହିଥିଲେ ମଧ୍ୟ ତହିଁରୁ ଛୁଆ ବା ଜୀବବ୍ରହ୍ମ ଉଡ଼ିଯାଇ ଚଉଦ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ଓ ବିସ୍ତୃତ ହୋଇ ସକଳ ପିଣ୍ଡରେ, ସକଳ ଜୀବରେ, ସକଳ ବସ୍ତୁରେ, ସକଳ ଭୂତରେ ଘୋଟି ଯାଇଅଛି । ସେହି ଛୁଆ ଅର୍ଥାତ୍ ଜୀବବ୍ରହ୍ମଙ୍କୁ ସାକ୍ଷାତ୍କାର କରିପାରିଲେ ବା ଚିହ୍ନି ପାରିଲେ (ବ୍ରହ୍ମ ଦର୍ଶନ କଲେ) ଜୀବ ଗତିମୁକ୍ତି ଲାଭ କରିପାରେ । ଯୌଗିକ ପ୍ରକ୍ରିୟାରେ ଯୋଗ ସାଧନ କରି ଯୋଗୀ ବ୍ରହ୍ମ ଦର୍ଶନ କରେ । ଛୁଆ ଅର୍ଥାତ୍ ଜୀବପିଣ୍ଡରେ ଥିବା ଜୀବବ୍ରହ୍ମ ଅଣଚାଶ ହାତୀକୁ ଗିଳିଛି, ଅର୍ଥାତ୍ ଅଣଚାଶ ପବନ ଜୀବପିଣ୍ଡରେ ଆତଯାତ ହେଉଅଛି । ଶେଷରେ ଭଣିତାରେ ମହାପୁରୁଷ ମହାଯୋଗୀ ଅଚ୍ୟୁତାନନ୍ଦ ଆପଣାର ମନକୁ ପ୍ରବୋଧନା ଓ ସାନ୍ତ୍ୱନା ଦେଇ କହୁଅଛନ୍ତି କି, ସେହି ବ୍ରହ୍ମଙ୍କୁ ପାଇବା ପାଇଁ ଛାର ଦୀନପାମର ଅଚ୍ୟୁତ ପାଗଳ ସାଜିଛି । ସେହି ବ୍ରହ୍ମ ହିଁ ତାଙ୍କୁ ତ୍ରାହି ବା ସଂସାରର ବନ୍ଧନରୁ ତ୍ରାଣ କରି ମୁକ୍ତି ଦେବେ ।

ସିଦ୍ଧଯୋଗୀ ଅଚ୍ୟୁତଙ୍କର ରଚିତ କବିତାର ଛତ୍ରେ ଛତ୍ରେ ଯୋଗସାଧନା ମାର୍ଗର ରହସ୍ୟାବୃତ ତଥ୍ୟର ସୁନ୍ଦର, ସରଳ ଓ ସହଜ ସମାଧାନ ହୋଇଥାଏ, ଏହି କବିତାରେ ମଧ୍ୟ ତା'ର କୌଣସି ବ୍ୟତିକ୍ରମ ଘଟିନାହିଁ । ଯାହା ସତ୍ୟ, ଯାହା ଋତ, ଯାହା ସନାତନ ତାହା ଯୁଗେ ଯୁଗେ କାଳେ କାଳେ ଅପରିବର୍ତ୍ତନୀୟ । ସ୍ୱୀୟ ଯୋଗସାଧନା ବଳରେ ନିର୍ବିକଳ୍ପ ସମାଧିର ଶୀର୍ଷ ସ୍ଥଳରେ ଉପନୀତ ହୋଇ ନିରାକାର ବ୍ରହ୍ମଙ୍କ ସହିତ ସଂଯୋଗ ସ୍ଥାପନ କରି ଧରାପୃଷ୍ଠରେ ବଦ୍ଧଜୀବ ମାନଙ୍କର ଗତିମୁକ୍ତି ନିମନ୍ତେ ପ୍ରାର୍ଥନା କରି ସେ ଯେଉଁ ଆଦେଶ ଓ ଆଶୀର୍ବାଦ ବହନ କରି ଆଣିଥିଲେ, ତାହା ଜୀବର ମଙ୍ଗଳ ଓ ଭାବ ବିନ୍ୟାସରେ ରଚନା କରି ଯାଇଅଛନ୍ତି । ପାଠକପାଠିକା ମାନଙ୍କର ଗୋଚରାର୍ଥେ 'ଚରମ'ର ପ୍ରତ୍ୟେକ ପୁଷ୍ପର ପ୍ରତିଟି ପାଖୁଡ଼ାରେ ତାହା ବାଖ୍ୟାର ସହିତ ପତ୍ରସ୍ଥ ହୋଇ ଆସୁଅଛି ।

# ପୁରାଣ ପୃଷ୍ଠାରୁ : ଗଦ୍ୟାଂଶ
## 'ଯମଦଗ୍ନି ବିନାଶ'ର ମୀମାଂସା ଖଣ୍ଡ :

ସତ୍ତ୍ୱଗୁଣରୁ ସୃଷ୍ଟ ''ସୌରୀ ଶବ୍ଦ'' ଯାହାକି କଳିର ରହସ୍ୟାତ୍ମକ ଦୃଶ୍ୟର ଭବିଷ୍ୟତ ସୂଚନା ଦିଏ, ତାହାକୁ ଏଠାରେ ନାରଦ ବୋଲି କୁହାଯାଇଅଛି । ଦେହି ଆତ୍ମାବହନ ଶକ୍ତିକୁ ନାରାୟଣ ବୋଲି କଳ୍ପନା କରାଯାଇଅଛି । ତମ ଓ ରଜ ମିଶ୍ରିତ ଶୈରୀକ୍ଷ ଆତ୍ମା ହୃଦୟରେ ବାସ କରନ୍ତି, ତହାକୁ ଏଠାରେ ନରହରି ବୋଲି କୁହାଯାଇଅଛି । ଗଣେଶ ବୋଇଲେ ମତ୍ତଗଜ, ଗର୍ବ ଅହଂଭାବ ବହନକାରୀ ''ବୃହ୍ମସତ୍'' ଭୌତି ସ୍ନାୟୁକୋଷ ସୃଷ୍ଟିର ବୁଦ୍ଧି ଓ ବିବେକ ଯୋଗୁଥିବା ପିଣ୍ଡତତ୍ତ୍ୱକୁ ବୁଝାଉଅଛି । ଗଜମୁଣ୍ଡ ବୋଇଲେ ରୌଦ୍ରିମଦ ସ୍ନାୟୁକୋଷ । ଏହା ରଜ ବା ସତ୍ତ୍ୱ ମିଶ୍ରିତ ଅଟେ । ଦୁଇଗୋଟି ଦନ୍ତ ହେଉଛି ଦ୍ୱୟକ୍ଷ ଓ ଦ୍ୱିଦନ୍ତ । ଏହି ଦୁଇଗୋଟି ଶକ୍ତି ପିଣ୍ଡ ମଧ୍ୟରେ ରହି ଜୀବକୁ ବୁଦ୍ଧିରୁ ବିବେକ ପର୍ଯ୍ୟନ୍ତ ବାଟ କଢ଼ାଇ ନିଏ ।

ରାଜା କୀର୍ତ୍ତବୀର୍ଯ୍ୟ ବୋଇଲେ ଜୀବର ଅହଂ ଓ ମଦ ଗର୍ବ । ଜୀବ ଅହଂର ବଶବର୍ତ୍ତୀ ହୋଇ ଅଦୃଶ୍ୟ ବନରେ ପ୍ରବେଶ କରେ । ଅଦୃଶ୍ୟ ବନ ଜୀବପିଣ୍ଡରେ ଚିତ୍ତ ରାଜ୍ୟରେ ଅବସ୍ଥିତ । ଏହି ଜୀବକୁ ଆନନ୍ଦ ପ୍ରଦାନ କରିଥାଏ । ମୃଗ ବୋଇଲେ ସୂକ୍ଷଚେତା ବା ଚାତୁର୍ଯ୍ୟ । ଚତୁର ଜୀବ ସୂକ୍ଷ୍ମଚିନ୍ତ ଅବସ୍ଥାରେ ଅଦୃଶ୍ୟ ସ୍ନାୟୁକୁ ଚପି 'ସୁ' ଓ 'କୁ' ବାଛେ । ରାତ୍ରିରେ ପ୍ରବେଶର ଅର୍ଥ ''କାଳସୂତ୍ରୀ'' ଅଟେ ଓ ଏହା ମୃତ୍ୟୁକୁ ବାଟ କଢ଼ାଏ । ବନ ବୋଇଲେ ବିଦୃଶ୍ୟ ସ୍ନାୟୁ ଓ ରାତି ଯାପନ ବୋଇଲେ ଝୁଟକକୋଷ । ସତ୍ତ୍ୱ ଓ ରଜ ମିଶ୍ରିତ ଭୌରୀଦମ୍ୟ ସ୍ନାୟୁ କୋଷକୁ ଏଠାରେ ଯମଦଗ୍ନି ମୁନୀ ବୋଲି କୁହାଯାଇଅଛି । ମନୋରମ ଆଶ୍ରମର ଅର୍ଥ ଗୋଲାହାଟ । ଏହା ବ୍ରହ୍ମଜ୍ଞାନ ଗଚ୍ଛିତ କୋଷର ଗୃହ ଅଟେ । ରାଜାଙ୍କ ସୈନ୍ୟସାମନ୍ତ ବୋଇଲେ ଜୀବର ପ୍ରକୃତି ଓ ଇନ୍ଦ୍ରିୟ ଗଣକୁ ବୁଝାଯାଏ । ପ୍ରଭାତ ବୋଇଲେ ଶୃତିସ୍ନାୟୁ, ନଦୀଜଳ ବୋଇଲେ କୌଦମ୍ୟ ସ୍ନାୟୁ ଏବଂ ସ୍ନାନର ଅର୍ଥ ଶୁଦ୍ଧିଚକ୍ର କୁଣ୍ଡଳିନୀ । ସନ୍ଧ୍ୟା ଅର୍ଥାତ୍ ଆଦୃତ୍ରିକ ସ୍ନାୟୁ, ତର୍ପଣ ଅର୍ଥାତ୍ ଭୃଦଣ କୋଷ । ଦତ୍ତାତ୍ରେୟର ଅର୍ଥ ଶୂଣତା ଚୈତନ୍ୟ ଏବଂ ମନ୍ତ୍ର ମହାମନ୍ତ୍ର ଜପିବାର ଅର୍ଥ ବିବେକ ଖଟାଇ ମହାଯନ୍ତ୍ର ''ଓଁ ରିଂ ଅକ୍ଳକଃ ।'' ମୁନୀ ରାଜାଙ୍କୁ ଆଶ୍ରମକୁ ଯିବାକୁ ନିମନ୍ତ୍ରଣ କରିବାର ଅର୍ଥ ଜୀବ ଯୋଗମାର୍ଗରେ ତି କରି ଚିତ୍ତ ଶୁଦ୍ଧି ହେବାପରେ ବିବେକ ଗୃହରେ ପ୍ରବେଶ କରିବାକୁ ବୁଝାଏ । କାମଧେନୁ ସୁରଭୀର ଅର୍ଥ ହେଉଛି ସ୍ୱର୍ଧନୀ ସ୍ନାୟୁ । ଏହା ଚେତାଘଟକୁ ରାସ୍ତା ବତାଏ । ମନ୍ତ୍ରୀର ଅର୍ଥ ହେଉଛି ମାହୁରକ କର୍ମ । ଏଥିରେ ରଜ ଗୁଣର ଭାବଥାଏ । ଏହା ଜୀବକୁ ବୁଦ୍ଧି ବତାଏ । ଆଶ୍ରମ ବୁଲି ଦେଖିବାର ଅର୍ଥ ହେଉଛି ଜୀବ ଯୋଗମାର୍ଗରେ ଗତି କରି ଷଡ଼ଚକ୍ର ଭେଦ କରିବା ଅବସ୍ଥାରେ ନାଭିଚକ୍ରରେ ଥିବା ଶୈରୀକ୍ଷକ ସ୍ନାୟୁକୋଷରେ ଅବସ୍ଥାନ କରିବା । ମୁନୀ ବୋଇଲେ ରୟିଶୁଦ୍ଧଚେତା ଏବଂ ଶିଷ୍ୟଗଣ ବୋଇଲେ ରତ୍ତ୍ୟକ ଭାବବୃନ୍ଦକୁ ବୁଝାଏ । ଆଶ୍ରମର ସ୍ତ୍ରୀଲୋକମାନେ ବୋଇଲେ ନୁଭାନି କୋଷର ଭାବକୁ ବୁଝାଯାଏ । ଏହା ମାୟାସଦୃଶ ଓ ରଜଗୁଣର ସ୍ୱଭାବ ସଂପନ୍ନ ଅଟେ ।

ଆଶ୍ରମ ବାଳକମାନେ କହିଲେ ନୃଧ୍ୟଦକ୍ଷ ଭାବକୁ ବୁଝାଏ । ଏହିଭାବ ଜୀବପିଣ୍ଡରେ ସୌରୀ ସ୍ନାୟୁ କୋଷରେ ରହିଥାଏ । ବନ୍ଧା ହୋଇଥିବା ଗାଈର ଅର୍ଥ ଗୃଧ୍ୟକ୍ଷକ ଚେତା । ଏହା ଆତ୍ମା ନିକଟରେ ସର୍ବଦା ବନ୍ଧନ ଅବସ୍ଥାରେ ଥାଏ । ଗୃଧ୍ୟକ୍ଷକ ଚେତା ମତି କପିଳ ବର୍ଣ୍ଣ, ଶୃଣ-ଭୃଙ୍ଗ ସ୍ନାୟୁର କାନ୍ତି ଇନ୍ଦ୍ରତୁଲ୍ୟ, ଗୌରୀକାନ୍ତ କୋଷର ଦୁଇଟି ଅଂଶ ଚକ୍ଷୁଭଳି ଓ ଏହା ରକ୍ତପଦ୍ମ ସଦୃଶ ସୁନ୍ଦର । ଏହା ତତ୍ତ୍ୱଜ୍ଞାନ ବତାଏ । ଗୃଧ୍ୟକ୍ଷକ ଚେତାର ଓଜର ତେଜ ଦେବତୁଲ୍ୟ । ମାର୍ତ୍ତନିୟ ସ୍ନାୟୁକୁ ଏଠାରେ କାଳରାଜାଙ୍କର କେଶ ବୋଲି କୁହାଯାଇଅଛି । ଯୋଗୀ ଯୋଗମାର୍ଗରେ ଗତି କରୁଥିବା ଅବସ୍ଥାରେ ଏହି ସ୍ନାୟୁ ଯୋଗୀର ପିଣ୍ଡ ମଧ୍ୟରେ ଚୈତନ୍ୟକୁ ସୂକ୍ଷ୍ମରେ ଆକର୍ଷଣ

କରେ । ଯୋଗୀ ଯେତେବେଳେ ସମାଧି ଅବସ୍ଥାକୁ ଯାଏ, ସେତେବେଳେ ୧୪ଘଣ୍ଟା ପରମାତ୍ମାକୁ ଦର୍ଶନ କରେ । ଏଠାରେ ଆତ୍ମା ହେଉଛନ୍ତି ଶ୍ରୀକୃଷ୍ଣ, ବ୍ରହ୍ମା ହେଉଛନ୍ତି ଗୌଲକାଣ୍ଡ ଜ୍ଞାନ (ରଜଗୁଣର ଭାବ), କାମଧେନୁ ବୋଇଲେ ଚେତାଘଟକୁ ପଥ କଢ଼ାଉଥିବା ସୂର୍ଧନୀ ସ୍ନାୟୁ, ପ୍ରଦାନ କରିବାର ଅର୍ଥ ମାତୃ ଘଟ ନିର୍ଣ୍ଣୟ ଓ ଚିହ୍ନଟ କରିବା । ଯୋଗୀର ସମାଧି ଅବସ୍ଥାରେ ଗୌତ୍ରିକ ଜ୍ଞାନ ଉଦ୍‌ଭବ ଓ ଉଦୟ ହୋଇଥାଏ । ଏହି ସୂକ୍ଷ୍ମ ତତ୍ତ୍ୱକୁ ଏଠାରେ 'କାମଧେନୁ ଅଙ୍ଗରୁ କୋଟି କୋଟି ସୈନ୍ୟ ଉଦ୍‌ଭବ ହେବା' ପୁରାଣକାର ପ୍ରକାଶ କରିଅଛନ୍ତି । ଯୋଗୀ ପିଣ୍ଡରେ ଗୁପ୍ତରେ ଥିବା ଚେତାପୁରୁଷଙ୍କୁ ଏଠାରେ ରାଜାଙ୍କ ଗୁପ୍ତଚର ବୋଲି କୁହାଯାଇଅଛି । ସାଧାରଣ ଜୀବ ଅହଂବଳ ଓ ମଦଗର୍ବରେ ମତ୍ତହୋଇ ଏହି ଚେତା ପୁରୁଷଙ୍କର ଭାଷା ବୁଝିପାରେ ନାହିଁ । ଯୋଗୀଯୋଗ ସୋପାନରେ ଆରୋହଣ କରି ସମାଧି ସ୍ତରରେ ଉପନୀତ ହୋଇ ନିର୍ବିକଳ୍ପ ସମାଧି ଅବସ୍ଥାରେ ଏହା ଅନୁଭବ କରିପାରେ । କାରଣ ଏହି ଅବସ୍ଥାରେ ଚେତା ପୁରୁଷ ସକ୍ରିୟ ହୁଅନ୍ତି ।

ରାଜ୍ୟର ରାଜଧାନୀରୁ ଆହୁରି ଅଧିକ ସୈନ୍ୟ ମଗାଇବାର ଅର୍ଥ ହେଉଛି ଜୀବର ସଂଶୟଭାବ । ଜୀବପିଣ୍ଡରେ ଏହି ଭାବ ଶୁଷ୍କ ଚିତ୍ତ ସହିତ ମିଶି ଚୈତନ୍ୟକୁ ସାହାଯ୍ୟ କରେ । ଜୀବପିଣ୍ଡରେ ଯୋଗଅବସ୍ଥାରେ ସଂଶୟ ଭାବ ସହିତ ଗୋତ୍ରିକ ଜ୍ଞାନର ସମାଧି ସ୍ତରରେ ଭୀଷଣ ସଂଘର୍ଷ ଅନୁଷ୍ଠିତ ହୋଇଥାଏ । ଯୋଗୀ ସମାଧି ସୋପାନ ଅରୋହଣ କରିବା ସମୟରେ ସତ୍ତ୍ୱ ଓ ରଜ ମିଶ୍ରିତ ଭୌରୀଦନ୍ତ କୋଷ ଓ ସ୍ନାୟୁ ସକଳ ଧିରେ ଧିରେ ନଷ୍ଟ ହୋଇ ବିଜେନ୍ଦ୍ରିୟ ବୃତ୍ତି ଓ ମନ ବିନାଶ ପ୍ରାପ୍ତ ହୁଏ । ଏହାପରେ କ୍ରମଶଃ ସତ୍ୟେନ୍ଦ୍ରିୟ ବୃତ୍ତି ଓ ତଦ୍ ସଂଲଗ୍ନ କର୍ମ ସମୂହ ଚେଇଁ ଉଠେ । ଏଠାରେ ରାଜା କାର୍ତ୍ତବୀର୍ଯ୍ୟ ମୃଦୀକ୍ଷ ଜୀବାତ୍ମା ଜଡ଼ ଅଟେ । ମାତ୍ର ସଦ୍ ଭାବରୁ ସତ୍ୟେନ୍ଦ୍ରିୟ ବୃତ୍ତିର ପ୍ରଭାବରୁ ଚେତନା ଲାଭ କରେ । ମୁନୀ ଯମଦଗ୍ନି ଏଠାରେ କ୍ରୋଧ ମଦରୁ ସୃଷ୍ଟି ହୋଇଥିବା ମୟିକ ପ୍ରାଣାୟାମରେ ପହଞ୍ଚି ନ ଥିବା ଯୋଗୀର ଅସଂପୂର୍ଣ୍ଣ ଯୋଗକ୍ରିୟାକୁ ବୁଝାଇଥାଏ ।

ସାଧାରଣ ଜୀବ ଗୁରୁବରଣ ପରେ ଗୁରୁଙ୍କ ନିର୍ଦ୍ଦେଶିତ ଯୋଗମାର୍ଗରେ ନିଷ୍ଠା, ଦୃଢ଼ତା ଓ ବିଶ୍ୱାସର ସହିତ କ୍ରମଶଃ ଆଗେଇ ଚାଲିଲେ ତା ମଧ୍ୟରେ ଠୁଳ ଥିବା ଅସଦ୍ ପ୍ରବୃତ୍ତି କାଳକ୍ରମେ ନଷ୍ଟ ହୋଇଯାଇ ସଦ୍‌ପ୍ରବୃତ୍ତି ଚେତନା ଲାଭ କରେ ।

ହିସାବ କଲେ ଲାଭ ତୋ କ୍ଷତି ।
ବିନ୍ଦୁଏ ସୂତରେ ଆସେ ବିପତ୍ତି ।।

ବୁଝ ନ ବୁଝ ଚରମ । ପଢ଼ ନ ପଢ଼ ଚରମ ।।
ଧିରେ ଧିରେ ତେବେ ଏହି ଚରମ । ଭେଦି ଚରିଯିବ ତୁମ ମରମ ।।
ତେବେ ଜୀବର ତୁଟିବ ଭରମ । ଇଷ୍ଟଚେତନାର କରି କରମ ।।
ମୋକ୍ଷପଥେ ଚଳି ଜୀବ ଜୀବନ । ଚରମେ ପାଇବ ସେ ଗଣ୍ଠିଧନ ।।

# ଉତ୍ସବ ପରିଚିତି

## ଶ୍ରୀବତ୍ସ ଲାଞ୍ଛନା ପୂଜା ଓ ଯୁଗଧର୍ମ ବ୍ରହ୍ମଯଜ୍ଞ

*ଛଉପଡ଼ିଆ, ବାରିପଦା, ମୟୂରଭଞ୍ଜ*

୧୪୦୬ ସାଲ, କୁମ୍ଭ ଦି୧୮ନ, ଦୋଳପୂର୍ଣ୍ଣିମା, ଫାଲ୍‌ଗୁନ ଦି୧୧ନ, ମଙ୍ଗଳବାର

ଉତ୍ସବ ପାଳନ - କୁମ୍ଭ ଦି୧୫ନ ଶନିବାର ଠାରୁ କୁମ୍ଭ ଦି୨୧ନ ଶୁକ୍ରବାର

*'ସବୁ ରତ୍ନାକର ବାଲ୍ମୀକି ହୁଅନ୍ତି ନାହିଁ ।' ଏହା ଏକ ନିଷ୍ଠୁର ସତ୍ୟ । ସବୁ ବ୍ରାହ୍ମଣ ମଧ୍ୟ ଶ୍ରୀବତ୍ସ ନୁହଁନ୍ତି । ସମସ୍ତେ ମନ କଲେ ବି ସାଲବେଗ, ଦାସିଆ ବାଉରୀ, ବନ୍ଧୁ ମହାନ୍ତି କିମ୍ବା ସାଧୁଆ ମଳିକ ହୋଇ ପାରନ୍ତି ନାହିଁ । ଏହି ସନାତନ ସତ୍ୟ ସର୍ବକାଳ ପାଇଁ ରହସ୍ୟାଚ୍ଛନ୍ନ । ଏ ରହସ୍ୟର ଉଦ୍‌ଘାଟନ ଉନ୍ମୋଚନ କରିବା ପାଇଁ ଶକ୍ତି ବା କାହାର ଅଛି ? କିଏ ଏତେ ଶକ୍ତିମାନ ??*

*ବ୍ରହ୍ମଦେବଙ୍କର ନବ ମାନସପୁତ୍ର ମଧ୍ୟରେ ସର୍ବାଧିକ ତେଜସ୍ୱୀ ତପସ୍ୱୀ ଭୃଗୁ ଥିଲେ ରୁଦ୍ର ଅଂଶୀ, ରୁଦ୍ରାବତାର । ମହର୍ଷି ଭୃଗୁଙ୍କର ପଦାଘାତରେ ମହାପ୍ରଭୁଙ୍କର ବକ୍ଷସ୍ଥଳରେ ଯେଉଁ ଚିହ୍ନ ଅମରାକ୍ଷରରେ ଯୁଗଯୁଗ ପାଇଁ ଲାଞ୍ଛିତ ବା ଚିହ୍ନିତ ହୋଇ ରହିଛି, ତାହାହିଁ ଶ୍ରୀବତ୍ସ ଲାଞ୍ଛନ । ଭକ୍ତବାଞ୍ଛା କଳ୍ପତରୁ ମହାପ୍ରଭୁ ଯୁଗେ ଯୁଗେ ଭକ୍ତାଧୀନ । ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ସେ କ'ଣ କରି ପାରନ୍ତି । ସେହି ସତ୍ୟର ପୁନଃ ପ୍ରତିଷ୍ଠା ପାଇଁ ବାରିପଦାର ଛଉ ପଡ଼ିଆରେ ଶ୍ରୀବତ୍ସ ଲାଞ୍ଛନ ପୂଜା ଜୟନ୍ତୀ ଉତ୍ସବ ଓ ଯୁଗଧର୍ମ ବ୍ରହ୍ମଯଜ୍ଞ ଅନୁଷ୍ଠାନର ଆଧ୍ୟାତ୍ମିକ ନାଟକ ଅଭିନୀତ ହୋଇଯାଇଛି ୧୯୯୯ ମସିହା ଫେବୃୟାରୀ ୨୭ ତାରିଖଠାରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ସହସ୍ର ସହସ୍ର ଭକ୍ତ ଅନୁଗତଙ୍କର ସମାବେଶରେ, ପ୍ରଭୁପାଦ ଗୁରୁସ୍ୱାମୀଙ୍କର ପ୍ରତ୍ୟକ୍ଷ ଉପସ୍ଥିତିରେ ।*

*''ତରମ''ର ଏହି ପାଖୁଡ଼ାରେ ସେହି ଉତ୍ସବର ପୃଷ୍ଠଭୂମିରେ ନିହିତ ଆଧ୍ୟାତ୍ମିକତାରେ ଭରପୁର ''ଉତ୍ସବ ପରିଚିତି'' ସ୍ତମ୍ଭରେ ''ତରମ'' ପୃଷ୍ଠା ମଣ୍ଡନ କରୁଛି । ଶ୍ରଦ୍ଧା ଭକ୍ତି ନିଷ୍ଠା ଓ ବିଶ୍ୱାସର ସହିତ ଏହା ପଠନ, ଶ୍ରବଣ ଓ ମନନ କରି କଳିର ସକଳ କଳୁଷରୁ ମୁକ୍ତ ହୋଇ ଦିବ୍ୟ ଜ୍ୟୋତିଃ ଦର୍ଶନର ପରମ ସୌଭାଗ୍ୟ ପାଠକପାଠିକା ଭକ୍ତ ଅନୁଗତଙ୍କର ଲାଭ କରି ପାରିଲେ, ଶ୍ରମ ସାର୍ଥକ ହେବ ।*

*ତୁମ ଇଚ୍ଛା ପୂର୍ଣ୍ଣ ହେଉ ମହାବାହୁ !!!*

ଯଂ ବ୍ରହ୍ମା ବରୁଣେନ୍ଦ୍ର ରୁଦ୍ରମରୁତ ସ୍ତୁନ୍ୱନ୍ତି ଦିବୈସ୍ତବୈଃ -
ର୍ବେଦୈଃ ସାଙ୍ଗ ପଦକ୍ରମୋପନିଷଦୈ ର୍ଗାୟନ୍ତି ଯଂ ସାମଗାଃ
ଧ୍ୟାନାବସ୍ଥିତ ତଦ୍‌ଗତେନ ମନସା ପଶ୍ୟନ୍ତି ଯଂ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା ଦେବାୟ ତସ୍ମୈ ନମଃ ॥

ଯାହାଙ୍କ ସମ୍ପର୍କରେ ବେଦ, ବେଦାନ୍ତ, ଉପନିଷଦ, ପୁରାଣଠାରୁ ଆରମ୍ଭ କରି ବ୍ରହ୍ମା, ଶଙ୍କର ଆଦି ସର୍ବ ଦେବଗଣ ସମ୍ପୂର୍ଣ୍ଣ ବିବରଣୀ ଦେଇ ପାରିନାହାନ୍ତି, ସେହି ଅଦ୍ଭୁତ ପୁରୁଷଙ୍କ ଲୀଳା ବର୍ଣ୍ଣନା କରିବା କେବଳ ଧୃଷ୍ଟତା କହିଲେ ଅତ୍ୟୁକ୍ତି ହେବନାହିଁ । ନିଜ ଇଚ୍ଛାମତେ ସେ ନିତ୍ୟ ବିହରିତ ହୋଇ ଆପଣା କଳ୍ପନାରେ ଏ ସୃଷ୍ଟିକୁ ନିର୍ମାଣ କରି ନିଜର ଲୀଳା ସଂରଚନରେ ସର୍ବଦା ମଗ୍ନ । ସେହି ଲୀଳା ପର୍ଯ୍ୟାୟରେ ଏକ ଅଲୌକିକ ଅଂଶ **''ଶ୍ରୀବତ୍ସ ଲାଞ୍ଛନ ପୂଜା ଓ ଯୁଗଧର୍ମ ବ୍ରହ୍ମଯଜ୍ଞ''** ଉକ୍ତ ସ୍ମରଣିକାର ଆଲୋଚ୍ୟ ବିଷୟବସ୍ତୁ ।

ମହାଶୂନ୍ୟରେ ୬୨ (ବାଷଠି) କଳ୍ପ ଭୋଗ ହେବାପରେ ପରମବ୍ରହ୍ମ ଅବ୍ୟକ୍ତରୁ ବ୍ୟକ୍ତ ହୋଇ ନିଜର ଅଦ୍ଭୁତ ଲୀଳା ସଂଗଠନ ନିମନ୍ତେ ଏକ ଲୀଳା ଭୂମି ନିର୍ମାଣ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ତାଙ୍କର ଇଚ୍ଛା ହିଁ ସୃଷ୍ଟି । ପ୍ରଥମେ ନିଜକୁ ଦୁଇ ଭାଗରେ ବିଭକ୍ତ କରି ''ଆଦି ଓ ଅନାଦି'' ରୂପରେ ପ୍ରକଟିତ କଲେ । ପରବର୍ତ୍ତୀ ଅବସ୍ଥାରେ ''ଓଁ''କାର ସୃଷ୍ଟିକରି ବିନ୍ଦୁ ଅର୍ଦ୍ଧର ସୂକ୍ଷ୍ମ ସଂଯୋଗରେ ତାଙ୍କର ବ୍ୟକ୍ତ ସ୍ୱରୂପ ''ବିଷ୍ଣୁ''ଙ୍କର ସୃଷ୍ଟି ହୋଇଗଲା । ଜଗଦ୍‌ପାଳକ, ଜଗଦ୍‌ପତିଙ୍କର ନାଭିବ୍ରହ୍ମରୁ ବ୍ରହ୍ମା ଆବିର୍ଭାବ ହେଲେ । ମନ, ପବନ, ଚୈତନ୍ୟ ଓ ତେଜ - ଏ ଚାରିକର୍ମର ସ୍ମାରକରେ ତାଙ୍କର ଚାରିମୁଣ୍ଡ ସୃଷ୍ଟି ହେଲା । ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ - ଏ ଚାରିକର୍ମରୁ ଜାତହେଲା ଚାରିଗତି । ଚତୁର୍ମୁଖରେ ବେଦଧ୍ୱନୀ ନିର୍ଗତ ହେବାକୁ ଲାଗିଲା ।

ବେଦଧ୍ୱନୀର ନାଦରେ ଯୋଗନିଦ୍ରାରେ ଥିବା ପୂର୍ଣ୍ଣେଶ୍ୱର ଶ୍ରୀବିଷ୍ଣୁଙ୍କର ନିଦ୍ରାଭଙ୍ଗ ହେଲା । ନିଜର ନାଭିପଦ୍ମରୁ ସୃଷ୍ଟି ହୋଇଥିବା ବ୍ରହ୍ମାଙ୍କୁ ଦେଖି ଅତ୍ୟନ୍ତ ପ୍ରୀତ ହେଲେ । ବ୍ରହ୍ମା ଚତୁର୍ମୁଖରେ ପରମ ପିତାଙ୍କର ଅଶେଷ ସ୍ତୁତି କଲେ । ସ୍ତୁତିରେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ୱାମୀ ବ୍ରହ୍ମାଙ୍କୁ ଏକ ସୃଷ୍ଟି ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ସୃଷ୍ଟି ସକଳ ପ୍ରାଣୀଙ୍କର ଜୀବଦାତା, ପିତାମାତା ହେବାପାଇଁ ବର ପ୍ରଦାନ କଲେ । ବ୍ରହ୍ମାପଦ ପ୍ରାପ୍ତ ହେବାପରେ ଧାତା କଠୋର ତପରେ ମଗ୍ନ ହୋଇଗଲେ । ତାଙ୍କର ଉକ୍ତ ତପଃ ସମାଧି ୭୪ (ଚଉସ୍ତରୀ) କଳ୍ପ ପର୍ଯ୍ୟନ୍ତ ଲାଗି ରହିଲା । ଏହାପରେ ସପ୍ତସ୍ୱରରେ ବେଦଧ୍ୱନୀ କରିବାକୁ ଲାଗିଲେ । ''ବେଦଧ୍ୱନି''ରୁ ନବଋଷି ଜନ୍ମ ନେଲେ । ଯଥା : ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ମରିଚି, ପ୍ରଚେତା, କଶ୍ୟପ, ବଶିଷ୍ଠ, କ୍ରତୁ ଓ ଭୃଗୁ । ଏହିମାନଙ୍କ ମାଧ୍ୟମରେ ବ୍ରହ୍ମା ସୃଷ୍ଟିର ସମସ୍ତ ଆବଶ୍ୟକୀୟ ରହସ୍ୟ, ଜ୍ଞାନ ବୁଦ୍ଧି, ବିବେକ ଆଦି ତତ୍ତ୍ୱକୁ ଧରାପୃଷ୍ଠରେ ଅବତରଣ କରାଇ ସ୍ରଷ୍ଟାଙ୍କ ଇଚ୍ଛା ପୂର୍ଣ୍ଣ କରାଇବାର କଳ୍ପନା କଲେ । ବେଦପତି ବ୍ରହ୍ମାଙ୍କର ଉକ୍ତ ମାନସପୁତ୍ରମାନେ ବ୍ରହ୍ମଜ୍ଞାନ, ବ୍ରହ୍ମଶକ୍ତି ଓ ବ୍ରହ୍ମ ଉପଲବ୍ଧି ନିମନ୍ତେ ତପସ୍ୟାରେ ମଗ୍ନ ହେଲେ ।

ସୃଷ୍ଟି ନିର୍ମାଣର ଆଧାର ଓ ବଂଶବୃଦ୍ଧିର ବାହକମାନଙ୍କୁ ସୃଷ୍ଟି କରାଇବା ପରେ ବ୍ରହ୍ମା ଭଗବାନ୍ ବିଷ୍ଣୁଙ୍କୁ ସୃଷ୍ଟିର ବିକାଶ ଓ ଉନ୍ନତି ପାଇଁ ଉପାୟ ଓ ଆଶୀର୍ବାଦ ପାଇଁ ପ୍ରାର୍ଥନା କଲେ । ପରମେଶ ବ୍ରହ୍ମାଙ୍କ ଉପାସନାରେ ପ୍ରୀତ ହୋଇ ''ଭୃତିକ'' ନାମକ ଏକ ମଣ୍ଡଳ ସୃଷ୍ଟି କଲେ । ଉକ୍ତ ମଣ୍ଡଳରେ ସୃଷ୍ଟିର କ୍ରମ ବିକାଶ, ଉନ୍ନତିର ସମସ୍ତ ରହସ୍ୟ, ସୃଷ୍ଟିଚଳନ ପଥ, ଆତ୍ମାର ସୃଷ୍ଟି, ସଦ୍‌ଗତି ଇତ୍ୟାଦିର ବୀଜ ଓ ଜ୍ଞାନ ସ୍ଥାପନ କରିଦେଲେ । ଏହି ''ଭୃତିକ'' ମଣ୍ହଳରୁ ଜୀବ ସୃଷ୍ଟି କରାଇବାର ଗୋପନ ସୂତ୍ର ବ୍ରହ୍ମାଙ୍କୁ ଦାନ କଲେ । ଭୃତିକ ମଣ୍ଡଳ ସ୍ଥିତ ହେବାପରେ ସପ୍ତଲୋକ ଯଥା : ଭୂଃ, ଭୂବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍ ସୃଷ୍ଟି ହେଲା । ତଦନ୍ତେ ସୃଷ୍ଟିକର୍ତ୍ତା ବ୍ରହ୍ମା ପୁନର୍ବାର ସ୍ତୁତିକଲେ ଜୀବର ଖାଦ୍ୟ, ପାନୀୟ ତଥା ଅନ୍ୟାନ୍ୟ ଉପଯୋଗୀ ବସ୍ତୁର ସୃଷ୍ଟି ପାଇଁ । ଶ୍ରୀହରି ''ଅନାଦବିହ୍ୟ ମଣ୍ଡଳ''ରେ ସ୍ତୁତି କରୁଥିବା ବ୍ରହ୍ମାଙ୍କର ପ୍ରାର୍ଥନା ଗ୍ରହଣ କରି ସପ୍ତଲୋକର ''ଅଧିବେଦାଧ୍ୟୟ ବୃଷ୍ଟି''କୁ ଆଜ୍ଞାଦେଲେ ଜୀବର ବଞ୍ଚିରହିବା ନିମନ୍ତେ ପ୍ରସ୍ତୁତି କରିବା ପାଇଁ । ବ୍ରହ୍ମାଙ୍କ ଇଚ୍ଛା ଓ ଶ୍ରୀହରିଙ୍କ ଆଜ୍ଞାରେ ସୃଷ୍ଟିଚକ୍ର ସ୍ୱୟଂଚାଳିତ ହୋଇ ଗତିଶୀଳ ହେଲା । ଏହାପରେ ଜୀବସୃଷ୍ଟି ଓ ମର୍ତ୍ତ୍ୟଭୂମି ନିର୍ମାଣର ସମୟ ଉପସ୍ଥିତ ହେଲା । ସେଥିପାଇଁ ବ୍ରହ୍ମଦେବ ତାଙ୍କର ନବମାନସ ପୁତ୍ରଙ୍କୁ ଆବାହନ କଲେ ।

ଉକ୍ତ ନବପୁତ୍ରମାନଙ୍କ ମଧ୍ୟରେ ସର୍ବାଧିକ ତେଜସ୍ୱୀ, ତପସ୍ୱୀ ଥିଲେ ''ଭୃଗୁ'' । ବ୍ରହ୍ମା ତାଙ୍କର ୨୧ (ଏକୋଇଶି) ଆୟୋର୍ଦ୍ଧକ କଳ୍ପରେ ''ଭୃଗୁ''ଙ୍କ ଅଦ୍ଭୁତ, ଅପରିମେୟ ଶକ୍ତି ଓ ତେଜର ସନ୍ଧାନ ପାଇଲେ । ତାଙ୍କ (ଭୃଗୁଙ୍କ) ମଧ୍ୟରେ ସର୍ବାଧିକ ରୁଦ୍ର ଶକ୍ତି ପ୍ରବାହିତ ହେଉଥିବାର ଉପଲବ୍ଧି କଲେ । ସୃଷ୍ଟି, ପାଳନ ଓ ସଂହାର ଏହି ତ୍ରିଶକ୍ତିର ପ୍ରାବଲ୍ୟ ଭୃଗୁଙ୍କ ଶରୀରରେ ପରିସ୍ଫୁଟ ହେଉଥିଲା । ତେଣୁ ବ୍ରହ୍ମା ତାଙ୍କୁ ରୁଦ୍ରଅଂଶୀ, ରୁଦ୍ର ଅବତାର ଭାବରେ ଗ୍ରହଣ କରିନେଲେ । ସୃଷ୍ଟି ନିର୍ମାଣ ଓ ପାଳନର ମୁଖ୍ୟଅଂଶ ଭୃଗୁଙ୍କୁ ଦାୟିତ୍ୱ ଦେବାପାଇଁ ମନସ୍ଥ କଲେ । କିନ୍ତୁ ପିତାଙ୍କର ଉକ୍ତ ଆଦେଶ ହଠାତ୍ କାର୍ଯ୍ୟକାରୀ କରିବାକୁ ମୁନିବର ଅନିଚ୍ଛା ପ୍ରକାଶ କଲେ । କାରଣ ତପସ୍ୟା କାଳରେ ସେ ତାଙ୍କର ଧ୍ୟାନ ଚକ୍ଷୁରେ ଏକ ଅତି ଅଦ୍ଭୁତ ଦୃଶ୍ୟ ଦର୍ଶନ କରିଥିଲେ । ଯଥା - ଶ୍ରୀବିଷ୍ଣୁଙ୍କର **''କର୍ଣ୍ଣଗ୍ରିୟ''**

ଅଂଶର ମଧ୍ୟ ଭାଗରେ ସ୍ଫଟିକ ପରି ତେଜୋମୟ ଜ୍ୟୋତିଃ ମଧ୍ୟରେ ଏକ ଲାଞ୍ଛନ ବା ଚିହ୍ନ ଦୃଷ୍ଟିଗୋଚର ହେଉଥିଲା । ଉକ୍ତ ଲାଞ୍ଛନର ଆକୃତି ଠିକ୍ ଏକ କ୍ଷୁଦ୍ର ପାଦ ପରି ଦିଶୁଥିଲା । ପାଦରେ ପାଞ୍ଚଗୋଟି ଆଙ୍ଗୁଳି ବିରାଜିତ ଥିଲା ଏବଂ ପାଦପୃଷ୍ଠରେ ୩୨(ବତ୍ରିଶ)ଟି ରେଖା ଅଙ୍କିତ ହୋଇଥିଲା । ଅପୂର୍ବ ଶୋଭାରେ ଉଦ୍‌ଭାସିତ ଏହି ପାଦରୁ କୋଟି ସୂର୍ଯ୍ୟତେଜ ସମ ଜ୍ୟୋତିଃ ନିର୍ଗତ ହେଉଥିଲା । କିନ୍ତୁ କେଉଁଠାରୁ ଉକ୍ତ ଶ୍ରୀପାଦ ସୃଷ୍ଟି ହୋଇଥିଲା ଓ କାହିଁକି ହୋଇଥିଲା ତାହାର ରହସ୍ୟ ସେ ଜାଣି ପାରିନଥିଲେ । ଅନିସନ୍ଧିତ୍ସୁ ମନ ତାଙ୍କର ବ୍ୟାକୁଳ ହୋଇଉଠିଲା । ସେଥିପାଇଁ ସୃଷ୍ଟିର ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ 'ଭୃଗୁ' ପିତାମହ ବ୍ରହ୍ମାଙ୍କୁ ଏହି ବିଚିତ୍ର ପାଦର ମହିମା ବର୍ଣ୍ଣନ ପାଇଁ ପ୍ରାର୍ଥନା କଲେ । କିନ୍ତୁ ବ୍ରହ୍ମା କେବଳ ଆଶ୍ଚର୍ଯ୍ୟ ହେଲେ ନାହିଁ, ନିଜର ଅକ୍ଷମତା ପ୍ରକାଶ କଲେ । ଏହା ଉତ୍ତାରୁ ଋଷିବର ତାଙ୍କର ଅନ୍ୟ ଅଷ୍ଟଭ୍ରାତାଙ୍କୁ ମଧ୍ୟ ଜିଜ୍ଞାସା କଲେ । ସମସ୍ତେ ସେମାନଙ୍କର ଅସହାୟତା ପ୍ରକାଶ କଲେ । ଶେଷରେ ଭୃଗୁ ନିଷ୍ପତ୍ତି କଲେ, ଅଷ୍ଟଭ୍ରାତାଙ୍କ ସହ ଏକତ୍ର ହୋଇ ଯଜ୍ଞାନୁଷ୍ଠାନ କରି ଉକ୍ତ ପାଦର ରହସ୍ୟାତ୍ମକ ଜ୍ଞାନ ପ୍ରାପ୍ତି ହେବେ ।

ତଦନୁସାରେ ଯଜ୍ଞର ଆୟୋଜନ ହେଲା । ମାତ୍ର ଯଜ୍ଞର ଅଗ୍ରପୂଜା କେଉଁ ଦେବଙ୍କୁ ଅର୍ପିତ ହେବ, ସେଥିପାଇଁ ଦ୍ୱନ୍ଦ୍ୱ ଉପସ୍ଥିତ ହେଲା । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର - ପୂର୍ଣ୍ଣବ୍ରହ୍ମଙ୍କର ଏହି ତିନି ଅଂଶରୁ କେଉଁ ଅଂଶ ଶ୍ରେଷ୍ଠ କେହି ମୀମାଂସା କରିପାରିଲେ ନାହିଁ । ଅବଶେଷରେ ନିଷ୍ପତ୍ତି ନିଆଗଲା ଯେ, ବଶିଷ୍ଠ, କ୍ରତୁ ଓ ଭୃଗୁ ତିନିଦେବଙ୍କୁ ପରୀକ୍ଷା କରିବେ ଓ ସେମାନଙ୍କ ବିଚାରରେ ଯିଏ ଶ୍ରେଷ୍ଠ ତାଙ୍କୁ ହିଁ ଅଗ୍ରପୂଜ୍ୟ ପ୍ରଦାନ କରାଯିବ ।

ଲୀଳାମୟଙ୍କର ଅପୂର୍ବ ଲୀଳା କେବଳ ତାଙ୍କ ବ୍ୟତୀତ ଆଉ କିଏ ବା ବୁଝିପାରିବ ? ସର୍ବପ୍ରଥମେ ଋଷିମାନେ ପିତାମହ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ମାତ୍ର ପ୍ରଣାମ କଲେ ନାହିଁ । ଏଥିରେ ଅପମାନ ବୋଧ କରି ବ୍ରହ୍ମା କ୍ଷୁବ୍ଧ ହେଲେ । ନିଜ ଧୃଷ୍ଟତା ପାଇଁ କ୍ଷମା ଭିକ୍ଷା କରି ଋଷିବୃନ୍ଦ ମହେଶ୍ୱରଙ୍କ ନିକଟରେ ଉପସ୍ଥିତ ହେଲେ । ଜାନୁପାତି ବିଧି ପୂର୍ବକ ପ୍ରଣାମ ନ କରି ଦଣ୍ଡାୟମାନ ଅବସ୍ଥାରେ ଦୁଇହସ୍ତ ଯୁକ୍ତ କରି ମହେଶ୍ୱରଙ୍କୁ ପ୍ରଣାମ ନିବେଦନ କଲେ । ଏଥିରେ ମହେଶ୍ୱର ଅତ୍ୟନ୍ତ କ୍ରୋଧ ପ୍ରକାଶ କରି ଋଷିମାନଙ୍କୁ ଶିଷ୍ଟାଚାରର ଅଜ୍ଞତା ଯୋଗୁଁ ଭର୍ତ୍ସନା କଲେ । ଏମାନେ ତ ଉଦ୍ଦେଶ୍ୟମୂଳକ ଭାବେ ବ୍ୟୁହ ରଚନା କରିଛନ୍ତି ଶ୍ରେଷ୍ଠତ୍ୱ ନିର୍ଣ୍ଣୟ ପାଇଁ । ତେଣୁ ରୁଦ୍ରଙ୍କର କ୍ରୋଧରେ ଅତିଷ୍ଠ ନ ହୋଇ ପୂର୍ଣ୍ଣ ସଂଯମ ରକ୍ଷା କରି ନିଜର ଅପରାଧ ପାଇଁ କ୍ଷମା ପ୍ରାର୍ଥନା କରି ପ୍ରତ୍ୟାବର୍ତ୍ତନ କଲେ । ଏହାପରେ ଗୋଲୋକରେ ପ୍ରବେଶ କଲେ । କିନ୍ତୁ ଭଗବାନ ବିଷ୍ଣୁଙ୍କର ଆଚରଣରେ ହତୋତ୍ସାହ ହୋଇଗଲେ । ତାଙ୍କୁ ପୁନଃ ପୁନଃ ପ୍ରଣାମ କଲେ ମଧ୍ୟ ସେ ନୀରବ, ନିଷ୍ପନ୍ଦ, ଅବିଚଳିତ । ମୁଖରେ ଭାଷା ନାହିଁ । ସତେ ଯେପରି ଯୋଗାଧି ରାଜ ମହାଯୋଗରେ ସମାଧିସ୍ଥ । ଅନ୍ୟ ଉପାୟ ନ ପାଇ ଉଚ୍ଚାଙ୍ଗ ସ୍ୱରରେ ସ୍ୱାମୀଙ୍କର ସ୍ତୁତି ଗାନ କରିବାକୁ ଲାଗିଲେ । ତଥାପି ଲୀଳାମୟଙ୍କର ଯୋଗନିଦ୍ରା ଭଙ୍ଗର କୌଣସି ସୂଚନା ପାଇଲେ ନାହିଁ । ଅନେକ ସମୟ ଅତିବାହିତ ହେବାପରେ ରୁଦ୍ରଅଂଶୀ ଭୃଗୁଙ୍କର ଧୈର୍ଯ୍ୟଚ୍ୟୁତ ହେଲା । ସେ ସମସ୍ତ ସଂଯମ ହରାଇ ବସିଲେ । ଫଳରେ ''ତମ କଳା'' ପୂର୍ଣ୍ଣମାତ୍ରାରେ ପ୍ରକଟିତ ହେଲା । କ୍ରୋଧ ଚରମ ଅବସ୍ଥାରେ ପହଞ୍ଚିବାରୁ ''ତମ'' ଗୁଣର ବିସ୍ଫୋରଣ ହେଲା । ଉକ୍ତ ପ୍ରଚଣ୍ଡ ବିସ୍ଫୋରଣର ପ୍ରଭାବରେ ଭୃଗୁଙ୍କର ଶରୀର ପ୍ରକମ୍ପିତ ହେଲା । ଫଳରେ ପଦଦ୍ୱୟ ଅସ୍ଥିର ହୋଇ ଶରୀର ଧାରଣ କରିବାକୁ ଅକ୍ଷମ ହେଲେ । ଯୋଗୀ ଯୋଗର ଚରମ ଅବସ୍ଥା ପ୍ରାପ୍ତ ହେଲେ ସେ ବାହ୍ୟଜ୍ଞାନ ଶୂନ୍ୟ ହୋଇ ସମାଧିସ୍ଥ ହୋଇ ଯାଆନ୍ତି । ସେ ସମୟରେ ଯୋଗୀର ଶରୀର ଶୂନ୍ୟରେ ଉର୍ଦ୍ଧ୍ୱକୁ ଉଠିଯାଏ । ଭୃଗୁଙ୍କର ସେହି ଅବସ୍ଥା ପ୍ରାପ୍ତ ହେଲା । କ୍ରୋଧର ଶେଷ ପାହାଚରେ ପହଞ୍ଚିବା ପରେ ସେ ବାହ୍ୟଜ୍ଞାନ ଶୂନ୍ୟ ହୋଇଗଲେ । ତାଙ୍କର ଶରୀର ସମାଧି ଅବସ୍ଥା ଉର୍ଦ୍ଧ୍ୱମୁଖୀ ହୋଇ 'ତମ'ର ମୂଳଉତ୍ସ ଭଗବାନ ଶ୍ରୀବିଷ୍ଣୁଙ୍କର ନିକଟକୁ କ୍ଷିପ୍ରଗତିରେ ଧାବମାନ ହେଲା । ନିଜର ଶରୀର ଜ୍ଞାନ ନଥିବାରୁ ସେ ବୁଝିପାରିଲେ ନାହିଁ ତାଙ୍କ କ୍ରୋଧରେ ଫଳ କେଉଁ ସ୍ତରରେ ପହଞ୍ଚିବ । ସୂକ୍ଷ୍ମ ସ୍ତରରେ ସେ ବିଷ୍ଣୁଙ୍କ ଶରୀର ନିକଟବର୍ତ୍ତୀ ହୋଇଗଲେ । ତାଙ୍କର ଦକ୍ଷିଣ ପାଦ ଶ୍ରୀବିଷ୍ଣୁଙ୍କର ବକ୍ଷ ଆଡ଼କୁ ଡକିଗଲା । ଭୃଗୁଙ୍କର ''ତମ'' ଆଘାତ ସୂକ୍ଷ୍ମ ତରଙ୍ଗରେ ଦକ୍ଷିଣ

ପଦ ଦେଇ ମହାପ୍ରଭୁଙ୍କ ବକ୍ଷ ସ୍ପର୍ଶ କଲା । ସେହି ଆଘାତରେ ଲୀଳାମୟଙ୍କର ଇଚ୍ଛାକୃତ ଯୋଗନିଦ୍ରାର ଅବସାନ ଘଟିଲା । ସତେ ଯେପରି ସେ ଭକ୍ତ ଶିରୋମଣିଙ୍କର ଏହି ଆଘାତକୁ ଅପେକ୍ଷା କରି ରହିଥିଲେ । ଅତି ଶ୍ରଦ୍ଧାରେ ଋଷିପ୍ରବରଙ୍କର ପାଦକୁ ଆଉଁସି ଦେଇ ଅତ୍ୟନ୍ତ କୋମଳ ସ୍ୱରରେ କହିଲେ, ''ହେ ମୁନିଶ୍ରେଷ୍ଠ ! ଅନେକ ସମୟ ଅପେକ୍ଷା କରି ତୁମର ଧୈର୍ଯ୍ୟଚ୍ୟୁତ ହୋଇଥିବାରୁ ତୁମର ଏ ଅବସ୍ଥା ହୋଇଛି । ''ତମ''ର ପ୍ରଚଣ୍ଡ ଆଘାତରେ ତୁମେ ଜ୍ଞାନଶୂନ୍ୟ ହୋଇଛ, ପାଦ ଦୁଇଟି ଅବଶ ହୋଇ ଯାଇଛନ୍ତି । ମୁଁ ଆଉଁସି ଦେଉଛି । କଷ୍ଟ ଲାଘବ ହେବ । ଉଠ, ଜାଗ୍ରତ ହୁଅ । ଆସିବାର କାରଣ ପ୍ରକାଶ କର, ଶ୍ରୀହରିଙ୍କର ଶ୍ରୀକର ସ୍ପର୍ଶରେ ମୁନିବରଙ୍କର ଚୈତନ୍ୟ ଉଦୟ ହେଲା । ସେ ପ୍ରଭୁଙ୍କର ମହାନତାରେ କ୍ରନ୍ଦନ କରିବାକୁ ଲାଗିଲେ । ''ତମ'' ଗୁଣର ଶୀକାରରେ ସ୍ୱାମୀଙ୍କ ପ୍ରତି କ୍ରୋଧ ପ୍ରକାଶ କରି ନିଜର ପାଦକୁ ତାଙ୍କ ସମୀପ ପର୍ଯ୍ୟନ୍ତ ନେଇ ଯାଇଥିବାରୁ ଅନୁତାପରେ ମ୍ରିୟମାଣ ହୋଇଗଲେ । ବଶିଷ୍ଠ ଓ କ୍ରତୁ ପୁନଃପୁନଃ ସ୍ତୁତି କରିବାକୁ ଲାଗିଲେ ।

ଅନ୍ତର୍ଯ୍ୟାମୀଙ୍କୁ କାହାରି ଅନ୍ତର କଥା ପ୍ରକାଶ କରିବାର ପ୍ରୟୋଜନ ହୁଏ ନାହିଁ । ଅଦ୍ଭୁତ ତାଙ୍କର ଲୀଳା ସମ୍ଭାର । ସୃଷ୍ଟି ଆରମ୍ଭରୁ ସେ ଏକା ହିଁ ଥିଲେ । ପର୍ଯ୍ୟାୟକ୍ରମେ ନିଜେ ଏକରୁ ଅନେକ ହେଲେ । ନିଜେ ଅଜ୍ଞର ଭୂମିକା ନିର୍ବାହ କରି ବିଜ୍ଞ ହେବାକୁ ସାଧନ, ତପର ନାଟକ ସୃଷ୍ଟି କଲେ । ତେଣୁ ଅଜ୍ଞ ଅବସ୍ଥାରେ ଭାବକୁ ଗ୍ରହଣ କରିବାକୁ ତାଙ୍କୁ ଅସୁବିଧା କାହିଁକି ହେବ ? ନିଜ ନାଭିକମଳରୁ ନିଜେ ନିଜକୁ ''ବ୍ରହ୍ମା'' ରୂପରେ ଅବତୀର୍ଣ୍ଣ କରାଇଲେ । ବ୍ରହ୍ମାଙ୍କ ଦ୍ୱାରା ଭୃଗୁଙ୍କୁ ସୃଷ୍ଟି କରାଇଲେ । ସୁତରାଂ 'ସେ ଓ ଭୃଗୁ' - ଏ ଦୁହିଁଙ୍କ ମଧ୍ୟରେ ପ୍ରଭେଦ ଆସିବ କେଉଁଠୁ ? ନିଜର ଏକ ବିଶିଷ୍ଟ ଲୀଳାଅଂଶ ତାଙ୍କର ଭୃଗୁ ରୂପ ଅଂଶୀୟ ଅବତାର ମାଧ୍ୟମରେ ଧରାପୃଷ୍ଠକୁ ପ୍ରେରଣ କରାଇବାର ଲକ୍ଷ୍ୟ ନେଇ ଏପରି ଅଭିନବ ନାଟକ ପ୍ରସ୍ତୁତି କରିଥିଲେ । ତେଣୁ ଭୃଗୁ କେଉଁ ଉଦ୍ଦେଶ୍ୟରେ ଆସିଛନ୍ତି ତାଙ୍କୁ କି ଅଜଣା ଅଛି ?

ବାରମ୍ବାର ସ୍ନେହପୂର୍ଣ୍ଣ ସାନ୍ତ୍ୱନା ପାଇବା ପରେ ଭୃଗୁ ଯେତେବେଳେ ଜାନୁପାତି କରଯୋଡ଼ି କ୍ଷମା ମାଗିବାକୁ ଊର୍ଦ୍ଧ୍ୱକୁ ଅବଲୋକନ କଲେ, ସେତେବେଳେ ତାଙ୍କର ଚକ୍ଷୁ ସ୍ଥିର ହୋଇଗଲା । ପ୍ରଭୁଙ୍କ ବକ୍ଷ ଦେଶରେ ଯେଉଁ ପାଦର ରହସ୍ୟ ଜାଣି ସେ ସମ୍ପର୍କିତ ଜ୍ଞାନପ୍ରାପ୍ତି ପାଇଁ ଯଜ୍ଞର ଆୟୋଜନ କରି ଦେବମାନଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ନିର୍ଣ୍ଣୟ ଉଦ୍ଦେଶ୍ୟରେ ଆସିଛନ୍ତି, ସେହି ଦିବ୍ୟଜ୍ୟୋତିଃଭୂଷିତ ପାଦଟି ପ୍ରଭୁଙ୍କ ବକ୍ଷଦେଶରେ ଶୋଭାପାଉଛି । ପାଦଟିର ଚତୁଃପାର୍ଶ୍ୱରେ ବକ୍ଷର ଲୋମାବର୍ତ୍ତ ସ୍ଥିତି ତାହାର ସୌନ୍ଦର୍ଯ୍ୟକୁ କୋଟିଏ ଗୁଣରେ ବୃଦ୍ଧି କରାଉଅଛି । କ୍ଷଣ କ୍ଷଣକେ ପଦଚିହ୍ନ ଅନ୍ତର୍ଦ୍ଧାନ ହେଉଛି । ଶ୍ରୀ ଅର୍ଥାତ୍ ଲକ୍ଷ୍ମୀଯୁକ୍ତ ହୋଇ ଶ୍ରୀମନ ନାରାୟଣ ଶୋଭାପାଉଛନ୍ତି । ପୁନଶ୍ଚ ଲକ୍ଷ୍ମୀନାରାୟଣ ରୂପ ଅନ୍ତର୍ହିତ ହୋଇ ଜ୍ୟୋତିର୍ମୟ ପାଦ ଦୃଶ୍ୟ ହେଉଛି । ନିଜର ବକ୍ଷରେ ନିଜର ରୂପ ପୁନଶ୍ଚ ପାଦର ରୂପ । ଉକ୍ତ ଅଦ୍ଭୁତ ଲୀଳାରେ ମୋହିତ ହୋଇ ଭୃଗୁ ଉଚ୍ଚସ୍ୱରରେ କ୍ରନ୍ଦନ କରି ଜ୍ଞାନ ପ୍ରାପ୍ତି ପାଇଁ ପ୍ରାର୍ଥନା କଲେ । ଭକ୍ତ ବତ୍ସଳ ଭାବଗ୍ରାହୀ ଭକ୍ତ ପ୍ରବରଙ୍କର ଅଳି ଗ୍ରହଣ କରି ପୂର୍ଣ୍ଣ ଜ୍ଞାନ ପ୍ରଦାନ କଲେ ।

ସେ ଆଦି ଓ ସେ ହିଁ ଅନାଦି । ସେ ଲକ୍ଷ୍ମୀ ଏବଂ ସେ ମଧ୍ୟ ନାରାୟଣ । ତାହାର ପ୍ରମାଣ ସ୍ୱରୂପ ଭୃଗୁଙ୍କୁ ଦର୍ଶନ କରାଇ ଦେଲେ ଯେ ନିଜେ ନିଜଦ୍ୱାରା ସୃଷ୍ଟି । ନିଜେ ନିଜର ପିତା ଓ ମାତା । ପୁନର୍ବାର ନିଜେ ନିଜର ସନ୍ତାନ । ଜ୍ଞାନର ପୂର୍ଣ୍ଣତା ପ୍ରାପ୍ତି ପରେ ଭୃଗୁ ସୃଷ୍ଟିର ସମସ୍ତ ରହସ୍ୟ ଜ୍ଞାତ ହୋଇ ଦର୍ଶନ କଲେ ନାରାୟଣଙ୍କ ବକ୍ଷଦେଶରେ ତାଙ୍କର ଅର୍ଦ୍ଧାତ୍ମା ଲକ୍ଷ୍ମୀ ବିରାଜିତ ଏବଂ ଲକ୍ଷ୍ମୀଙ୍କ ହୃଦୟରେ ସେହି ନାରାୟଣ ଅବସ୍ଥିତ । ତେଣୁ ଲକ୍ଷ୍ମୀ ବା 'ଶ୍ରୀ'ଙ୍କ ''ବତ୍ସ'' ବା ବକ୍ଷଃସ୍ଥଳରେ ସ୍ୱାମୀ ନିଜେ ବିରାଜିତ । ତେଣୁ ସ୍ତୁତିକଣ୍ଠରେ ସମ୍ବୋଧନ କରି ଦେଲେ ''ହେ ଶ୍ରୀବତ୍ସ ! ନିଜ ବକ୍ଷ ସ୍ଥଳରେ ଧାରଣ କରିଥିବା ''ଲାଞ୍ଛନ'' ବା ''ଚିହ୍ନ''ର ରହସ୍ୟ ପ୍ରଦାନ କରି କୃତାର୍ଥ କରନ୍ତୁ । ଏହାପରେ ସ୍ୱାମୀଙ୍କର ଆଶୀର୍ବାଦ ସହ ଦିବ୍ୟଚକ୍ଷୁ ପ୍ରାପ୍ତ ହୋଇ ଭୃଗୁ ଦର୍ଶନ କଲେ ପାଦର ପାଞ୍ଚ ଆଙ୍ଗୁଳିରେ ପାଞ୍ଚ ଗୌଣ୍ଡୀକଃ ମଣ୍ଡଳ ବିରାଜିତ । ଯଥା -

୧. ବୃଦ୍ଧାଙ୍ଗୁଳି - ଭୌଧକଃ ଜ୍ଞାନ, ବୀଜମଣ୍ଡଳ

ଏହିଠାରୁ ସୃଷ୍ଟିର ଜୀବମାନଙ୍କର ଚଳନି କ୍ରିୟା ସମାହିତ ହେବ । ଜୀବର ରକ୍ଷାକବଚ ଏହି ଠାରୁ ହିଁ ସୃଷ୍ଟି ହେବ । ଜୀବର କ୍ରମବିକାଶ ଓ ଉନ୍ନତି ବିଧାନ ମଧ୍ୟ ଏହି ବଳୟରୁ ନିର୍ଗତ ହେବ ।

୨. ତର୍ଜନୀ - ତୁରୋତ୍ରକ ଜ୍ଞାନ, ବୀଜମଣ୍ଡଳ

ଆତ୍ମାର କଳେବର, ଆତ୍ମାର ପ୍ରକାରଭେଦ, ଆତ୍ମାର ଆଚରଣ ବିଧି, ଶବ୍ଦ ବହ୍ମ, ଶରୀର ବ୍ରହ୍ମ ତଥା ମନ, ଚୈତନ୍ୟର ସ୍ୱରୂପ ଏହି ମହାବଳୟ ମଧ୍ୟରୁ ଅବତରିତ ହେବ ।

୩. ମଧ୍ୟମା - ବିସ୍ମୟକ ଜ୍ଞାନ, ବୀଜ ମଣ୍ଡଳ

ଏହିଠାରୁ ସମସ୍ତ ସୂକ୍ଷ୍ମ ସ୍ତରୀୟ ଭାବ, କର୍ମଆତ୍ମା ସହିତ ସଂଯୋଗ ହେବ ଏବଂ ପ୍ରତ୍ୟେକ ଆତ୍ମା ସହିତ ସଂପର୍କ ରକ୍ଷାକରି ଆତ୍ମା ଓ ଆତ୍ମାର ଆଧାର ଶରୀର କ୍ରିୟାଶୀଳ ହେବ ।

୪. ଅନାମିକା - ଚୌତୁରାମ୍ନିକ ଜ୍ଞାନ, ବୀଜ ମଣ୍ଡଳ,

ଏହିଠାରୁ ନିର୍ଗତ ଆଜ୍ଞା ସପ୍ତଲୋକ ନିୟନ୍ତ୍ରଣ କରିବ ଏବଂ ତାଙ୍କର ଇଚ୍ଛାନୁଯାୟୀ ଚାଳିତ ହେବ ।

୫. କନିଷ୍ଠା - ଅଦ୍ୱ୍ୟତୀୟ ଜ୍ଞାନ, ବୀଜ ମଣ୍ଡଳ

ଯୋଗୀ, ମୁନି, ଋଷି, ମହାତ୍ମା, ଭକ୍ତମାନଙ୍କୁ ଏହିଠାରୁ ହିଁ ଜ୍ଞାନପ୍ରାପ୍ତି ହେବ । ଭକ୍ତମାନଙ୍କ ଦ୍ୱାରା ସୃଷ୍ଟ/ପ୍ରେରିତ ନିନ୍ଦା, କଷଣ, ଧୈର୍ଯ୍ୟ, ଅହଙ୍କାର, କ୍ରୋଧ, ହିଂସାଦି ସମସ୍ତ କଳଙ୍କ ଓ କ୍ଲେଶକୁ ଭକ୍ତବତ୍ସଳ ଏହିଠାରେହିଁ ଗ୍ରହଣ କରିବେ । ପ୍ରତ୍ୟେକ ଅବସ୍ଥାରେ ଭକ୍ତମାନଙ୍କ କଳଙ୍କର ଆଘାତ ଏହି ସ୍ଥାନକୁ ପ୍ରକମ୍ପିତ କରିବ । ଭୃଗୁ ସ୍ପଷ୍ଟ ଦେଖିପାରିଲେ, ତାଙ୍କର କ୍ରୋଧ ଓ କ୍ରୋଧଯୁକ୍ତ ଭାବନା ଏହି ସ୍ଥାନରେ ହିଁ କେନ୍ଦ୍ରୀଭୂତ ହୋଇଯାଇଛି ଏବଂ ସେହି ସ୍ଥାନରୁ ହିଁ ଜ୍ଞାନଜ୍ୟୋତିଃ ରଶ୍ମୀ ନିର୍ଗତ ହୋଇ ତାଙ୍କ ଶରୀରରେ ପ୍ରବେଶ କରୁଛି ।

ଅଙ୍ଗୁଳିଗୁଡ଼ିକ ପରେ ପାଦର ଅନ୍ୟ ଯେଉଁ ଅଂଶ (ପାଦୁକା ପରି) ରହିଲା, ସେଥିରେ ୩୨ (ବତ୍ରିଶ) ଟି ରେଖା ଅଙ୍କିତ ହୋଇଛି । ପ୍ରତି ରେଖାରେ ଅଦ୍ଭୁତ ଜ୍ଞାନବୀଜ, ରହସ୍ୟ ଉଦ୍‌ଭାସିତ ହେଉଛି । ଯଥା : ୧-ଅତୟ, ୨-ଆହିନ୍ଧ, ୩-ଇକ୍ଷୁଃ, ୪-ବହୋଣୀ, ୫-ପ୍ରବିକ୍ଷା, ୬-ନିତୋଙ୍ଗ, ୭-ଇଶୋୟ, ୮-ଭାସ୍ୱଃ, ୯-ଭୃଣକ୍ଷ୍ମ, ୧୦-ଅତ୍ରୋଃ, ୧୧-କୃଞ୍ଚବ, ୧୨-ଖଦ୍ୟୋତିଃ, ୧୩-ଗଣଧ, ୧୪-ଘବକ୍ଷକ, ୧୫-ଚଗୌଚିତ୍ରଃ, ୧୬-ଛଖୋନ୍ଧକ, ୧୭-ଜତୁମକ୍ଷୀ, ୧୮-ଝଲ୍ଲୁଭା, ୧୯-ନିଷ୍କୋତ୍ରିଃ, ୨୦-ଟଣକ୍ରୟଃ, ୨୧-ପ୍ରାୟମ୍ନନ, ୨୨-ରଧିଭୁବି, ୨୩-ଶ୍ରୀବଣେଇ, ୨୪-ଡ଼ିମ୍ନକ୍ଷୟ, ୨୫-ଠଣକାର, ୨୬-ଥୁସକମ୍ଭୁ, ୨୭-ଦିକୋନ୍ଦୟ, ୨୮-ଧୃତିବାଛ, ୨୯-ନୃତିକା, ୩୦-ଫଣୀ, ୩୧-ମୋହଦକାୟ, ୩୨-ଯୁବାଣୀ ।

ଉକ୍ତ ଦୁର୍ଲ୍ଲଭ ଦର୍ଶନ ପରେ ଋଷି ବଶିଷ୍ଠ, କ୍ରତୁ ଓ ଭୃଗୁ ସମ ସ୍ୱରରେ ସ୍ୱୀକାର କଲେ ଯେ, ରହସ୍ୟମୟ ପାଦଟି ଜ୍ଞାନାଲୋକର ଚିହ୍ନ ବା ଲାଞ୍ଛନ । ଏହି ଲାଞ୍ଛନ ମଧ୍ୟରେ ଭକ୍ତଙ୍କର ସମସ୍ତ କଳଙ୍କ (ଲାଞ୍ଛନ) ଭକ୍ତ ପ୍ରବର ଗ୍ରହଣ କରି ଭକ୍ତକୁ ଶୁଦ୍ଧ ନିର୍ମଳ କରାଉ ଅଛନ୍ତି । ତେଣୁ ପ୍ରଭୁଙ୍କୁ ସମ୍ବୋଧନ କଲେ **"ଶ୍ରୀବତ୍ସ ଲାଞ୍ଛନ"** । ନିଜ ବକ୍ଷଦେଶରେ ଲୋମାବର୍ତ୍ତରେ ପଦ ଲାଞ୍ଛନ ସୃଷ୍ଟି ସର୍ବପ୍ରଥମେ ଋଷିଶ୍ରେଷ୍ଠ, ରୁଦ୍ରରୂପୀ ଭୃଗୁଙ୍କର କ୍ରୋଧ ରୂପକ କଳଙ୍କ ଗ୍ରହଣ କରି ଜ୍ଞାନାଲୋକ ଦାନକରି ଥିବାରୁ ଏହି ଚିହ୍ନକୁ "ଭୃଗୁ ପଦଚିହ୍ନ" ବୋଲି ମଧ୍ୟ କୁହାଯାଏ । ସେହିଦିନୁ ଲୀଳାମୟ ଶ୍ରୀହରି ଶ୍ରୀବତ୍ସ, ଶ୍ରୀବତ୍ସଲାଞ୍ଛନ, ଶ୍ରୀବତ୍ସ ପଦଚିହ୍ନ ଧାରୀ ଇତ୍ୟାଦି ନାମରେ ଭକ୍ତମାନଙ୍କ ନିକଟରେ ପରିଚିତ ହୋଇ ଆସୁଛନ୍ତି ଏବଂ ଉକ୍ତ ପଦଚିହ୍ନ ଅଷ୍ଟାଦଶ ଚିହ୍ନ ବା ଆୟୁଧ ମଧ୍ୟରେ ଏକ ମୁଖ୍ୟ ଆୟୁଧ ଭାବରେ ପ୍ରଭୁଙ୍କ ସ୍ୱୀକୃତି ଲାଭ କରି ଆସୁଅଛି ।

ଦ୍ୱାପର ଯୁଗରେ ଯେତେବେଳେ ଜଗତ୍‌ପତି ଶ୍ରୀକୃଷ୍ଣ ଅବତାରରେ ମର୍ତ୍ତ୍ୟାବତରଣ କରିଥିଲେ, ନିଜ ଭକ୍ତ ବତ୍ସଳତାର ଆଉ ଏକ ପ୍ରମାଣ ସାବ୍ୟସ୍ତ କରି ଦର୍ଶନାଭିଳାଷୀ ଭକ୍ତପ୍ରବର ସୁଦାମାଙ୍କ ପାଦ ଧୌତ କରି ତାଙ୍କର

ସମସ୍ତ କଳଙ୍କ ନିଜ ବକ୍ଷକୁ ନେଇ ଯାଇଥିଲେ । ପ୍ରଭୁ/ସଖାଙ୍କ ପ୍ରେମରେ ମୋହିତ ସୁଦାମା ସେତେବେଳେ ଏହାର ପ୍ରକୃତ ରହସ୍ୟ ଠିକ୍ ଭାବରେ ବୁଝି ପାରି ନଥିଲେ । କିନ୍ତୁ ମନର ଜିଜ୍ଞାସା ଲୋପ ପାଇନଥିଲା । ପରବର୍ତ୍ତୀ ଜନ୍ମରେ ଏହି ସଖା ସୁଦାମା ଅଚ୍ୟୁତାନନ୍ଦ ମହାପୁରୁଷ ନାମରେ କଳିଯୁଗରେ ଆଜକୁ ୫୦୦ ବର୍ଷ ପୂର୍ବେ ଜନ୍ମ ଗ୍ରହଣ କରିଥିଲେ । ସେ ତାଙ୍କର ''ଗୁରୁଭକ୍ତିଗୀତା'' ଏକତ୍ରିଂଶ ଛନ୍ଦ ପ୍ରଥମ ଖଣ୍ଡ ୨୫/୨୬ ପଦରେ ନିଜର ଜନ୍ମ ପ୍ରମାଣ ଦେଇ କହିଛନ୍ତି :

ଗୋଲୋକରେ ସୁଦାମ ଯେ ନାମ ମୋର ଜାଣ । ସତ୍ୟଯୁଗେ କୃପାଜଳ ନାମ ହୋଏ ପୁଣ ।।୨୫।।
ତ୍ରେତୟା ଯୁଗରେ ନଳ ଶ୍ରୀରାମ ଗହଣେ । ଦ୍ୱାପରେ ସୁଦାମ ନାମ ଗୋରୁ ରଖି ବଣେ ।।୨୬।।

ଏହି ପ୍ରାତଃସ୍ମରଣୀୟ ପରମପୂଜ୍ୟ ମହାପୁରୁଷ ସାଧନ ଓ ସିଦ୍ଧିର ସର୍ବଶେଷ ପାହାଚରେ ପହଞ୍ଚି ଯାଇଥିଲେ । ତେଣୁ ଦ୍ୱାପରରେ ପ୍ରଭୁ କାହିଁକି ତାଙ୍କର ପାଦସ୍ପର୍ଶ ଓ ପ୍ରକ୍ଷାଳନ କରି ନିଜ ବକ୍ଷରେ ଚାପି ରଖିଥିଲେ, ସେ ରହସ୍ୟ ଉନ୍ମୋଚନ କରିବାକୁ କଠୋର ତପ ଆଚରଣ କରିଥିଲେ ଓ ତପ ଶେଷରେ ଶ୍ରୀବତ୍ସ ଲାଞ୍ଛନଙ୍କର ପୂର୍ଣ୍ଣ ଦର୍ଶନ ଲାଭ କରି ଭୃଗୁପଦଚିହ୍ନର ସାରଗର୍ଭ ତତ୍ତ୍ୱ ଜ୍ଞାନ ଗ୍ରହଣ କରିଥିଲେ । ଫାଲଗୁନ ପୂର୍ଣ୍ଣିମାର ପବିତ୍ର ରାତ୍ରିରେ ସେ ଏହି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ । ନିର୍ବିକଳ୍ପ ସମାଧିରେ ଉକ୍ତ ରୂପ ଦର୍ଶନ ସମୟରେ ସେ ବରଭିକ୍ଷା କରିଥିଲେ, ''ହେ ଭକ୍ତବତ୍ସଳ ! ଅଦ୍ୟାବଧି ଧରାପୃଷ୍ଠରେ ଭୃଗୁପଦଚିହ୍ନ ସହ ଆପଣଙ୍କର ଶ୍ରୀବତ୍ସ ଲାଞ୍ଛନ ପୂଜା ହୋଇନାହିଁ କିମ୍ବା ଉକ୍ତ ଦୁର୍ଲ୍ଲଭ ପାଦାକୃତି କୈବଲ୍ୟ ମଣ୍ଡଳର ରହସ୍ୟ ଉନ୍ମୋଚିତ ହୋଇନାହିଁ । ତେଣୁ ଭୋ ଦେବ ! ମୋତେ ବଚନ ଦିଅନ୍ତୁ, ଆପଣ ଏହି ଯୁଗ ଅନ୍ତକାଳରେ ଯେତେବେଳେ ଧରାପୃଷ୍ଠକୁ ମର୍ତ୍ତ୍ୟାବତରଣ କରି ଗୁପ୍ତଲୀଳା ସୂକ୍ଷ୍ମରେ ସଂରଚନ କରୁଥିବେ, ମୋର ଏହି ପବିତ୍ର ଦର୍ଶନ ଦିବସକୁ ସ୍ମରଣ କରି ନିଜେ ନିଜର ''ଶ୍ରୀବତ୍ସ ଲାଞ୍ଛନ'' ପୂଜା କରାଇବେ । ଭୃଗୁଙ୍କର କଳ୍ପିତ ବ୍ରହ୍ମଯଜ୍ଞର ଫଳ ସ୍ୱରୂପ ଶ୍ରୀବତ୍ସ ଲାଞ୍ଛନ ହୋଇ ଭକ୍ତର କଳଙ୍କ ଗ୍ରହଣ କରିଥିଲେ । ତେଣୁ କଳିଯୁଗ ଧର୍ମ ପ୍ରଭାବରେ କଳଙ୍କିତ ହୋଇଥିବା ଜୀବ/ପ୍ରାଣୀମାନଙ୍କର ସମସ୍ତ ଲାଞ୍ଛନ ବା କଳଙ୍କର ବିନାଶ ସହ ଶ୍ରୀବତ୍ସ ଲାଞ୍ଛନର ''ଅଦ୍ୱିତୀୟ'' ଜ୍ଞାନବୀଜ ମଣ୍ଡଳରୁ କ୍ଷରିତ ଜ୍ଞାନର ପ୍ରଭାବରେ ସତ୍ୱର ପ୍ରତିଷ୍ଠା ପାଇଁ ଆପଣ ''ଯୁଗଧର୍ମ ବ୍ରହ୍ମ ଯଜ୍ଞାନୁଷ୍ଠାନ'' କରାଇବେ । ଜଗଦୀଶ୍ୱରଙ୍କ ନିକଟରୁ ସ୍ୱୀକୃତି ପାଇବା ପରେ ତାଙ୍କର ସାଧନ ଓ ସମାଧିର ସ୍ତରକୁ ବିଚାରକୁ ନେଇ କେଉଁଦିନ ଉକ୍ତ ବର କାର୍ଯ୍ୟକାରୀ ହେବ ତାହାର ସ୍ପଷ୍ଟ ସୂଚନା ମଧ୍ୟ ଦର୍ଶନ କରିଥିଲେ । ସେ ସମ୍ପର୍କିତ ବିବରଣୀ ସେ ତାଙ୍କର ପ୍ରିୟ ଶିଷ୍ୟ ରାମଦାସଙ୍କୁ ମହାଭବିଷ୍ୟ ଗ୍ରନ୍ଥରେ କହିଥିଲେ । ଯଥା:

''ଏଥୁଅନ୍ତେ ଶୁଣ ଗୁପତ କଥା । ଶୁଣିଲେ, ଗୁଣିଲେ ଘୁରିବ ମଥା ।।
ଅଷ୍ଟବାଣେ ଷଡ଼ରତୁ ଯୋଖିବୁ । ଶତେକ ନାରାଚେ ଗୁଣ ତୁ ଦେବୁ ।।
ଷଡ଼ରିପୁ ସାଥେ ମିଶାଇ ଦେଇ । ଫଗୁ ଏଗାରକୁ ରହିବୁ ଧାୟୀ ।।
କୁମ୍ଭନବ ଗୁଣେ ବେନି ପୂର୍ଣ୍ଣିମା । ସପତ ଦିବସେ ଏଥୁଁ ମହିମା ।।
ପୂର୍ଣ୍ଣ ଦିବସରେ ଆହୁତି ହେବ । ଶ୍ରୀବତ୍ସ ଲାଞ୍ଛନ ପ୍ରକଟ ହେବ ।।
ନାମ, ଯାଗ, ବ୍ରହ୍ମ ଯଜ୍ଞ ଭେଟିବୁ । ସତ, ସଙ୍ଗତରେ ସାଙ୍ଗ ହୋଇବୁ ।।
ସପତ ଦିବସ କେତନ ଧ୍ୱଜା । ପୁରୁଷ ଆସିବ ଯାଗି ପରଜା ।।
ଭାବ ତୁ ଗରବ ନ କରି ବାବୁ । ଅନ୍ତର ମଧ୍ୟରେ ଚାପି ଧରିବୁ ।।
ତେବେ ତୁ ଜାଣିବୁ ସୁକ୍ଷମ ଖେଳ । କାଳ ପରବେଶ ଘୋଟିଲା ବେଳ ।।
ଧରମେ ଧାରଣା ଧିଆନ ଦେବୁ । ଜାଣିଥାରେ ବାବୁ କଳି ତରିବୁ ।।

ଏଠାରେ ମହାପୁରୁଷ ପୂଜା ଓ ଯଜ୍ଞ ଦିବସ ସମ୍ପର୍କରେ ସୂଚନା ଦେବାକୁ ଯାଇ କହନ୍ତି - ''ଅଷ୍ଟବାଣେ ଷଡ଼ରତୁ'' ଅର୍ଥାତ୍ ୮(ଆଠ)ରେ ୬(ଛଅ) ଯୋଖିବୁ ବା ମିଶାଇବୁ । ତା'ପରେ ''ଶତେକ ନାରୀଚେ ଗୁଣ''

ଦେବୁ । ଅର୍ଥାତ୍ ୮ରେ ୬ମିଶାଇ ୧୦୦ (ଏକଶତ) ଗୁଣନ କରିବୁ । ଏହାର ଫଳାଫଳ - ୮ + ୬ x ୧୦୦ = ୧୪୦୦ । ଏହି ଗୁଣଫଳକୁ ''ଷଡ଼ରିପୁ'' ଅର୍ଥାତ୍ ୬ ସହ ମିଶାଇ ଦେବୁ । ମିଶ୍ରଫଳ ୧୪୦୦+୬=୧୪୦୬ । ଏହି ୧୪୦୬ ସାଲ ''ଫଗୁ ଏଗାର'' ଅର୍ଥାତ୍ ଫାଲଗୁନ ଦି୧୧ନକୁ ଧ୍ୟାନରେ ରଖିବୁ । କୁମ୍ଭ ''ନବ ଗୁଣେ ବେନି'' ପୂର୍ଣ୍ଣିମା । ପୁନଶ୍ଚ କହୁଛନ୍ତି - ସେଦିନ କୁମ୍ଭ ମାସ (୯x୨)୧୮ ଦିନ ପୂର୍ଣ୍ଣିମା ତିଥି ହୋଇଥିବ । ଏହି ପୂର୍ଣ୍ଣିମାକୁ ଧରି ସପ୍ତଦିବସ ବ୍ୟାପି ମହିମା ପ୍ରକଟିତ ହେବ ଏବଂ ପୂର୍ଣ୍ଣଦିବସ ଅର୍ଥାତ୍ ପୂର୍ଣ୍ଣିମା ଦିନ ଆହୁତି ହେବ । ଶ୍ରୀବତ୍ସ ଲାଞ୍ଛନ ପ୍ରକଟ ହେବେ । ତାଙ୍କ ସହ ନାମ, ଯାଗ ଓ ବ୍ରହ୍ମଯଜ୍ଞ ଦର୍ଶନ କରିବୁ । ସତ୍‌ସଂଗରେ ସାଙ୍ଗ ହେବୁ । ସପ୍ତଦିବସ ବ୍ୟାପି କେତନ ଧ୍ୱଜା ଉଡ଼ିବ । ଏହି ଯୋଗ, ଲଗ୍ନ, କରଣରେ ପୁରୁଷ (ଏଠାରେ ମହାପୁରୁଷ ବରପ୍ରାପ୍ତି ହୋଇଥିବା ଶ୍ରୀବତ୍ସ ଲାଞ୍ଛନଙ୍କର କଳି ମର୍ତ୍ତାବତରିତ ନର ଶରୀରକୁ ପୁରୁଷ ସମ୍ବୋଧନ କରିଛନ୍ତି ।) ସେହି ପବିତ୍ର ସ୍ଥଳକୁ ବିଜେ ହେବେ । ମନରେ ଗର୍ବ, ଅହଙ୍କାର ନ କରି ଅନ୍ତର ମଧ୍ୟରେ କେବଳ ଭାବ ଚାପି ଧରିବୁ । ତାହେଲେ ସୂକ୍ଷ୍ମ ଖେଳ ଜାଣି ପାରିବୁ । ଯାଣିବୁ ଏହିଦିନ ଠାରୁ କାଳ ପ୍ରବେଶ କରି ଧ୍ୱଂସ କ୍ରିୟା ଆରମ୍ଭ କରିବ । ଧର୍ମ, ଧାରଣାରେ ଯଦି ଧ୍ୟାନ ରଖିବୁ, ତେବେ ଯାଇ ଏ କାଳହାତରୁ ନିସ୍ତାର ପାଇ କଳି ତରିଯିବୁ ।

ପୁନଶ୍ଚ ମହାପୁରୁଷ ଅଚ୍ୟୁତ ତାଙ୍କର ''ମନ ଚୈତନ୍ୟ ସମ୍ବାଦ''ରେ ଉଲ୍ଲେଖ କରିଛନ୍ତି ଯେ, ଦ୍ୱାପରଯୁଗରେ ''କର୍ଣ୍ଣ ଜହଁର'' ଋଷି ନିର୍ବିକଳ୍ପ ସମାଧିରେ ପହଞ୍ଚି ''ସୁମାଖୁର୍ଣ୍ଣି'' ମଣ୍ଡଳ ଦର୍ଶନ କରି ସେହି ମଣ୍ଡଳ ଅନନ୍ତର୍ଗତ ସମସ୍ତ ଜ୍ଞାନ ଆହରଣ କରିଥିଲେ । ସେତେବେଳେ ସେ ଶ୍ରୀବତ୍ସ ଲାଞ୍ଛନ ରୂପ ଦର୍ଶନ କରି, କଳିଯୁଗରେ ତାଙ୍କର ଆଶ୍ରମ ଅନ୍ତର୍ଗତ ସ୍ଥାନରେ ଶ୍ରୀବତ୍ସ ଲାଞ୍ଛନ ପୂଜା ଓ ବ୍ରହ୍ମଯଜ୍ଞ ଅନୁଷ୍ଠାନ କରାଇବା ପାଇଁ ବରଭିକ୍ଷା କରିଥିଲେ । ଏହି ଋଷି ସତ୍ୟଯୁଗରେ ''କୁଚେୟ'' ନାମ ଧାରଣ କରି ବ୍ରହ୍ମଯଜ୍ଞ ପ୍ରତ୍ୟହ କରୁଥିଲେ ଓ ଲୟାଙ୍ଗ ସିଦ୍ଧି ପ୍ରାପ୍ତ ହୋଇଥିଲେ । ବାରିପଦା ନିକଟବର୍ତ୍ତୀ ''କୁଚେଇ'' ସ୍ଥାନଟି ତାଙ୍କର ଆଶ୍ରମ ଥିଲା । ତ୍ରେତୟାରେ ମଧ୍ୟ ଏହି ସ୍ଥାନରେ ସେ ଶରୀର ଧାରଣ କରି ରହିଥିଲେ ଓ ତ୍ରେତୟାର ଶେଷ ଅବସ୍ଥାରେ ଶରୀର ପରିବର୍ତ୍ତନ କରିଥିଲେ । ଦ୍ୱାପରରେ ପୁନର୍ବାର ଦେହ ଧାରଣ କରି କୋଶଳ ରାଜ୍ୟ ଓ ବିରାଟ ରାଜ୍ୟର ସୀମାରେ ''କର୍ଣ୍ଣ ଜହଁର'' ନାମ ଧାରଣ କରି ତପଃ ଆଚରଣ କରିଥିଲେ । ନିର୍ବିକଳ୍ପ ସମାଧିରେ 'ସୁମାଖୁର୍ଣ୍ଣା' ମଣ୍ଡଳ ଭେଦ କରିଥିବାରୁ ତାଙ୍କ ତପସ୍ଥଳୀର ନାମ 'ସୁମାଖୁର୍ଣ୍ଣ' ରଖିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅପଭ୍ରଂଶ ହୋଇ ସ୍ଥାନଟିର ନାମ ଶାମାଖୁଣ୍ଟା ହୋଇଅଛି । ସତ୍ୟଠାରୁ ଦ୍ୱାପର ଶେଷ ପର୍ଯ୍ୟନ୍ତ ତାଙ୍କର ସାଧନ କର୍ମର ସ୍ମାରକ ''ବ୍ରହ୍ମଯଜ୍ଞ'' ଓ ଇଷ୍ଟଦେବ ''ଶ୍ରୀବତ୍ସଲାଞ୍ଛନ'' ପୂଜା ଏହି ମଣ୍ଡଳ ଅନ୍ତର୍ଗତ ''ବାରିପଦା'' ଠାରେ ଅନୁଷ୍ଠିତ କରାଇବାକୁ ବରଭିକ୍ଷା କରିଥିଲେ । ଏହି ଋଷିଙ୍କର ବ୍ୟତୀତ ''ବାରିଣୀ'' ନାମକ ଅନ୍ୟ ଜଣେ ମୁନି ବଳାଙ୍ଗୀ (ବର୍ତ୍ତମାନ ନାମ ବୁଢ଼ାବଳଙ୍ଗ) ନଦୀ ତୀରରେ ତାଙ୍କର ତପଃସ୍ଥଳୀ ନିର୍ମାଣ କରିଥିଲେ । ତାଙ୍କର ସୁକନ୍ୟାଟିଏ ଥିଲେ । ତାଙ୍କର ନାମ ''ପ୍ରଦା'' । ଏହି କନ୍ୟା ପ୍ରଥମରୁ ହିଁ ପରମ ବୈଷ୍ଣବୀ ଭାବରେ ବାସୁଦେବଙ୍କୁ ଆରାଧନା କରୁଥିଲେ ପିତାଙ୍କ ନାମ ''ବାରିଣୀ'' ଓ କନ୍ୟାଙ୍କ ନାମ ପ୍ରଦା । ଏହି ଦୁଇନାମର ମିଶ୍ରଣରେ ସ୍ଥାନଟିର ନାମକରଣ ହୋଇଥିଲା ''ବାରିଣୀପ୍ରଦା'' (ଅପଭ୍ରଂଶ ହୋଇ ବର୍ତ୍ତମାନ ନାମ ବାରିପଦା) । ବୈଷ୍ଣବୀ ପ୍ରଦା ତାଙ୍କର ତପଃ ଶେଷରେ ଉକ୍ତ ପବିତ୍ର ସ୍ଥାନଟିରେ ବାସୁଦେବଙ୍କର ଦର୍ଶନ ଲାଭ କରିଥିଲେ । ପ୍ରଭୁଙ୍କ ବକ୍ଷଦେଶରେ ଜ୍ୟୋତିଃ ମଧ୍ୟରେ ''ଭୃଗୁପଦ ଚିହ୍ନ'' ଦର୍ଶନ କରି ଶ୍ରୀବତ୍ସ ନାମକୁ ହୃଦୟରେ ଦୃଢ଼ କରିନେଇଥିଲେ ଏବଂ ପୁନରାୟ ଶ୍ରୀବତ୍ସ ରୂପରେ ଦର୍ଶନ ପାଇଁ ଅଳି କରିଥିଲେ । ପରବର୍ତ୍ତୀ ଯୁଗରେ (କଳି) ପ୍ରଭୁ ଯେତେବେଳେ ପୁନରାୟ ମାନବ ଶରୀର ଧାରଣ କରି ମର୍ତ୍ତ୍ୟାବତରଣ କରିବେ, ସେହି ସମୟରେ ଏହି ପବିତ୍ର ସ୍ଥାନରେ ଉପସ୍ଥିତ ରହି ଶ୍ରୀବତ୍ସ ପୂଜା ସହ ବ୍ରହ୍ମଯଜ୍ଞ ଓ ସନାତନ କେତନ ଉତ୍ତୋଳନର ବଚନ ଦେଇଥିଲେ । ଯଥା :-

ବଡ଼ ସନ୍ଧି କଥା ପୁଛିଲୁ ରାମ । ଶ୍ରୀବତ୍ସ ଲାଞ୍ଛନ ପୂଜାର କାମ ॥
''କୁତେୟ'' ସତ୍ୟରେ ମୁନି ପ୍ରମାଣ । ତପରେ ଲଭନ୍ତି ସେ ବ୍ରହ୍ମ ଜ୍ଞାନ ॥
ଲୟାଙ୍ଗ ଯୋଗରେ ପାଇ ସେ ସିଦ୍ଧି । ତ୍ରେତୟା ଶେଷକୁ ରଖିଲେ ବାନ୍ଧି ॥
ତ୍ରେତୟା ଯୁଗ କୋଶଳକୁ ଜାଣ । ବିରାଟ ରାଜ୍ୟର ଅଟେ ମୁହାଣ ॥
କର୍ଣ୍ଣ ଜହ୍ନର ସେ ହୋଇ ଦ୍ୱାପରେ । ଭେଦି ମଣ୍ଡଳ ସୁମାଖୁର୍ଣ୍ଣା ପାରେ ॥
ଲଭି ଶ୍ରୀପଦ ରଜ୍ଜୁ ତତ୍ତ୍ୱଜ୍ଞାନ । କଳିରେ ମୋହର ଭାବର ଜ୍ଞାନ ॥
ଶ୍ରୀବତ୍ସ ଲାଞ୍ଛନ ଦର୍ଶନ କରି । ମାଗିନେଲେ ବ୍ରହ୍ମଯଜ୍ଞକୁ ବରି ॥
ବାରିଣୀ ମୁନି ଯେ କଠୋର ତପି । ବଳାଙ୍ଗୀ ତୀରରେ ଆଶ୍ରମ ଥାପି ॥
ପ୍ରଦା ନାମେ କନ୍ୟା ବୈଷ୍ଣବି ଭାବ । ବାସୁଦେବ ପ୍ରେମେ ଧରଇ ନାବ ॥
ପିତା, ପୁତ୍ରୀ ନାମେ ଯୋଗୀ କୁଟୀର । ବାରୀଣୀପ୍ରଦା ଯେ ନାମ ତାହାର ॥
ଦ୍ୱାପର ପତି ସେ ନନ୍ଦ ଦୁଲାଳ । ବାରିଣୀ ପ୍ରଦାରେ କରିଲେ ଖେଳ ॥
ବକ୍ଷେ ଭୃଗୁପଦ ଦେଖି ସେ ବାଳା । ଶ୍ରୀବତ୍ସ ନାମକୁ କରିଲା ମାଳା ॥
ବରମାଗି ନେଲା ମୁନି ଦୁହିତା । କଳିରେ ମାଖିବ ଶ୍ରୀବତ୍ସ ଚେତା ॥
ବାରିଣୀ ପ୍ରଦାରେ କେତନ ଥାପି । କଳିରେ ତାରିବେ ପତିତ ପାପି ॥
ବ୍ରହ୍ମ ଯଜ୍ଞ କୁଣ୍ଡେ କଳଙ୍କ ନାଶ । ଭକତ ମେଳାରେ ମହୀ ଉଶ୍ୱାସ ॥
ତିନିରେ ତୁ ତିନି ଭାବ ଗୁଣିବୁ । ଦଶାକୁ ସେଥିରେ ମିଶାଇ ଦେବୁ ॥
ବାରିପଦା ଠାରେ ଖେଳକୁ ଚାହିଁ । ଫିରିଙ୍ଗି ଅଷ୍ଟକେ ଏକ ମିଶାଇ ॥
ଦକ୍ଷିଣେ ନଅକୁ ଥାପିଣ ଦେବୁ । ଫଗୁଣ ମାସରେ ଲୀଳା ଦେଖିବୁ ॥
ଶ୍ରୀବତ୍ସ ଲାଞ୍ଛନ ଉଭା ହୋଇବ । ନିଜ ପୂଜା ନିଜେ ଗୁପ୍ତରେ ନେବ ॥

ଏଠାରେ ମହାପୁରୁଷ ଇଂରାଜୀ ମସିହାର ସୂଚନା ଦେଇଛନ୍ତି । ଯଥା - ୩ x ୩ = ୯, ୯ + ୧୦=୧୯ ଫିରିଙ୍ଗି ଅଷ୍ଟକ = ୮ + ୧ = ୯, ଦକ୍ଷିଣେ ଆଉ ଏକ ନଅ = ୯୯, ଏହାକୁ ଏକତ୍ର ବସାଣ କରିବୁ ଅର୍ଥାତ୍ ୧୯୯୯ ମସିହା ଫଗୁଣ ମାସରେ ବାରିପଦାରେ ଶ୍ରୀବତ୍ସ ଲାଞ୍ଛନାର ଗୁପ୍ତଲୀଳା ଦେଖିବୁ ।

ଆଜି ସେହି ଦୁର୍ଲଭ ମୁହୂର୍ତ୍ତ । ପ୍ରଭୁ ''କର୍ଣ୍ଣ ଜହ୍ନର'' ମୁନି ଓ ସାଧ୍ୱୀ ''ପ୍ରଦା''ଙ୍କୁ ଦେଇଥିବା ବଚନକୁ ସତ୍ୟ ପ୍ରମାଣ କରି ଅଚ୍ୟୁତଙ୍କ ଦର୍ଶନ ଦିବସ ''ଫାଲଗୁନ ପୂର୍ଣ୍ଣିମା''କୁ କେନ୍ଦ୍ରରେ ରଖି ସପ୍ତଦିନ ବ୍ୟାପି ''ଶ୍ରୀବତ୍ସ ଲାଞ୍ଛନ ପୂଜା'' ଓ ''ବ୍ରହ୍ମଯଜ୍ଞାନୁଷ୍ଠାନ'' ଉତ୍ସବ ବାରିଣୀପ୍ରଦା (ବାରିପଦା) ଠାରେ ପାଳନ କରାଇଛନ୍ତି ।

ହେ ପୂଜ୍ୟ ଭକ୍ତବୃନ୍ଦ ! କଳ୍ପଯୁଗର ଏହି ଅମର ଗାଥା ଯିଏ ପ୍ରେମ, ଭକ୍ତି ଓ ବିଶ୍ୱାସର ସହ ପଠନ, ଶ୍ରବଣ, ମନନ କରିବ, ତା'ର ସମସ୍ତ କଳଙ୍କ ସେହି ''ଶ୍ରୀବତ୍ସ ଲାଞ୍ଛନ'' ନିଶ୍ଚୟ ନାଶ କରି ତାକୁ ଦିବ୍ୟାଲୋକ ଦର୍ଶନର ସୌଭାଗ୍ୟ ଦେବେ ଏଥିରେ ସନ୍ଦେହ ନାହିଁ । ଇଚ୍ଛାମୟଙ୍କର ମଙ୍ଗଳ ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

**ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**

ସ୍ୱର୍ଣ୍ଣକ୍ଷେତ୍ର
ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ
ଅଚ୍ୟୁତଗୁପ୍ତ ବ୍ରହ୍ମସଂଘ, ମାହାଙ୍ଗା, କଟକ ।

# ଆଶ୍ରମ ସନ୍ଦେଶ

| | | |
|---|---|---|
| ତା ୧୮.୩.୯୯ରିଖ-ଗୁରୁବାର | : | କଟକ ନଗରର ପ୍ରଫେସରପଡ଼ା ଶାଖାର ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇଅଛି । |
| ତା ୨୦.୩.୯୯ରିଖ-ଶନିବାର | : | କ୍ଷେତ୍ରପାଳ ଶାଖାର କେତନ ବାର୍ଷିକ ଉତ୍ସବ ଯଥାରୀତି ପାଳନ କରାଯାଇଅଛି । |
| ତା ୨୨.୩.୯୯ରିଖ-ସୋମବାର | : | ମାଳିହତା ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ପାଳନ କରାଯାଇଅଛି । |
| ତା ୨୩.୩.୯୯ରିଖ-ମଙ୍ଗଳବାର | : | ଅଁଳା ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇଅଛି । |
| ତା ୨୫.୩.୯୯ରିଖ-ଗୁରୁବାର | : | ଉଦୟପୁର ଓ ଜଳଶରପୁର ଶାଖାର ବାର୍ଷିକ ଉତ୍ସବ ଆଜି ନିରାଡ଼ମ୍ବର ଭାବରେ ପାଳିତ ହୋଇଅଛି । |
| | | - ଜଗତପୁରର କେଶବ ଭବନ ପରିସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଅଛି । |
| ତା ୩୦.୩.୯୯ରିଖ-ମଙ୍ଗଳବାର | : | ସ୍ୱର୍ଣ୍ଣକ୍ଷେତ୍ରର ଅଷ୍ଟମ ପ୍ରହର ନାମଯଜ୍ଞ ନିମନ୍ତେ ମଣ୍ଡପ ପୂଜା ଯଥାବିଧି କରାଯାଇଅଛି । |
| ତା ୩୧.୩.୯୯ରିଖ-ବୁଧବାର | : | ସ୍ୱର୍ଣ୍ଣକ୍ଷେତ୍ରରେ ଅଷ୍ଟମ ପ୍ରହର ନାମଯଜ୍ଞାନୁଷ୍ଠାନର ଅଧିବାସ ପୂଜା ଯଥାରୀତି କରାଯାଇଅଛି । |
| | | - ଠାକୁରା ଯଦୁନାଥଙ୍କର ଶ୍ରାଦ୍ଧ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଅଛି । |
| ତା ୧.୪.୯୯ରିଖ-ଗୁରୁବାର | : | ପ୍ରତିବର୍ଷ ଭଳି ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ମହାସମାରୋହରେ ଅନୁଷ୍ଠିତ ହୋଇଅଛି । |
| ତା ୨.୪.୯୯ରିଖ- ଶୁକ୍ରବାର | : | ସ୍ୱର୍ଣ୍ଣକ୍ଷେତ୍ରରେ ଅଷ୍ଟମ ପ୍ରହର ନାମଯଜ୍ଞ ଉଦ୍‌ଯାପନ ପରେ ପରେ ନଗର କୀର୍ତ୍ତନ କରାଯାଇଅଛି । |
| ତା ୮.୪.୯୯ରିଖ- ଗୁରୁବାର | : | ଜଳଶରପୁର ଶାଖାର ଗୁରୁଭାଇ ଜୟକୃଷ୍ଣ ମହାନ୍ତିଙ୍କ ବାସଗୃହରେ ବାର୍ଷିକ ନାମ ଅନୁଷ୍ଠିତ ହୋଇଯାଇଛି । |
| ତା ୧୧.୪.୯୯ରିଖ- ରବିବାର | : | ରାମକୃଷ୍ଣ ପୁରର ତ୍ରିଲୋଚନ ଭାଇଙ୍କ ବାସଗୃହରେ ବାର୍ଷିକ ନାମ ଅନୁଷ୍ଠିତ ହୋଇଯାଇଛି । |
| ତା ୧୨.୪.୯୯ରିଖ- ସୋମବାର | : | ଇନ୍ଦାର ଗୁରୁଭାଇ ତାରିଣୀ ପ୍ରସାଦ ପ୍ରଧାନଙ୍କ ବାସଗୃହରେ ବାର୍ଷିକ ନାମ ଅନୁଷ୍ଠିତ ହୋଇଅଛି । |
| ତା ୧୪.୪.୯୯ରିଖ- ବୁଧବାର | : | ଶିରିଶ ପାଳ ଶାଖାର କେତନ ସତ୍‌ସଙ୍ଗ ଅଧିବେଶନ ହୋଇଅଛି । |
| ତା ୧୬.୪.୯୯ରିଖ- ଶୁକ୍ରବାର | : | ବ୍ରାହ୍ମଣୀ ଶାଖାର କେତନ ବାର୍ଷିକ ଉତ୍ସବ ପାଳିତ ହୋଇଅଛି । |

ତା ୧୭.୪.୯୯ରିଖ- ଶନିବାର : ଭଳି ଶାଖାର କେତନ ବାର୍ଷିକ ଉତ୍ସବ ପାଳନ କରାଯାଇଅଛି ।

ତା ୧୭.୪.୯୯ରିଖ- ଶନିବାର ଠାରୁ ତା ୨୩.୪.୯୯ରିଖ ଶୁକ୍ରବାର ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ନିକଟସ୍ଥ ଭରତ୍‌ପୁରଠାରେ କ୍ଷୁରୀକ୍ଷ ବର୍ଣ୍ଣାଶ୍ରମ ବ୍ରହ୍ମଯଜ୍ଞ ଏବଂ ସତ୍‌ସଙ୍ଗ ଅଧିବେଶନ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି ।

ତା ୧୮.୪.୯୯ରିଖ- ରବିବାର : ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥିରେ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ଏବଂ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ପ୍ରତିଷ୍ଠା ଦିବସ କେନ୍ଦ୍ରାପଡ଼ା ଜିଲ୍ଲାର ଭରତପୁରଠାରେ ମହାସମାରୋହରେ ପାଳନ କରାଯାଇଅଛି । ଏହି ଅବସରରେ ପରିଷଦ୍‌ର କାର୍ଯ୍ୟନିର୍ବାହୀ ସଭାକୁ ଶ୍ରୀଶ୍ରୀ ଗୁରୁସ୍ୱାମୀ ଭାଙ୍ଗି ଦେଇଥିବା ସମ୍ବାଦ ଘୋଷଣା କରାଯାଇଅଛି ।

- ଆଜି କୁଳିଆ, ବରାହୀପୁର, ଶୁକୁଳି ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଅଛି ।

- ଆଜି ଏହି ପୂଣ୍ୟ ତିଥିରେ କ୍ଷିତିଜ୍ୟୋତିଃ ଆଶ୍ରମର ବିଭିନ୍ନ ଶାଖା, ପ୍ରସ୍ତାବିତ ଶାଖା, ଅଣଆନୁଷ୍ଠାନିକ ଶାଖାରେ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ପାଳନ କରାଯାଇଅଛି ।

ତା ୨୦.୪.୯୯ରିଖ- ମଙ୍ଗଳବାର : ବଡ଼ପାଳଦା ଶାଖାର କେତନ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି ।

ତା ୨୬.୪.୯୯ରିଖ- ସୋମବାର : ମାହାଳ ଶାଖାର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଅଛି ।

ତା ୩୦.୪.୯୯ରିଖ- ଶୁକ୍ରବାର : ଶୈବ୍ୟା କାବେରୀ ତୀର୍ଥର ବାର୍ଷିକ ଉତ୍ସବ ପାଳିତ ହୋଇଛି ।

- ରାଜନଗର, ଚାନ୍ଦୋଳ ଓ ସଠିଲ ଶାଖାର କେତନ ବାର୍ଷିକ ଉତ୍ସବ ପାଳନ କରାଯାଇଅଛି ।

ତା ୭.୫.୯୯ରିଖ- ଶୁକ୍ରବାର : ଯଶପଡ଼ା ଶାଖାର କେତନ ବାର୍ଷିକ ଉତ୍ସବ ପାଳିତ ହୋଇଅଛି ।

ତା ୧୨.୫.୯୯ରିଖ- ବୁଧବାର : କାଳିକାପୁର ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ପାଳନ କରାଯାଇଅଛି ।

ତା ୧୫.୫.୯୯ରିଖ- ଶନିବାର : ବୈଦ୍ୟନାଥ ଶାଖାର କେତନ ବାର୍ଷିକ ଉତ୍ସବ ପାଳନ କରାଯାଇଅଛି ।

ତା ୧୭.୫.୯୯ରିଖ- ସୋମବାର : କାଳିଅନ୍ତି ଓ ନୂଆଗାଁ ଶାଖାର କେତନ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଅଛି ।

ତା ୧୯.୫.୯୯ରିଖ- ବୁଧବାର : କୁଣାହାରର ଗୁରୁଭାଇ ଚନ୍ଦ୍ରମଣି ସାମଲଙ୍କ ବାସଗୃହରେ ବାର୍ଷିକ ନାମ ଅନୁଷ୍ଠିତ ହୋଇଅଛି ।

ତା ୨୩.୫.୯୯ରିଖ- ରବିବାର : ଗୋବିନ୍ଦପୁର (ଢେଙ୍କାନାଳ) ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ପାଳିତ ହୋଇଅଛି ।

ତା ୨୦.୫.୯୯ରିଖ- ଗୁରୁବାର : ଆଜିଠାରୁ କେନ୍ଦୁଝର ଜିଲ୍ଲାର ପଦ୍ମପୁରଠାରେ ଲକ୍ଷ୍ମୀ ପଡ଼ିଆ ପରିସରରେ ଶୁଦ୍ଧସୂୟା ଯଜ୍ଞ ଓ କେତନ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇ ତା ୨୫.୫.୯୯ରିଖ ମଙ୍ଗଳବାରରେ ଉଦ୍‌ଯାପିତ ହୋଇଅଛି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି